

‘ଏକ ଚତୁର ନାର୍’ରେ ଦିବ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ରେଳ ଧାରଣାରୁ ଉତ୍ପାଦନ ହେବ ବିଜୁଳି

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ଏଣିକି ରେଳ ଧାରଣାରୁ ମଧ୍ୟ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। ଭାରତୀୟ ରେଳବାଇ ପକ୍ଷରୁ ବାରାଣାସୀରେ ଏକ୍ଷେତ୍ରରେ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଛି, ଯାହା ଆଗାମୀ ଦିନରେ ଦେଶରେ ଶକ୍ତି ଉତ୍ପାଦନର ଚିତ୍ର ବଦଳାଇ ପାରିବ। ଏପର୍ଯ୍ୟନ୍ତ ଆମେ ରେଳ ଧାରଣାରେ ଟ୍ରେନ ଚାଲୁଥିବା ଦେଖିଛୁ, କିନ୍ତୁ କେବେ ଭାବିନାହୁଁ ଯେ ଏହି ଟ୍ରାକ୍‌ରୁ ମଧ୍ୟ ବିଦ୍ୟୁତ ଉତ୍ପାଦନ ହୋଇପାରିବ। ରେଳବାଇ ଏହାର ଟ୍ରାକ ମଝିରେ ସୌର ପ୍ୟାନେଲ ସ୍ଥାପନ କରିବା ଆରମ୍ଭ କରିଛି,



### ଟ୍ରାକରେ ଲାଗିଲା ସୌର ପ୍ୟାନେଲ୍
### ବାରାଣସୀ ଲୋକୋମୋଟିଭ୍ ୱାର୍କ୍ସରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ

ଯେଉଁଥିରୁ ଉତ୍ପାଦିତ ବିଦ୍ୟୁତ୍‌ରୁ ଟ୍ରେନ୍‌କୁ ବିଜୁଳି ଶକ୍ତି ମିଳୁଛି। ଏହି ପ୍ରଯୁକ୍ତିବିଦ୍ୟା କେବଳ ପରିବେଶ ଅନୁକୂଳ ନୁହେଁ, ବରଂ ରେଳବାଇକୁ ଆତ୍ମନିର୍ଭର କରିବା ଦିଗରେ ବଡ଼ ସଫଳତା ସାବ୍ୟସ୍ତ ହେବ। ସ୍ୱାଧୀନତା ଦିବସ ଅବସରରେ, ବାରାଣସୀ ଲୋକୋମୋଟିଭ୍ ୱାର୍କ୍ସ (ବିଏଲ୍‌ଡବ୍ଲ୍ୟୁ) ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ସକ୍ରିୟ ରେଳ ଧାରଣା ମଝିରେ ଦେଶର ପ୍ରଥମ ଅପସାରଣୀୟ ସୌର ପ୍ୟାନେଲ ସିଷ୍ଟମ ସ୍ଥାପନ କରିଛି। ଏହି ପ୍ରକଳ୍ପ ଲାଇନ ନମ୍ବର-୧୯ ରେ ଆରମ୍ଭ ▶ପୃଷ୍ଠା-୭

## ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ

■ ହାଇଦରାବାଦ୍, ୧୮।୮ (ଏଜେନ୍ସି): ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ



ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡ଼ିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

### ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ ‘ଭୋଟ ଚୋରି’ ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▶ପୃଷ୍ଠା-୭



### ବଢୁଛି ଭୋଟର ଜାଲିଆତି ବିବାଦ
### ସଂସଦରେ ଅଚଳାବସ୍ଥା ଜାରି

## ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟାଯାଇଥିବା ୬୫ ଲକ୍ଷ ଲୋକଙ୍କ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଯେଉଁ ଚିଠାତାଲିକା ଜାରି କରିଥିଲେ, ।।ସେଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟାଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ଏହି ୬୫ ଲକ୍ଷ ଭୋଟରଙ୍କ ନାମ ତାଲିକା ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ▶ପୃଷ୍ଠା-୭

# ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

### ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ ଭୁବନେଶ୍ୱର, ୧୮।୮ (ସମିସ): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିସନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରିଥିଲା । ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମ୍‌ରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ▶ପୃଷ୍ଠା-୭

### ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର

■ ଭୁବନେଶ୍ୱର, ୧୮।୮ (ସମିସ): ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା ▶ପୃଷ୍ଠା-୭



### ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ

## ଆରୋଗ୍ୟ କାମନା କଲେ ରାଜନାଥ

■ ଭୁବନେଶ୍ୱର, ୧୮।୮ (ସମିସ): ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ଉପରାଷ୍ଟ୍ରପତି ପଦ ଲାଗି ଏନ୍‌ଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ସେ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏସମ୍ପର୍କରେ ନବୀନ କ’ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନ୍‌ଡିଏର ପ୍ରାର୍ଥୀ ଯେପରି ବିନା ▶ପୃଷ୍ଠା-୭

### ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସମର୍ଥନ

# ଖୁବ୍‌ଶୀଘ୍ର ୧୮୪୦ ଡାକ୍ତର ନିଯୁକ୍ତି

■ ଭୁବନେଶ୍ୱର, ୧୮।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ନିଯୁକ୍ତି ପାଇବେ ୧୮୪୦ ଡାକ୍ତର ଓ ୫୦୦୦ରୁ ଅଧିକ ପାରା ମେଡ଼ିକାଲ କର୍ମଚାରୀ। ସୋମବାର ଲୋକସେବା ଭବନରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଅବସରରେ ଏହି ସବୁ ପଦ ପୂରଣ ସହ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଡ଼ାକ୍ତର ନିଯୁକ୍ତି ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବୈଠକରେ ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡିଥିବା ଆସିଷ୍ଟାଣ୍ଟ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ପ୍ରଫେସର ପଦ ଖୁବଶୀଘ୍ର ପୂରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ପ୍ରତ୍ୟେକ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ସମନ୍ୱିତ ଟ୍ରମା କେୟାର କେନ୍ଦ୍ର ସ୍ଥାପନ, ଦୁର୍ଗମ ଓ କଠିନ ଅଞ୍ଚଳଗୁଡ଼ିକରେ ନିଯୁକ୍ତ ଡ଼ାକ୍ତରମାନଙ୍କର ପ୍ରୋତ୍ସାହନ ରାଶି ବୃଦ୍ଧି, ଆୟୁଷ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।



### ▶▶ ପୂରଣ ହେବ ମେଡିକାଲ କଲେଜରେ ପ୍ରଫେସର ପଦ
### ▶▶ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ଯିବେ ଅଧିକ ଡାକ୍ତର

ଅନ୍ୟପକ୍ଷରେ ଡାକ୍ତରଙ୍କ ସମସ୍ୟା, ନିଯୁକ୍ତି, ବେତନ, ମେଡିକାଲ ଶିକ୍ଷାରେ ସିଟ ବୃଦ୍ଧି ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବାପାଇଁ ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଡ. ବୃନ୍ଦା ଡି, ଓଡ଼ିଶା ଷ୍ଟେଟ୍ ମେଡିକାଲ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଡ. ପୋମା ଟୁଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

# ଦାଗୀ ସଂସ୍ଥାକୁ ଅନୁଗ୍ରହ

■ ଭୁବନେଶ୍ୱର, ୧୮।୮ (ସମିସ): ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧି ବୃଦ୍ଧିକୁ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ କେଟିପିଏଲ୍ ୫ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ▶ପୃଷ୍ଠା-୭

### ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ
### ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ

### ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ ବରଗଡ଼, ୧୮।୮ (ସମିସ): ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-



### ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ
### ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର

ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ▶ପୃଷ୍ଠା-୭

ଆଜି ଆସିଥିଲେ

## ସଂଗ୍ରାମୀ ସରଳା



ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରିଥିଲେ, ତନ୍ମଧ୍ୟରେ ସରଳା ଦେବୀ ଥିଲେ ଅନ୍ୟତମ। ୧୯୦୪ ମସିହା ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ନରିଲୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ସରଳା ଥିଲେ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ। ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବାକୁ ବେଶୀ ପସନ୍ଦ କରୁଥିଲେ। ସେ ମୁଣ୍ଡରେ ଲୁଗା ଦେଉ ନ ଥିଲେ ଓ ଛୁଆଁ ଅଛୁଆଁ ଭେଦଭାବକୁ ପସନ୍ଦ କରୁ ନ ଥିଲେ। ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ। ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ୧୪ ବର୍ଷ ବୟସରେ ସେ ଜଣେ ଜମିଦାରଙ୍କ ପୁତ୍ର ଭାଗିରଥୀ ମହାପାତ୍ରଙ୍କୁ ବିବାହ କରିଥିଲେ। ସ୍ୱାମୀ ଭାଗୀରଥୀ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ। ୧୫ ବର୍ଷ ବୟସରେ ସେ କୁଳବଧୂ ପରଦା ଆଡ଼େଇ ପଦାକୁ ବାହାରିଥିଲେ। ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦ ଶୋଭାଯାତ୍ରାରେ ସରଳା ନିଜକୁ ସାମିଲ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ। ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ସମୟରେ ତାଙ୍କର ଅହିଂସା ନୀତି ପ୍ରତି ସରଳା ଆକୃଷ୍ଟ ହୋଇଥିଲେ। ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ସେ ଓଡ଼ିଆରେ ଭାଷାନ୍ତର କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ଏହି ସଭାରେ ସେ ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ ଓ ଜୀବନରେ କେବେ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ନେଲେ। ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ନେତ୍ରୀଙ୍କ ମଧ୍ୟରେ ସରଳା ଥିଲେ ଅଗ୍ରଗଣ୍ୟା। ଇଞ୍ଚୁଡ଼ିଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନାରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତା ଭାବର ଉଦ୍ରେକ ପାଇଁ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସେମାନଙ୍କୁ ଉଦ୍‌ବୋଧନ ଦେଉଥିଲେ। ସେ ଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା। ବିଧାନସଭାରେ ନାରୀ ଶିକ୍ଷା, ବାଲ୍ୟ ବିବାହ ଆଇନ ସଂଶୋଧନ, ପୋଇଲି ପ୍ରଥା ଉଚ୍ଛେଦ ବିଧାନସଭାରେ ବିଲ୍ ଆଗତ କରି ସଫଳ ହୋଇଥିଲେ। ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା। ସେ ବିଧାନସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସାହିତ୍ୟର ବିଭିନ୍ନ ବିଭାଗ ଗଳ୍ପ, କବିତା, ଅନୁବାଦ, ଜୀବନୀ ପ୍ରବନ୍ଧରେ ସେ ଲେଖନୀ ଚାଳନା କରିଛନ୍ତି। ୧୯୮୬ ମସିହା ଅକ୍ଟୋବର ୪ରେ ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା।

## ଆଜିର ଇତିହାସ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା।
- ୧୯୭୩ - ଫ୍ରାନ୍ସ ପରମାଣୁ ପରୀକ୍ଷା କଲା।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୨୨ ଜଣଙ୍କ ମୃତ୍ୟୁ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି।

## ବିଶ୍ୱ ମାନବତା ଦିବସ



ମାନବିକତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର ଯୋଗୁ ମାନବ ସମାଜ ତିଷ୍ଠି ରହିଛି। ଜଣେ ବ୍ୟକ୍ତି ନିର୍ଭିକରେ ରହିବା ପାଇଁ ଆଉ ଜଣଙ୍କର ମାନବିକତା ଲୋଡ଼ା। ମାନବିକତା ହିଁ ସମାଜରେ ସଂସ୍କାର ଆଣେ। ତେଣୁ ଏହି ମାନବିକତାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ବା 'ୱାର୍ଲ୍ଡ ହ୍ୟୁମାନିଟାରିଆନ୍ ଡେ' ଭାବେ ପାଳନ କରାଯାଉଛି। ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ମୋଟ ୨୧ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ। ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା। ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି। ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି। ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ। ତଥାପି ମରିନାହିଁ ମାନବିକତା। କିଛି ହାତଗଣତି ଲୋକ ଏହାକୁ ବଞ୍ଚାଇ ରଖିଛନ୍ତି। ବିଶ୍ୱ ମାନବତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ମାନବତା ମୂଲ୍ୟବୋଧର ବିକାଶ କରିବା ସହ ଲୋକେ ପରସ୍ପରକୁ ବିପଦଆପଦରେ କିପରି ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିବେ ସେ ଦିଗପ୍ରତି ଅବଗତ କରାଇବା। ତେବେ ବିଶ୍ୱଶାନ୍ତି ତଥା ମାନବତାର ପ୍ରଚାର ପ୍ରସାର କରୁଥିବା କର୍ମୀମାନଙ୍କୁ ସ୍ୱୀକୃତି ଦେବା ତଥା ଏକ୍ଷେତ୍ରରେ କାର୍ଯ୍ୟ କରି ପ୍ରାଣ ହରାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ମୃତିଚାରଣ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ।

## ବିଶ୍ୱ ଫଟୋଗ୍ରାଫି ଦିବସ



ବିନା ଶବ୍ଦ, ବିନା ଭାଷାରେ ଯିଏ କଥା କୁହେ ସେ ହେଉଛି ଫଟୋ। ଏଇ ଫଟୋ ହିଁ ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ। ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ। ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ। ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ। ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି। କେବଳ ଯେ, ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ। ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫି ଜ୍ଞାନ। ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ। ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ। ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା। ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ। ବର୍ତ୍ତମାନ ଯିଏ ଯୋଉଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍‌ଫି ନେଇପାରୁଛି। ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା। ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗୁଏରେ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ। 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା। ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ ୧୮୩୯ ମସିହାରେ କରିଥିଲେ। ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲ୍ଡ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ। ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ। ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋକପ୍ରିୟତା ହାସଲ କରିଥିଲା। ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ଏକ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ। ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ।



## ନାଁ ନ ଥିବା ରେଲଷ୍ଟେସନ


ପ୍ରତିଦିନ ଲକ୍ଷାଧିକ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ସେହିପରି ପ୍ରତ୍ୟେକ ଷ୍ଟେସନର ନାଁ ଥିବା ସ୍ୱାଭାବିକ କଥା। ହେଲେ ଭାରତରେ ଏମିତି ବି ଏକ ରେଳ ଷ୍ଟେସନ ଅଛି, ଯାହାର କୌଣସି ନାଁ ନାହିଁ। ସେଥିପାଇଁ ଏହା ବେନାମୀ ରେଳ ଷ୍ଟେସନ ଭାବେ ପରିଚିତ। ୨୦୦୮ ମସିହାରୁ ଏହି ଷ୍ଟେସନକୁ ଟ୍ରେନ୍ ଆତଯାତ ଲାଗି ରହିଛି। ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ୩୫ କିଲୋମିଟର ଦୂରରେ ଏହା ଅବସ୍ଥିତ। ଏହି ବେନାମୀ ରେଳ ଷ୍ଟେସନକୁ ଦିନ ତମାମ ଅନେକ ଟ୍ରେନ ଆସେ। ତା'ସହ ମାଲବାହୀ ଟ୍ରେନ ବି। ଷ୍ଟେସନର ନାଁ ନ ଥିଲେ ବି ଟିକେଟ୍ କଟାଯାଏ। ବିନା ନାଁର ଏହି ଷ୍ଟେସନ ୧୭ ବର୍ଷ ଧରି ଚାଲୁଛି। ତେବେ ରେଳ ଷ୍ଟେସନର ନାଁ ନ ଥିବା ପଛରେ ଦୁଇଟି ଗାଁର(ରୈନା ଓ ରୈନାଗର) ବିବାଦ ଥିବା କୁହାଯାଏ। ଭାରତୀୟ ରେଳ ପକ୍ଷରୁ ଯେତେବେଳେ ଏହାକୁ ତିଆରି କରାଗଲା, ଏହାର ନାଁ ରୈନାଗର ରଖିଲା। ହେଲେ ସ୍ଥାନୀୟ ଲୋକ ଏହାକୁ ଆପତ୍ତି କଲେ ଏବଂ ଷ୍ଟେସନର ନାଁ ବଦଳାଇବାକୁ କହିଲେ। ମାମଲା ଏତେ ବେଶି ବଢ଼ିଲା ଯେ, ଏହା ଅଦାଲତରେ ପହଞ୍ଚିଲା। ସେବେଠୁ ହିଁ ଏହି ରେଳ ଷ୍ଟେସନ ବିନା ନାଁରେ ଚାଲୁଛି। ଏହି ଷ୍ଟେସନରେ ଫଳକ ଲାଗିଛି, ହେଲେ ଫଳକରେ କୌଣସି ନାଁ ଲେଖାଯାଇ ନାହିଁ। ଅବଶ୍ୟ ଅଜଣା ଲୋକେ ଏଠାକାର ଲୋକଙ୍କୁ ସେମାନେ କେଉଁ ଷ୍ଟେସନରେ ଅଛନ୍ତି ପଚାରି ବୁଝନ୍ତି। ସେହିପରି ଏହି ଷ୍ଟେସନରେ କେବଳ ବାଙ୍କୁଡ଼ା ମାସାଗ୍ରାମ ଯାତ୍ରୀବାହୀ ଟ୍ରେନ୍ ଅଟକି ଥାଏ। ଅନ୍ୟପଟେ ଏହି ଷ୍ଟେସନରେ ବିକ୍ରି ହେଉଥିବା ଟିକେଟ୍‌ରେ ପୁରୁଣା ନାଁ ରୈନାଗର ଲେଖା ଅଛି।

## 'ଏକ ଚତୁର ନାର'ରେ ଦିବ୍ୟା-ନୀଲ



ଟି-ସିରିଜ୍ ଏବେ ଏକ ନୂଆ ଫିଲ୍ମ ନେଇ ଆସୁଛି। ଏଥିରେ ଦିବ୍ୟା ଖୋସଲା ଓ ନୀଲ ନିତିନ୍ ମୁକେଶ ଲିଡ୍ ରୋଲରେ ନଜର ଆସିବେ। ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ ଦର୍ଶକ ଦେଖିବାକୁ ପାଇଛନ୍ତି। ଫିଲ୍ମ ନିର୍ମାତା ଏହାର ଦୁଇଟି ମୋସନ୍ ପୋଷ୍ଟର୍ ଜାରି କରିଛନ୍ତି। ଗୋଟିଏ ପୋଷ୍ଟର୍‌ରେ ଦିବ୍ୟା ଓ ନୀଲ ଗୋଟିଏ ଟେବୁଲ ପାଖରେ ଠିଆ ହୋଇ ରହିଛନ୍ତି। ଟେବୁଲରେ ଟମାଟୋ ଓ କ୍ୟାପ୍ସିକମ୍ ଆଦି ରହିଛି। ଦିବ୍ୟା ବାମ ହାତରେ ଗାଜର କାଟୁଥିବାବେଳେ କ୍ୟାମେରା ଆଡ଼କୁ ଅନାଇଥିବାର ଦେଖାଯାଇଛନ୍ତି। ନୀଲ ହ୍ୟାଫ୍ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରି ନଜର ଆସିଛନ୍ତି। ସେହିଭଳି ଦ୍ୱିତୀୟ ପୋଷ୍ଟରରେ ଦିବ୍ୟା ଆଖିରେ କଳା ଚଷମା ପିନ୍ଧିଛନ୍ତି। ତାଙ୍କ କେଶ ଏକ ଫୋନ୍‌ରେ ଗୁଡ଼ାଇ ହୋଇ ରହିଛି। ଫୋନ୍‌ର ଡିସ୍‌ପ୍ଲେରେ ନୀଲ ଡରିଯାଇଥିବାର ଦେଖାଯାଇଛନ୍ତି। ଫିଲ୍ମର ଟାଇଟଲ ଓ ପୋଷ୍ଟରରୁ ଏହା ଏକ କମେଡି ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି। ତେବେ ଫିଲ୍ମର ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଟି-ସିରିଜ୍ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଉମେଶ ଶୁକ୍ଲା ରହିଛନ୍ତି। ଏହା ୧୨ ସେପ୍ଟେମ୍ବରରେ ପରଦାକୁ ଆସିବ।

## ଦରମା ମିଳିବାର ପାଞ୍ଚ ମିନିଟ୍‌ରେ ଦେଲେ ଇସ୍ତଫା




ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ମଧ୍ୟରେ କେହି କେବେ ଚାକିରିରୁ ଇସ୍ତଫା ଦେବା କଥା ଚିନ୍ତା କରି ନ ଥିବେ। ତେବେ ଏମିତି ଏକ ଘଟଣା ଘଟିଛି। ଯାହାକି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଛି। ଜଣେ ଭାରତୀୟ ଏଚ୍‌ଆର୍ ପ୍ରଫେସନାଲ ଲିଙ୍କଡ୍‌ଇନ୍ ପୋଷ୍ଟରେ ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି। ଏଥିରେ ଜଣେ ଯୁବକଙ୍କୁ ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ପରେ ସେ ଇସ୍ତଫା ଦେଇଥିବା କଥା କୁହାଯାଇଛି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, ସକାଳ ୧୦ଟାରେ ଉକ୍ତ କର୍ମଚାରୀଙ୍କ ସାଲାରି କ୍ରେଡିଟ୍ ହୋଇଥିଲା ଏବଂ ୧୦ଟା ୫ରେ ସେ ତାଙ୍କର ଇସ୍ତଫାପତ୍ର ମେଲ୍‌କୁ ପଠାଇ ଦେଇଥିଲେ। ଏହା କେତେ ଦୂର ଠିକ୍ ବୋଲି ଏଚ୍‌ଆର୍ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, 'କମ୍ପାନି ଏହି କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେଲା, ତାଙ୍କ ଉପରେ ଭରସା କଲା ଏବଂ ତାଙ୍କୁ ତାଙ୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ଦେଲା। କେବଳ ସେତିକି ନୁହେଁ, ତାଙ୍କୁ ଟିମ୍‌ରେ ସାମିଲ କରାଯାଇ ସପ୍ତାହେ ପର୍ଯ୍ୟନ୍ତ ଟ୍ରେନିଂ ମଧ୍ୟ ଦିଆଗଲା। ଏତେ ସବୁ କରାଯିବା ପରେ ପାଞ୍ଚ ମିନିଟ୍‌ରେ ଚାକିରି ଛାଡ଼ିବା କ'ଣ ନୈତିକତା ଦୃଷ୍ଟିକୋଣରୁ ଠିକ୍!' ସେହିପରି ଏଚ୍‌ଆର୍ ଜଣକ ଆହୁରି କହିଛନ୍ତି, 'ଯଦି କାମ କି ପରିବେଶ ଠିକ୍ ନ ଲାଗେ, କର୍ମଚାରୀ ଖୋଲାଖୋଲି ଭାବେ ଆଲୋଚନା କରିବା ଦରକାର। ଭାବିଚିନ୍ତି କମ୍ପାନିରୁ ବାହାରିବା ଉଚିତ। କୌଣସି ଚାକିରି ସହଜ ହୋଇ ନ ଥାଏ। ପ୍ରତ୍ୟେକ ଚାକିରିରେ ଧୈର୍ଯ୍ୟ ଓ ପରିଶ୍ରମର ଆବଶ୍ୟକତା ଥାଏ।' ପ୍ରକୃତ ଉନ୍ନତି ପ୍ରଥମ ଦରମାରେ ନୁହେଁ, ଲଗାତାର ପ୍ରଚେଷ୍ଟା ଓ ଧୈର୍ଯ୍ୟରୁ ଆସିଥାଏ ବୋଲି ଏଚ୍‌ଆର୍ ଜଣକ କହିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ କିଛି ଲୋକ ଏଚ୍‌ଆର୍‌ର ପକ୍ଷରେ ଥିବାବେଳେ ଆଉ କେତେ ଜଣ ସମ୍ପୃକ୍ତ ଯୁବକଙ୍କୁ ସମର୍ଥନ କରିଛନ୍ତି।

## ଅଭିବାଦନ ପାଇଁ ଚର୍ଚ୍ଚାରେ ପ୍ରଧାନଶିକ୍ଷକ



ପେନସିଲଭାନିଆର ଜଣେ ପ୍ରଧାନଶିକ୍ଷକ ତାଙ୍କର ନିଆରା ଅଭିବାଦନ ଶୈଳୀ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି। ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସକାଳ ଅଭିବାଦନ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଲାନକାଷ୍ଟର ସ୍ଥିତ ପ୍ରୋଭିଡେନ୍ସ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ହେଉଛନ୍ତି ଜାକ ବାଉରମାଷ୍ଟର। ସେ ପିଲାମାନେ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ କାହା ସହିତ ହାତ ମିଳାଇ ତ ପୁଣି କାହାକୁ ହାଇ ଫାଇଭ୍ କରି ସ୍ୱାଗତ କରିଥାନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଜଣ ଜଣ କରି ସେ ପ୍ରତ୍ୟେକ ଛାତ୍ରଙ୍କ ସହ ଯେଭଳି ଭାବେ ଅଭିବାଦନ କରୁଛନ୍ତି, ଲାଗୁଛି ସତେ ଯେପରି ସେ ସେମାନଙ୍କର ଶିକ୍ଷକ ନୁହଁନ୍ତି, ବରଂ ସାଙ୍ଗ। ପ୍ରିନ୍ସିପାଲଙ୍କ ପିଲାଙ୍କ ପ୍ରତି ଏଭଳି ବ୍ୟବହାର ସ୍କୁଲ ପରିବେଶକୁ ଆନନ୍ଦମୟ କରି ଦେଇଛି। ତେବେ ଭିଡିଓର ଶୀର୍ଷକରେ ଲେଖା ଯାଇଛି, "ସ୍କୁଲ ଏପରି ଏକ ସ୍ଥାନ ଯେଉଁଠି ସମ୍ପର୍କ ତିଆରି ହୁଏ, ତେଣୁ ପିଲାଙ୍କ ହୃଦୟ ଜିତିବାକୁ ସେମାନଙ୍କ ଭଳି ହେବାକୁ ପଡ଼ିବ।" ଅବଶ୍ୟ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟ ପିଲାଙ୍କୁ ସ୍କୁଲ ଯିବା ଲାଗି ଏକପ୍ରକାର ଉତ୍ସାହିତ କରିପାରିଛି। ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଏହି ସ୍ୱଭାବକୁ ଲୋକମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା କରୁଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା

# ସନାତନ ଓ ରାମଜୀଙ୍କୁ ରିମାଣ୍ଡରେ ନେବ କ୍ରାଇମବ୍ରାଞ୍ଚ

**୭ ଅଭିଯୁକ୍ତଙ୍କ ଜାମିନ ଶୁଣାଣି ଘୁଞ୍ଚିଲା**

କଟକ, ୧୮।୮ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ହେଉଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ପୁଣି ଦୁଇ ଅଭିଯୁକ୍ତ ସନାତନ ବିଷୋୟୀ ଓ ରାମଜୀ ପ୍ରସାଦ ଗୁପ୍ତାଙ୍କୁ ଦିନକିଆ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ଏହି ଦୁଇଜଣଙ୍କୁ ୨ଦିନ ରିମାଣ୍ଡ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କଟକ ଜେଏମ୍ଏଫ୍‌ସି-୩ ଅଦାଲତରେ ଆବେଦନ କରାଯାଇଥିଲା। ଅଦାଲତ ଆସନ୍ତାକାଲି ଗୋଟିଏ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ କୁମାର ମିଶ୍ରଙ୍କୁ କ୍ରାଇମବ୍ରାଞ୍ଚ ଦୁଇ ଦିନିଆ ରିମାଣ୍ଡରେ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିଲା। କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର୍ ଶିକ୍ଷକ ସଂଘର ସଭାପତି ସନାତନ ବିଶୋଇଙ୍କ ପାଖକୁ ମଧ୍ୟ ଲିକ୍ ହୋଇଥିବା ପ୍ରଶ୍ନପତ୍ରର ନକଲ ଯାଇଥିଲା। ଗିରଫ ହୋଇଥିବା କଟକ ବାଦାମବାଡ଼ି ଅଞ୍ଚଳର ଅନ୍ୟତମ ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଏହି କାରବାରରେ ଦଲାଲ ଭୂମିକା ଗ୍ରହଣ କରିଥିଲେ। ଏଣୁ ଉଭୟଙ୍କୁ ଜେରା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଯୋଜନା କରିଛି କ୍ରାଇମବ୍ରାଞ୍ଚ।

ସେହିଭଳି ଏହି କେଲେଙ୍କାରୀରେ ଗିରଫ ହୋଇଥିବା ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ରଂଜନ ମହାନ୍ତିଙ୍କ ସମେତ ସମସ୍ତ ୭ ଅଭିଯୁକ୍ତଙ୍କ ଜାମିନ ମାମଲାର ଶୁଣାଣି ଆସନ୍ତା ୨୨ ତାରିଖକୁ ଘୁଞ୍ଚିଛି। କଟକ ଅତିରିକ୍ତ ଦୌରା ଅଦାଲତରେ ଅଭିଯୁକ୍ତମାନଙ୍କର ଜାମିନ ଆବେଦନ ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ କେସ ଡାଏରୀ ଦାଖଲ ପାଇଁ ଆଉ କିଛି ସମୟ ଲୋଡ଼ାଯାଇଥିଲା। ଅଦାଲତ ଏଥିପାଇଁ ଅନୁମତି ପ୍ରଦାନ କରିବା ସହ ଜାମିନ ଆବେଦନଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨କୁ ଧାର୍ଯ୍ୟ କରିଛନ୍ତି।

# ଶୌଚ ପାଇଁ ଯାଇଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ

**ସମ୍ବଲପୁରରେ ପୁଣି ଲଜ୍ଜା!**

- ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ନାବାଳକ ଅଟକ
- ଫେରାର୍ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍

ସମ୍ବଲପୁର, ୧୮।୮ (ସମିସ): ସମ୍ବଲପୁରରେ ପୁଣି ଲଜ୍ଜା। ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯିବା ଭଳି ଏକ ଆପରାଧିକ ଘଟଣା ଘଟିଛି। ନାବାଳିକାଜଣଙ୍କ ଶୌଚ ହେବାକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣାରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ମୁଖ୍ୟ ଅଭିଯୁକ୍ତଜଣଙ୍କ ହେଲା, ଯୁଯୁମୁରା ଥାନା ଝାଙ୍କରପାଲି ପଞ୍ଚାୟତର ସୁଶାନ୍ତ ମିର୍ଦ୍ଧା(୨୧)। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପରି, ଧରାପଡ଼ିଥିବା ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରାଯାଇଛି। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଯୁଯୁମୁରା ବ୍ଲକ୍ ଅଞ୍ଚଳରେ ପୀଡ଼ିତା ୧୪ ବର୍ଷୀୟା ନାବାଳିକା ସପରିବାରେ ରୁହନ୍ତି। ନାବାଳିକାଜଣଙ୍କ ନବମ ଶ୍ରେଣୀ ଛାତ୍ରୀ। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ୫ଜଣ ଅଭିଯୁକ୍ତ ନିକଟସ୍ଥ ଏକ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଯୁଯୁମୁରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଅଧାରରେ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୩ଜଣଙ୍କୁ ଧରିଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମିର୍ଦ୍ଧା ସହ ଅନ୍ୟ ୨ ନାବାଳକ ରହିଛନ୍ତି। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଏହା ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚାର୍ଜସିଟ୍ ଦାଖଲ ପୂର୍ବକ ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ଉଦ୍ୟମ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ଅବପାତରେ ପରିଣତ ହେଲା ଲଘୁଚାପ

- ୭ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା
- ୨୪ ବେଳକୁ ପୁଣି ଏକ ଲଘୁଚାପ

ଭୁବନେଶ୍ୱର, ୧୮।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇଛି। ବର୍ତ୍ତମାନ ଏହା ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସକ୍ରିୟ ରହିଥିବା ବେଳେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ମଙ୍ଗଳବାର ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଦେଇ ଗତି କରିବ। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ମଙ୍ଗଳବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଓ ରାୟଗଡ଼ା ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟର ଅନ୍ୟସ୍ଥାନରେ ଧୀରେଧୀରେ ବର୍ଷାର ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି। ମାତ୍ର, ପୁଣି ୨୩-୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟରେ କ୍ରମାଗତ ଭାବେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ କହିଛି। ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସାଗର ପ୍ରବଳ ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ, ଲଗାଣ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା ବ୍ୟାପକ ପ୍ରଭାବ ପଡ଼ିଛି। ବିଶେଷକରି ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅତ୍ୟଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି। ଗତ ୨୪ଘଣ୍ଟା ମଧ୍ୟରେ କୋରାପୁଟ କୋଟପାଡ଼ର ସର୍ବାଧିକ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛି। କୋରାପୁଟରେ ମଧ୍ୟ ଆଜି ସାଢ଼େ ୫ଟା ସୁଦ୍ଧା ୬୪ମିମି ବର୍ଷା ରେକର୍ଡ ହୋଇଛି। ପାରଳାଖେମୁଣ୍ଡିରେ ୪୯ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁରରେ ୩୩ ମିମି ବର୍ଷା ରେକର୍ଡ ହୋଇଛି।

ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୭୨.୮ ମିମି ତୁଳନାରେ ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା, ୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।

# ଗଣେଶ ଚତୁର୍ଥୀ ପୂର୍ବରୁ 'ନିଗମ' ଲଡୁ!

- ତାଲିକା ଧରି ଦିଲ୍ଲୀ ଗଲେ ମନମୋହନ
- ଦିଲ୍ଲୀ ବୈଠକରେ ଚୂଡ଼ାନ୍ତ ହେବ ନାମ

ଭୁବନେଶ୍ୱର, ୧୮।୮ (ସମିସ): ଗଣେଶ ଚତୁର୍ଥୀ ଓ ନୂଆଖାଇ ପୂର୍ବରୁ ଦଳୀୟ ଆଶାୟୀଙ୍କୁ ବିଜେପି ଦେବ ଉପହାର। ନିଗମ, ବୋର୍ଡ଼ରେ କିଛି ନେତାଙ୍କୁ ଥଇଥାନ କରାଯିବ। ଏଥିନିମନ୍ତେ ଆପାତତଃ ଚୂଡ଼ାନ୍ତ କୁହାଯାଉଥିବା ନାମ ସୂଚୀ ଧରି ସୋମବାର ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ଆଜିର ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ବିଶେଷକରି, ମନମୋହନଙ୍କ ଏହି ଗସ୍ତ ରାଜ୍ୟ ବିଜେପି ପଦାଧିକାରୀ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ ଉଦ୍ଦିଷ୍ଟ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱ, ରାଜ୍ୟର ସାଂସଦମାନଙ୍କ ସହ ଆଲୋଚନା ପରେ ଏ ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି।

ସୋମବାର ମନମୋହନ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଅବସରରେ ଓଡ଼ିଶା ସମ୍ପର୍କରେ ଏକାଧିକ ପ୍ରସଙ୍ଗରେ ଶ୍ରୀ ଶାହଙ୍କ ସହ ମନମୋହନ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ସହ ରାଜ୍ୟରେ ବିଜେପି ସାଂଗଠନିକ ସମ୍ପ୍ରସାରଣ ଏବଂ ନିଗମ, ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସୂଚନା ଅନୁଯାୟୀ, ଓଡ଼ିଶାରେ ନିଗମ ଓ ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି। ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ସେ ନିଜେ ଏନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ। ଅତଏବ୍ କୋର୍ କମିଟି ସଦସ୍ୟଙ୍କ ସହ ବୈଠକ ପୂର୍ବରୁ ମନମୋହନଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ମନମୋହନଙ୍କ ଏହି ଗସ୍ତ ଅବସରରେ ନିଗମ, ବୋର୍ଡ ନିଷ୍ପତ୍ତି ଚୂଡ଼ାନ୍ତ ହେବା ଏକରକମ ଧାର୍ଯ୍ୟ ବୋଲି ବିଜେପିର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ମନମୋହନ ରାଜ୍ୟ ବିଜେପି ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ମଧ୍ୟ ସୂଚନା ମିଳିଛି।

ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

# ୩ ଦିନିଆ ରିମାଣ୍ଡରେ ସମୀର

ଭୁବନେଶ୍ୱର/ବାଲେଶ୍ୱର, ୧୮।୮ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ପ୍ରଫେସର୍ ସମୀର ସାହୁଙ୍କୁ ତିନିଦିନିଆ ରିମାଣ୍ଡରେ ନେଇଛି। ସମୀରଙ୍କଠାରୁ ଘଟଣା ବାବଦରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ତିନିଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା। କୋର୍ଟ ଏହାକୁ ମଞ୍ଜୁର କରିଛନ୍ତି। ତଦନୁଯାୟୀ, ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି। ଆଜି ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ସମୀରଙ୍କୁ ଗୁଡ଼େଇତୁଡ଼େଇ ବିଭିନ୍ନ ପ୍ରଶ୍ନ କରିଛି। ସୂଚନାନୁଯାୟୀ, ସମୀର ଗିରଫ ହେବା ପରେ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତାଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଗତ ୧ ତାରିଖରେ ଜାମିନ ଆବେଦନ କରାଯାଇଥିଲା। ହେଲେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବଶ୍ୟକ ସିଡି ଦାଖଲ କରାଯାଇନଥିବା କାରଣରୁ ଜାମିନ ଆଦେବନ ଉପରେ ଶୁଣାଣି ହୋଇପାରିନଥିଲା। ସୋମବାର ସମୀରଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଛି। ଏହି ସମୟରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା।

# ମୋବାଇଲ୍ ନ ଦେବାରୁ ବ୍ରାହ୍ମଣୀକୁ ଡେଇଁଲେ ଯୁବତୀ

କବାଟବନ୍ଧ/ଯଖପୁରା, ୧୮।୮ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରୁ ଜଣେ ଯୁବତୀ ନଦୀକୁ ଡେଇଁଥିବା ଜଣାପଡ଼ିଛି। ଯୁବତୀଜଣଙ୍କ ଦାନଗଦି ବ୍ଲକ ଅନ୍ତର୍ଗତ ଜଖପୁରା ଥାନା ଅଧିନ ପଙ୍କପାଳ ପଞ୍ଚାୟତର ବୋଲି ଜଣାପଡ଼ିଛି। ଖବର ଅନୁସାରେ, ଯୁବତୀଜଣଙ୍କ ଏକ ମୋବାଇଲ ଫୋନ ପାଇଁ ଜିଦ କରିଥିଲେ। ଘରଲୋକେ ଫୋନ ନ ଦେବାରୁ ସେ ଘରୁ ରାଗିଆସିଥିଲେ। ଏହା ପରେ ତାଙ୍କ ଜେଜେ ବାପା ମଧ୍ୟ ତାଙ୍କ ପଛେପଛେ ଆସିଥିଲେ। ବ୍ରାହ୍ମଣୀ ବ୍ରିଜ ଉପରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ। ଏହା ପରେ ତାଙ୍କ ଜେଜେ ମଧ୍ୟ ଉଦ୍ଧାର କରିବା ପାଇଁ ଡେଇଁଥିଲେ। ତେବେ ଯୁବତୀଜଣଙ୍କୁ ତାଙ୍କ ଜେଜେ ଉଦ୍ଧାର କରି ନଦୀ ମଝିରେ ଥିବା ଶୁଖିଲା ସ୍ଥାନରେ ରହିଥିଲେ। ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଆଗ୍ନିକ କରୁଣାକର ମଲ୍ଲିକ, ଫାୟାର ଯୋଦ୍ଧା କୃପାସିନ୍ଧୁ ସ୍ୱାଇଁ, ଜିତୁ ରଞ୍ଜନ ପରିଡ଼ା, ତାପସ ମୁଳିଆ, ବସନ୍ତ ମହାନ୍ତି, ବିନୋଦ ପାତ୍ର, ସୁମନ୍ତ ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଛି।

# ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

- ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ
- ଘରୁ ୧.୨୫ ଲକ୍ଷ ନଗଦ ଟଙ୍କା ଜବତ, ଆକାଉଣ୍ଟରେ ରହିଛି ୫୨ଲକ୍ଷ



ଭୁବନେଶ୍ୱର/ଅନୁଗୋଳ, ୧୮।୮ (ସମିସ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯନ୍ତ୍ରୀ ସୁରେନ୍ଦ୍ରଙ୍କ ଅଫିସ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ। ସୁନ୍ଦରଗଡ଼ ଟାଉନ୍‌ରେ ଥିବା ୩ ତାଲା ଘର, ରାଉରକେଲା ଗୋପବନ୍ଧୁ ନଗରରେ ଥିବା ଦୁଇ ତାଲା ଘର, ଭୁବନେଶ୍ୱର ଘାଟିକିଆ ଫେଜ୍-୩ରେ ଥିବା ୨ଟି ଫ୍ଲାଟ୍, ଗଞ୍ଜାମ ପୁରୁଷୋତ୍ତମପୁରରେ ଥିବା ପୈତୃକ ବାସଭବନ, ଗଞ୍ଜାମ, ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶଶୁର ଘର, ଅନୁଗୋଳରେ ଥିବା ସରକାରୀ କ୍ୱାର୍ଟର୍ସ ଏବଂ ଅଫିସ ରୁମ୍‌ରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ତାଙ୍କର କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି ଭିଜିଲାନ୍ସ ଟିମ୍। ତାଙ୍କ ଘରୁ ନଗଦ ୧.୨୫ ଲକ୍ଷ ଟଙ୍କା ଜବତ ହୋଇଥିବା ବେଳେ ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ସେ ୫୧ଲକ୍ଷ ୯୭ ହଜାର ୩୪୦ ଟଙ୍କା ରଖିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି। ତାଙ୍କ ଘରେ ୧୭.୪୩ ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ପ୍ରକାଶ କରିଛି। ଏଥିସହ ଭୁବନେଶ୍ୱର ଘାଟିକିଆ ଆକ୍ସିସ୍ ବ୍ୟାଙ୍କ୍ ଶାଖାରେ ଗୋଟିଏ ଲକର୍ ରହିଛି। ଏହି ଲକ୍‌ର ତାଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟ ନାମରେ ରହିଛି। ଏଥିରେ ସୁନାଗହଣା ରହିଥିବା ସନ୍ଦେହ କରାଯାଉଥିବାରୁ ଏହାକୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି ଭିଜିଲାନ୍ସ।

ଏହି ଚଢ଼ଉରେ ୩ଜଣ ଡିଏସପି, ୧୦ଜଣ ଇନ୍ସପେକ୍ଟର୍, ୪ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ତାଙ୍କ ନାମରେ ସୁନ୍ଦରଗଡ଼ ଟାଉନରେ ୧.୧୧ କୋଟିର ଗୋଟିଏ ୩ ତାଲା କୋଠା ରହିଛି। ଗୋପବନ୍ଧୁନଗର ଏମ୍/୨୦ରେ ଗୋଟିଏ ଦୁଇ ତାଲା କୋଠା ରହିଥିବା ବେଳେ ଘାଟିକିଆ ଫେଜ୍-୩ ଅରୋଭିଲାରେ ଦୁଇଟି ଫ୍ଲାଟ୍ ରହିଛି। ତାଙ୍କ ନାମରେ ସୁନ୍ଦରଗଡ଼ରେ ଗୋଟିଏ, ରାଉରକେଲାରେ ଗୋଟିଏ ଏବଂ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ପ୍ଲଟ୍ ରହିଛି। ଏହି ସବୁ ପ୍ଲଟ୍‌ର ମୂଲ୍ୟ ଆକଳନ କରୁଛି ଭିଜିଲାନ୍ସର ଟେକ୍ନିକାଲ ଟିମ୍।

ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର। ସେହି ସମୟରେ ବି ତାଙ୍କ ବିରୋଧରେ ଦୁର୍ନୀତିର ଅନେକ ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟିକୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା। ପରେ ତତ୍କାଳୀନ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବା ବେଳେ ତାଙ୍କ ବଦଳି ହୋଇଥିଲା। ଏହାପରେ ସେ ଭିଜିଲାନ୍ସ ସ୍କାନରକୁ ଆସିଥିଲେ।

**ନବୀନଙ୍କ ସହ ସାକ୍ଷାତ ନ କରାଇଦେବା ଗୁଜବ**

# ଭିତରକୁ ନ ଯିବାକୁ ଡାକ୍ତର ଅନୁରୋଧ କରିଥିଲେ: ଭକ୍ତ

ଭୁବନେଶ୍ୱର, ୧୮।୮ (ସମିସ): ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାରେ ବାରଣ କରାଯିବା ସଂକ୍ରାନ୍ତ ଗୁଜବରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ବିଭିନ୍ନ ଗଣମାଧ୍ୟମରେ ନବୀନଙ୍କ ସହ ତାଙ୍କୁ ଭେଟାଇ ନ ଦେବା ନେଇ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ନିରାଧାର ବୋଲି ଭକ୍ତ କହିଛନ୍ତି। ସୋମବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଭକ୍ତ କହିଛନ୍ତି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ସେ ହସ୍ପିଟାଲକୁ ଯାଇଥିଲେ। ଆଇସିୟୁ ନିକଟରେ ଗୋଟିଏ କୋଠରୀରେ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ସେ ଯାଇ ସେଠାରେ ବସିଥିଲେ। ହସ୍ପିଟାଲର କିଛି ଡାକ୍ତର ଓ ଅଧୀକ୍ଷକ ସେଠାକୁ ଆସି ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ଆଇସିୟୁକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ତାଙ୍କୁ ଆଇସିୟୁ କୋଠରୀ ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ। ମାତ୍ର ଭିତରକୁ କାହାରିକୁ ଛଡ଼ାଯାଉ ନାହିଁ ଓ ଜଣେ ବ୍ୟକ୍ତି ଗଲେ ଅନ୍ୟମାନେ ମଧ୍ୟ ଯିବା ପାଇଁ ଜିଦି କରିବେ ବୋଲି ଡାକ୍ତରମାନେ ଅତ୍ୟନ୍ତ ନମ୍ରତାର ସହ କହିବାରୁ ସେ ଆଇସିୟୁକୁ ଯାଇ ନ ଥିଲେ। ତେବେ ନବୀନ ବାବୁ ଭଲ ଅଛନ୍ତି। ବିରୋଧୀ ରାଜନୈତିକ କାର୍ଯ୍ୟ ଅଲଗା କଥା। ତାଙ୍କର ମହତ୍ୱ ବହୁତ ଅଛି। ଓଡ଼ିଶାରେ ସେ ଜଣେ ମହାନ ବ୍ୟକ୍ତିତ୍ୱ। ତାଙ୍କୁ ସମ୍ମାନ ଦେବା ଓ ଭଲମନ୍ଦ ଜଣିବା ପ୍ରଦେଶ କଂଗ୍ରେସ କମିଟିର କର୍ତ୍ତବ୍ୟ। ସେ ଦୃଷ୍ଟିକୋଣରୁ ଜଣେ ସାଂଗଠନିକ ମୁଖ୍ୟ ଭାବେ ସେ ହସ୍ପିଟାଲକୁ ଯାଇଥିଲେ ବୋଲି ଭକ୍ତ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସେ ସେଠାରେ ବସିଥିବା ସମୟରେ ସୁଜାତା କାର୍ତ୍ତିକେୟନ ଆସିଥିଲେ ଓ ମୋତେ ଅତ୍ୟନ୍ତ ସମ୍ଭ୍ରମତାର ସହ ନବୀନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମୟରେ ଭି.କେ.ପାଣ୍ଡିଆନ ଆସିଥିଲେ ଓ ମୋ ସହ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ କଥା ହୋଇଥିଲେ।

# ଷ୍ଟେସନ୍‌ରୁ ୨୦ ପର୍ସିଆନ୍ ବିଲେଇ ଉଦ୍ଧାର



ଝାରସୁଗୁଡ଼ା, ୧୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଷ୍ଟେସନ୍‌ରୁ ଆର୍‌ପିଏଫ୍ ଆଜି ୨୦ଟି ବିଦେଶୀ ପର୍ସିଆନ୍ ବିଲେଇ ଉଦ୍ଧାର କରିଛି। ମୁମ୍ବାଇ ସାଲିମାର୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଛୋଟବଡ଼ ମିଶାଇ ୨୦ଟି ପର୍ସିଆନ ଓ ବେଙ୍ଗଲ କ୍ୟାଟ୍‌କୁ ଏକ ଦମ୍ପତି ମୁମ୍ବାଇରୁ କୋଲକାତାରୁ ସାନ୍ତ୍ରାଗାଛିକୁ ନେଇ ଯାଉଥିଲେ। ସାନ୍ତ୍ରାଗାଛିର ଏକ ଫାର୍ମରେ ବିକ୍ରି କରିବାର ଉଦ୍ଦେଶ୍ୟରେ ଏହି ବିଦେଶୀ ବିଲେଇ ଟ୍ରେନ୍ ଯୋଗେ ଚାଲାଣ କରାଯାଉଥିଲା। ମୁମ୍ବାଇର ଅମିନ ସୈୟଦ ନିଜ ସ୍ତ୍ରୀ ଏବଂ ଚାରିମାସର ଶିଶୁଙ୍କ ସହ ଏହି ବିଲେଇମାନଙ୍କୁ ଟ୍ରେନରେ ନେଇ ଯାଉଥିଲେ।

ଚଳନ୍ତା ଟ୍ରେନ୍‌ରେ ଅମିନ ସିଗାରେଟ୍ ଟାଣୁଥିଲେ। ସାଥୀ ଯାତ୍ରୀ ଏନେଇ ମନା କରିବାରୁ ତାଙ୍କ ସହ କଳହ କରିଥିଲେ। ଏନେଇ ଜଣେ ଯାତ୍ରୀ ରେଳ ଅଭିଯୋଗରେ ଅଭିଯୋଗ କରିଥିଲେ। ଟ୍ରେନ୍‌ଟି ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ବ୍ରଜରାଜନଗର ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ୍ ଉକ୍ତ ଦମ୍ପତିଙ୍କୁ ଅଟକ ରଖିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ଏହି ପର୍ସିଆନ ବିଲେଇ ଉଦ୍ଧାର କରାଯାଇଥିଲା। କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଅମିନ ବିଲେଇମାନଙ୍କୁ ଟ୍ରେନ୍‌ରେ ନେଇ ଯାଉଥିଲେ, ସେନେଇ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ କରାଯିବା ସହ ସିଗାରେଟ୍ ପିଇବା ଅଭିଯୋଗରେ ଅମିନଙ୍କୁ ରେଳବାଇ କୋର୍ଟରେ ହାଜର କରାଯାଇ ୧୫୦୦ ଟଙ୍କାର ଜରିମାନା କରାଯାଇଛି। ସେହିପରି ରେଳବାଇ ବାଣିଜ୍ୟ ବିଭାଗକୁ ଯୋଗାଯୋଗ କରିବା ପରେ ପ୍ରାୟ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଅମିନ ଏବଂ ତାଙ୍କ ପରିବାରକୁ ବିଲେଇ ସହ ଛଡ଼ାଯିବ ବୋଲି ଜଣେ ଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।

**କଂଗ୍ରେସର ମାରାଥନ୍ ବୈଠକ**

# ୪ରେ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିବ ଦଳ

- ରାଜ୍ୟର ଘରେ ଘରେ ପହଞ୍ଚିବ ଭୋଟ୍ ଚୋରି ପ୍ରସଙ୍ଗ
- ସଂଗଠନ ସୁଦୃଢ଼ ସହ ଲଢ଼େଇ ଜୋରଦାର ପାଇଁ ରଣନୀତି

ଭୁବନେଶ୍ୱର, ୧୮।୮ (ସମିସ): ଗୋଟିଏ ଦିନରେ ଦଳର ରାଜନୈତିକ ବ୍ୟାପାର କମିଟି ସହ ୬ଟି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛି ରାଜ୍ୟ କଂଗ୍ରେସ। ପିସିସି ପ୍ରଭାରୀ, ସହପ୍ରଭାରୀ ଓ ପିସିସି ସଭାପତିଙ୍କ ଉପସ୍ଥିତିରେ ଆଗାମୀ ଦିନ ପାଇଁ ରଣନୀତି ପ୍ରସ୍ତୁତ କରିଛି ଦଳ। ମୁଖ୍ୟତଃ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା ଭୋଟ୍ ଚୋରି ପ୍ରସଙ୍ଗ କିପରି ଘରେ ଘରେ ଲୋକଙ୍କ ନିକଟରେ ପହଞ୍ଚିବ, ତାକୁ ଗୁରୁତ୍ୱ ଦେଇଛି ରାଜ୍ୟ କଂଗ୍ରେସ। ଏଥିପାଇଁ ସବୁ ବରିଷ୍ଠ ନେତାଙ୍କ ସହ ଛାମୁଆ ସଂଗଠନଗୁଡ଼ିକୁ ଲଢ଼େଇ ଓ ଲୋକସଚେତନତାକୁ ଜୋରଦାର କରିବାକୁ ଦଳ ନିଷ୍ପତ୍ତି ନେଇଛି।

ସୋମବାର ସକାଳେ ଦଳର ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକ ବସିଥିଲା। ପରେ ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ମହିଳା କଂଗ୍ରେସ, ଯୁବ ଓ ଛାତ୍ର କଂଗ୍ରେସ ଓ ସେବା ଦଳ ସଂଗଠନର କର୍ମକର୍ତ୍ତାଙ୍କ ସହ ବୈଠକ ହୋଇଥିଲା। ଏହି ସବୁ ବୈଠକରେ କଂଗ୍ରେସ ଦଳକୁ ରାଜ୍ୟରେ ମଜଭୁତ କରିବା ସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ କିପରି ଦଳର ପ୍ରଦର୍ଶନ ଭଲ ରହିବ, ସେନେଇ ଆଲୋଚନା ହୋଇଥିଲା। ଏଥିପାଇଁ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ଭୋଟ୍ ଚୋରି ପ୍ରସଙ୍ଗକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ଆସନ୍ତା ୪ତାରିଖରେ ଦଳ ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ମହିଳା କଂଗ୍ରେସ ଆଗାମୀ ଦିନରେ ରାଜ୍ୟରେ ଜାରି ରହିଥିବା ମହିଳା ହିଂସା ବିରୋଧରେ ଜୋରଦାର ଲଢ଼େଇ କରିବା ସହ ନାରୀୟ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରଖିବ ବୋଲି ରଣନୀତି ହୋଇଛି। ଏହା ବ୍ୟତୀତ ଆଗାମୀ ଦିନରେ ଛାତ୍ର ସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି ଛାତ୍ର କଂଗ୍ରେସ ପକ୍ଷରୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ ଆରମ୍ଭ କରିବାକୁ କୁହାଯାଇଛି। ଯୁବ କଂଗ୍ରେସ ପକ୍ଷରୁ ବିଭିନ୍ନ ପ୍ରସଙ୍ଗରେ ଜାରି ରହିଥିବା ଆନ୍ଦୋଳନାତ୍ମକ ପନ୍ଥାକୁ ଆହୁରି କ୍ରିୟାଶୀଳ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ସାମାଜିକ ନ୍ୟାୟ କ୍ଷେତ୍ରରେ ମଧ୍ୟ କଂଗ୍ରେସ ପକ୍ଷରୁ ବ୍ୟାପକ କାର୍ଯ୍ୟାକ୍ରମ ହାତକୁ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।




ଏଆଇସିସି ପକ୍ଷରୁ ରାଜ୍ୟ କଂଗ୍ରେସର ଉତ୍ଥାନ ଉପରେ ଗୁରୁତ୍ୱ ଦିଆଯାଉଥିବା ନେଇ ଚର୍ଚ୍ଚା ମଧ୍ୟରେ ଜିଲ୍ଲା ସଭାପତି ନିଯୁକ୍ତି ପାଇଁ ନିକଟରେ ସଂଗଠନ ସୃଜନ ମାଧ୍ୟମରେ ନିଯୁକ୍ତ ସଂଯୋଜକମାନେ ମଧ୍ୟ ଖୁବ୍‌ଶୀଘ୍ର ଜିଲ୍ଲା ସଭାପତି ନିଯୁକ୍ତି ନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ସୂଚନା ମିଳିଛି। ଏହାସହ ଜିଲ୍ଲା ସଭାପତି ନିଯୁକ୍ତ ପରେ ବ୍ଲକ୍ ସଭାପତି ନିଯୁକ୍ତ ହେବା ଏବଂ ସର୍ବୋପରି ବୁଥ୍‌ସ୍ତରରେ କିପରି କଂଗ୍ରେସକୁ ପୁଣିଥରେ ଶକ୍ତିଶାଳୀ କରାଯାଇପାରିବ, ତା' ଉପରେ ଦଳ ଗୁରୁତ୍ୱ ଦେଉଛି।

# ଖଇନି ନ ଦେବାରୁ ବୃଦ୍ଧଙ୍କୁ ହାଣି ହତ୍ୟା

ରାଉରକେଲା, ୧୮।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ଜଣେ ୫୮ବର୍ଷୀୟ ବୃଦ୍ଧଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଛି। ରାଜଗାଙ୍ଗପୁର ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଗିରଫ ଯୁବକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ଜିଲ୍ଲା ଚନ୍ଦ୍ରା ଥାନା ଅଧୀନ ତୋଟ ଗାଁର ଶୁଖରାମ ଓରାମ (୩୩)। ସୂଚନାନୁସାରେ, ବଡ଼ଗାଁ ଥାନା ଅଧୀନ କଣ୍ଟିଆମୁରା ଗାଁର ମଙ୍ଗଲୁ କିଷାନ(୫୮) ରାଜଗାଙ୍ଗପୁର ପିଡବ୍ଲୁଡି ଡାକବଙ୍ଗଳାରେ ପିଅନ ଭାବେ କାମ କରୁଥିଲେ। ଆଜି ଶୁଖରାମ ଓରାମ (୩୩) ସେଠାକୁ ଯାଇ ମଙ୍ଗଲୁ କିଷାନଙ୍କୁ ଖଇନି ମାଗିଥିଲା। ମାତ୍ର ମଙ୍ଗଲୁ କିଷାନ ଖଇନି ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଶୁଖରାମ ରାଗିଯାଇ ନିକଟରେ ପଡିଥିବା ଏକ କଟୁରୀରେ ମଙ୍ଗଲୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ମଙ୍ଗଲୁଙ୍କୁ ରାଜଗାଙ୍ଗପୁର ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରିଛି।

## ମେଡିସିନ୍ ପୋଡ଼ି ଘଟଣା

# ସାନି ତଦନ୍ତ ହେବ: ଜିଲ୍ଲାପାଳ

**କେନ୍ଦ୍ରାପଡ଼ା, ୧୮।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ପୋଡ଼ି ଘଟଣାକୁ ନେଇ ଜିଲ୍ଲାପାଳ ପୁଣିଥରେ ତଦନ୍ତ କରାଇବେ। ଔଷଧ ପୋଡ଼ି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ ରାଉତଙ୍କ ନିର୍ଦ୍ଦେଶକ୍ରମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣିଆ ଟିମ ତଦନ୍ତ କରି ନେଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ଔଷଧ ପୋଡ଼ି ଘଟଣାରେ କେଉଁମାନେ ସମ୍ପୃକ୍ତ ଥିଲେ, କେତେ ପରିମାଣର ଔଷଧ ପୋଡ଼ି ହୋଇଛି, କେତେ ଟଙ୍କା କ୍ଷତି ହୋଇଛି; ତାହା ୨ ସପ୍ତାହ ବିତିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ ହୋଇପାରୁନି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ମେଡିସିନ ପୋଡ଼ି ଘଟଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କ ସମେତ ଚାରିଜଣଙ୍କୁ ବଦଳି କରାଯାଇଛି।

ତେବେ ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଡୁଆରେ ପଡ଼ିଛି। ପୂର୍ବରୁ ବଦଳି ହୋଇଥିବା କର୍ମଚାରୀ ନିଜ ପସନ୍ଦ ସ୍ଥାନକୁ ବଦଳି ହୋଇଥିବା ନେଇ ଅଭିଯୋଗ ହୋଇଛି। କର୍ମଚାରୀଙ୍କୁ ବିଦା କରିବା ପରିବର୍ତ୍ତେ ନିଜ ଘରପାଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି କରାଯାଇଥିବାରୁ ତଦନ୍ତ ଉପରେ ସନ୍ଦେହ ବଢ଼ିଛି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ବଦଳରେ ବଦଳି କରାଯାଇଥିବା ଫାର୍ମାସିଷ୍ଟ ଜଣଙ୍କ ମେଡିସିନ ପୋଡ଼ି ବେଳେ ବଦଳି ହୋଇସାରିଥିଲେ। ପୁଣିଥରେ ତାଙ୍କର ବଦଳି କେମିତି ହେଲା, ସେନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ସେହି ଫାର୍ମାସିଷ୍ଟ ଜଣକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବଦଳି ହୋଇ ଏବେ ଚାନ୍ଦୋଳ ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଯୋଗଦେଇଥିବା ନେଇ ସୂଚନା ମିଳିଛି। ମେଡିସିନ ପୋଡ଼ି ଘଟଣାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳେ କେମିତି ସ୍ୱାସ୍ଥ୍ୟ ବିଭାଗ ଖସାଇ ଦେଲା ବୋଲି ଅଭିଯୋଗ ହେବାରୁ ଏବେ ନୂଆ ଟ୍ୱିଷ୍ଟ ଆସିଛି। ତଦନ୍ତ କରୁଥିବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ତଦନ୍ତ ଉପରେ ସନ୍ଦେହ ହେବାରୁ ଏବେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ପହଞ୍ଚିଛି। କେତେ ପରିମାଣର ଔଷଧ ପୋଡ଼ି ହୋଇଛି? ସରକାରଙ୍କ କେତେ ଟଙ୍କା କ୍ଷତି ହୋଇଛି? ତାହାର ଏପର୍ଯ୍ୟନ୍ତ ଆକଳନ ହୋଇନି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମେଡିସିନ ପୋଡ଼ି ଭଳି ଏକ ସମ୍ବେଦନଶୀଳ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ କର୍ମଚାରୀ ମନ ଚାହୁଁଥିବା ସ୍ଥାନକୁ କିଭଳି ବଦଳି ହେଲେ, ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏ ଘଟଣା ଜାଣିବା ପରେ ପୂରା ଘଟଣାକୁ ନେଇ ଜିଲ୍ଲାପାଳ ତଦନ୍ତ କରାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

## ରାଜକନିକା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୩୪ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**ରାଜକନିକା, ୧୮।୮ (ସମିସ)**



ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ରାଜକନିକା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୨୩୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୨୦୨ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ଅଭିଯୋଗ ଥିଲା। ଏସବୁ ଅଭିଯୋଗକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ପଞ୍ଜିକୃତ ଅଭିଯୋଗ ମଧ୍ୟରେ ରାଜକନିକା ବ୍ଲକ, ତହସିଲ, ମେଡିକାଲ ପାଚେରିକୁ ଲାଗି ଗତ ଦୁଇଦିନ ପୂର୍ବରୁ ଜବରଦଖଲ କରି ସ୍ଥାୟୀ ଓ ଅସ୍ଥାୟୀ ଘର ନିର୍ମାଣ ହୋଇଥିବାରୁ ତାହାର ଉଚ୍ଛେଦ, ସଦର ମହାକୁମାରେ ସର୍ବସାଧାରଣଙ୍କ ପାଇଁ ଇ-ଲାଇବ୍ରେରୀ ଓ ଫ୍ରି-ଲାଇବ୍ରେରୀ ସ୍ଥାପନ କରି ଭବିଷ୍ୟତରେ ଚାକିରି ଆଶାୟୀଙ୍କୁ ମାଗଣାରେ ଆବଶ୍ୟକ ପାଠ୍ୟକ୍ରମ ଯୋଗାଇ ଦେବା ଭଳି ଅଭିଯୋଗ କରାଯାଇଥିଲା। ସେହିପରି ରାଜକନିକା ବ୍ଲକରେ ବିଧାୟକ ଓ ସାଂସଦଙ୍କ ପାଣ୍ଠି ଅନୁଦାନରେ ଲଗାଯାଇଥିବା ସମସ୍ତ ଷ୍ଟ୍ରିଟ୍‌ଲାଇଟ ଅଚଳ ହୋଇପଡ଼ିବାରୁ କାର୍ଯ୍ୟକ୍ଷମ କରାଇବା ପାଇଁ ଅଭିଯୋଗ ହୋଇଥିଲା। ବ୍ଲକର ବାତ୍ୟା 'ଦାନା' କ୍ଷତିଗ୍ରସ୍ତ ମରାମତି ଯୋଜନାରେ କାମ କରି ୮ ମାସ ହେବ ବିଲ ପାଇ ନ ଥିବା ଜଣେ ଯୁବକ ବ୍ଲକ ପ୍ରଶାସନର ପାତରଅନ୍ତର ମନୋଭାବରେ ଅତିଷ୍ଠ ହୋଇ ଆଜି ଶିବିରରେ ପେଟ୍ରୋଲ ଧରି ପହଞ୍ଚିବା ପରେ ପୁଲିସ ତାଙ୍କୁ ବାରଣ କରିବା ଓ ପିଡି ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେବା ଭଳି ଘଟଣା ଦେଖିବାକୁ ମିଳିଥିଲା। ଆଜିର ଶିବିରରେ ମୁଖ୍ୟତଃ ଆବାସ, ପାନୀୟଜଳ ସମସ୍ୟା, ରାସନ କାର୍ଡ, ରାସ୍ତା ନିର୍ମାଣ ଭଳି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଡେପୁଟି କଲେକ୍ଟର ଦୀପ୍ତି ମହାନ୍ତିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ତହସିଲଦାର ଭାନୁମତୀ ମାଝୀଙ୍କ ସହ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ପତ୍ନୀଙ୍କୁ ବଟି ଧମକ ଘଟଣା

# ବାଲିତୁଠର ଜଣେ ଯୁବକ ଥାନାରେ ଅଟକ

**ପାରାଦୀପ, ୧୮।୮ (ସମିସ):** ବ୍ୟବସାୟୀ ବୈଷ୍ଣବ ନାୟକଙ୍କ ପତ୍ନୀଙ୍କୁ ବଟି ଧମକ ଦେଇଥିବା ଘଟଣାରେ ପୁଲିସ ବାଲିତୁଠ ଅଞ୍ଚଳର ଜଣେ ଯୁବକକୁ ଉଠାଇ ଆଣି ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି। ଦିନ ତମାମ ଯୁବକକୁ ଥାନାରେ ଅଟକ ରଖିଥିବା ପୁଲିସ ତଦନ୍ତରୁ କ'ଣ ପାଇଲା ତାହା ଜଣାପଡ଼ିନି। ଯୁବକଙ୍କ ବାପା ଓ ପରିବାର ଲୋକେ ଥାନାକୁ ଆସିଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ସନ୍ଦେହରେ ଯୁବକକୁ ଆଣି ପଚରାଉଚରା କରୁଥିବା ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି। ଯୁବକ ଜଣକ ତାଙ୍କର ସେହି ନମ୍ବର ନୁହେଁ ବୋଲି ପୁଲିସ ଆଗରେ କହିଛି। କିଛିଦିନ ପୂର୍ବେ ପାରାଦୀପ ଅଞ୍ଚଳର ବ୍ୟବସାୟୀ ବୈଷ୍ଣବ ନାୟକଙ୍କ ପତ୍ନୀଙ୍କୁ ଅଜଣା ନମ୍ବରରୁ ମୋଟା ଅଙ୍କର ବଟି ଦେବାକୁ ଧମକ ବାରମ୍ବାର ଆସୁଥିଲା। ଶ୍ରୀମତୀ ନାୟକ ସେହି ନମ୍ବରକୁ କଳା ତାଲିକାଭୁକ୍ତ କଲେ ମଧ୍ୟ ବିଭିନ୍ନ ନମ୍ବରରୁ ଦୁର୍ବୃତ୍ତ ବାରମ୍ବାର ଫୋନ କରି ଅଶ୍ଳୀଳ ଭାଷା ପ୍ରୟୋଗ କରି ଟଙ୍କା ମାଗୁଥିବାରୁ ସେ ଭୟଭୀତ ହେବା ସହ ଥାନାରେ ଅଭିଯୋଗ କରିଥିଲେ। ପାରାଦୀପ ଅଞ୍ଚଳରେ ଏବେ ଏଭଳି ବଟି ମାଗିବା ଘଟଣା ଦିନକୁ ଦିନ ବଢ଼ିଚାଲିଛି। ପୁଲିସ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ମୁଣ୍ଡ ନେଉଛି ଜାତୀୟ ରାଜପଥ

# ଅଜଣା ହାଇୱା ଧକ୍କାରେ ଯୁବକ ମୃତ

**ଡେରାବିଶ, ୧୮।୮ (ସମିସ):** ନିର୍ମାଣାଧୀନ ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଠିକାଦାରଙ୍କ ମନମାନୀ ଯୋଗୁଁ ଏହି ରାସ୍ତାରେ ଏବେ ଦୈନିକ ଦୁର୍ଘଟଣା ଘଟି ମୁଣ୍ଡ ପରେ ମୁଣ୍ଡ ଗଡ଼ି ଚାଲିଛି। ପ୍ରତ୍ୟେକ ଦିନ ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ କେଉଁଠି ନାଁ କେଉଁଠି ଦୁର୍ଘଟଣାର ଶିକାର ହୋଇ ଲୋକଙ୍କ ମୃତ୍ୟୁ ଘଟିବାରେ ଲାଗିଛି। ଆଜି ମଧ୍ୟାହ୍ନରେ ଏହି ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ଅଁଳାବାଙ୍କ ଛକରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ଖଡ଼ଗପୁର ଗ୍ରାମର ଆଶିଷ ପାତ୍ର ବୋଲି ଜଣାଯାଇଛି। ଆଶିଷ ଓ ତାଙ୍କର ଜଣେ ବନ୍ଧୁ ସ୍କୁଟି ଯୋଗେ ନିଜ ଗ୍ରାମ ଖଡ଼ଗପୁରରୁ ପାରାଦୀପ ଅଭିମୁଖେ ଯାଉଥିଲେ। ଅଁଳାବାଙ୍କ ଛକ ନିକଟରେ ପଛପଟୁ ଏକ ଅଜଣା ହାଇୱା ଧକ୍କା ଦେଇ ସ୍କୁଟି ସହିତ ପାଖାପାଖି ୧୦୦ ମିଟର ଘୋଷାଡ଼ି ନେଇଥିଲା। ଫଳରେ ଆଶିଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଗୋଡ଼ ଶରୀରରୁ ଅଲଗା ହୋଇଯାଇଥିଲା। ଆଶିଷଙ୍କ ବନ୍ଧୁ ସ୍କୁଟିରୁ ଛିଟିକିଯାଇ ରାସ୍ତା କଡ଼ରେ ପଡ଼ି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ମେଡ଼ିକାଲ୍‌କୁ ପଠାଯାଇଥିଲା। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିଛି। ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚାଷୀଙ୍କ ସିଙ୍ଗିଡି କୃଷି ସମବାୟ ସମିତି ଘେରଉ



**ରାଜକନିକା, ୧୮।୮ (ସମିସ):** ରାଜକନିକା ବ୍ଲକ କାଟଣାଠାରେ ଅବସ୍ଥିତ ସିଙ୍ଗିଡ଼ି କୃଷି ସମବାୟ ସମିତି (ପାକ୍ସ) କାର୍ଯ୍ୟାଳୟକୁ ଆଜି ପୂର୍ବାହ୍ନରେ କେତେକ ଚାଷୀ ଘେରଉ କରିଥିଲେ। ଏହି ପାକ୍ସର ସମ୍ପାଦକ ଋଣ ନେଇ ପରିଶୋଧ କରିଥିବା ଚାଷୀଙ୍କୁ ସେମାନଙ୍କ ନାମରେ ଆଉଟ୍ ଷ୍ଟାଣ୍ଡିଂ ଦେଖାଇବା, ସମିତିର ସମ୍ପାଦକ ଋଣ ଛାଡ ଚାଷୀଙ୍କୁ ନ ଦେବା, ଚେକରେ ଆଗୁଆ ଦସ୍ତଖତ କରାଇ ନେବା ଭଳି ବିଭିନ୍ନ ଅଭିଯୋଗ ଆଣି ଘେରଉ କରିଥିଲେ ଚାଷୀ। ଘେରଉ ଖବରପାଇ ରାଜକନିକା ପୁଲିସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସହ ସମିତିର ବୋର୍ଡ ସଭ୍ୟ ଉପସ୍ଥିତ ହୋଇ ଆସନ୍ତା ମାସ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିବା ପରେ ଚାଷୀ ବୁଝିଥିଲେ। ଏହି ଘେରଉ ସମ୍ପର୍କରେ ସମ୍ପାଦକ ଶୈଳେନ୍ଦ୍ର ଦାସ କହିଛନ୍ତି, ଅନଲାଇନ ସିଷ୍ଟମ ହେବା ପରେ ଏପରି ସମସ୍ୟା ଉପୁଜୁଛି। ଆସନ୍ତା ମାସ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।

## ପିଜିଅନ କ୍ଲବ୍‌ର ପୁରସ୍କାର ବିତରଣ ଉତ୍ସବ

# 'ମାନବ ସଭ୍ୟତା ସହିତ ପାରାର ନିବିଡ଼ ସମ୍ପର୍କ ରହିଛି'



**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ସମ୍ପ୍ରତି ମାନବ ସଭ୍ୟତା ସହିତ ବହୁ ପୁରା କାଳରୁ ପାରାର ନିବିଡ଼ ସମ୍ପର୍କ ରହିଆସିଛି। ଏକଦା ଚିଠିର ଆଦାନପ୍ରଦାନର ମାଧ୍ୟମ ଥିଲା ପାରା। ରାଜାରାଜୁଡା ଅମଳରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ସମ୍ବାଦ ପ୍ରେରଣ କରିବା ପାଇଁ ପାରାଙ୍କୁ ମାଧ୍ୟମ ରୂପେ ବ୍ୟବହାର କରଯାଉଥିଲା। ଏପରିକି ପୁଲିସ ବାହିନୀ ଓ ସୈନ୍ୟବାହିନୀରେ ପାରାଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାମିଲ କରାଯିବା ସହିତ ସଂକେତ ଓ ଖବର ପଠାଯିବା ମାଧ୍ୟମ କରାଯାଉଥିଲା ବୋଲି ପିଜିଅନ କ୍ଲବ୍ ପକ୍ଷରୁ ପଟ୍ଟାମୁଣ୍ଡାଇ ସାବିତ୍ରୀ ମଣ୍ଡପଠାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମାଜସେବୀ ମିଟୁ ମନୋଜ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟବକ୍ତା, ଶିକ୍ଷାବିତ ଉମାକାନ୍ତ ରାଉତ, ନିମାଇଁ ସ୍ୱାଇଁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏଏସଆଇ ରତିରଞ୍ଜନ ନାୟକ, ପଟ୍ଟାମୁଣ୍ଡାଇ ପିଜିଅନ କ୍ଲବ୍ ସଭାପତି ସୁବାସ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପିଜିଅନ କ୍ଲବ୍ ଜିଲ୍ଲା ସଭାପତି ପ୍ରଭାଶିଷ ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ ପାରା ଉଡ଼ା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସତ୍ୟପ୍ରିୟ ନାୟକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସାଂଶୁ ପରିଡ଼ା, ତୃତୀୟ ସ୍ଥାନ ଅଧିକାର କରିଥିବା ଅବଦୁଲ ରହିମଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ସତ୍ୟପ୍ରିୟ ନାୟକଙ୍କୁ ବେଷ୍ଟ ପିଜିଅନ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉତ୍ସବକୁ ସଂଗଠନର ବରିଷ୍ଠ ସଭ୍ୟ ଗୌରବ ଦାସ, କୈଳାସ ପରିଡ଼ା, ସୂର୍ଯ୍ୟକାନ୍ତ ନାୟକ, କାଳୀଚରଣ ଦାସ, ରୁଦ୍ରନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ମଣ୍ଡଳସ୍ତରୀୟ ଶାରୀରିକ ଓ କର୍ଣ୍ଣ ପରୀକ୍ଷା ଶିବିର



**ଡେରାବିଶ, ୧୮।୮ (ସମିସ):** ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଣ୍ଡଳ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରରେ ଏକଦିବସୀୟ ମଣ୍ଡଳସ୍ତରୀୟ ଶାରୀରିକ ଓ କର୍ଣ୍ଣ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ବଳ ଶିକ୍ଷକ ଜୟନ୍ତ ବେହେରା, ଆଲୋକ ବେହେରା ଓ ହିମାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଆଲମିକୋର ଅସ୍ଥିଶଲ୍ୟ ଡାକ୍ତର ଜିତେନ୍ଦ୍ର ସାହୁ ଓ କର୍ଣ୍ଣ ବିଭାଗ ଡାକ୍ତର ନିରଜ କୁମାର ଶିବିରାର୍ଥୀ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରୁ ୬୦ ଜଣ ମାନସିକ ଅନଗ୍ରସର, ଦୃଷ୍ଟିବାଧିତ, ମସ୍ତିଷ୍କ ପକ୍ଷାଘାତ, ଚଳନବାଧିତ ଓ ଶ୍ରବଣବାଧିତ ଶିକ୍ଷାର୍ଥିଙ୍କୁ ସେମାନଙ୍କ ଅଭିଭାବକ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ସେମାନଙ୍କୁ ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦିଆଯିବ ବୋଲି ଆଲିମ୍‌କୋର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି ଶିବିରରେ ଆଲମିକୋର ଡାଟା ଅପରେଟର ଭୈଭବ ତିୱାରୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପଞ୍ଜିକରଣ କରିଥିବାବେଳେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା, ସୁଶାନ୍ତ ନାୟକ, ସୁରେନ୍ଦ୍ର ଶତପଥୀ, ସଞ୍ଜିତ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାମଲ, ପ୍ରଦ୍ୟୁମ୍ନ ଜେନା, ରମେଶ ନାୟକ ଓ ଗୋକୁଳ ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜଗମୋହନ ମନ୍ଦିର ଖୁମ୍ବରେ ଫାଟ, ମରାମତି ଦାବି

**କେନ୍ଦ୍ରାପଡ଼ା, ୧୮।୮ (ସମିସ):** ବଳଦେବଜୀଉଙ୍କ ଜଗମୋହନ ମନ୍ଦିରର ଖୁମ୍ବରେ ଫାଟ ସୃଷ୍ଟି ହୋଇଛି। ମନ୍ଦିରରେ ଦଣ୍ଡାୟମାନ ଥିବା ଚାରି ଖୁମ୍ବର ସ୍ଥିତି ଅତି ଦୁର୍ବଳ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟର ସର୍ବପୁରାତନ ମନ୍ଦିର ମଧ୍ୟରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ ମନ୍ଦିର ଅନ୍ୟତମ। ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରର ହଜାର ହଜାର ସଂଖ୍ୟାରେ ଲୋକେ ଦର୍ଶନ ନିମନ୍ତେ ଆସିଥା'ନ୍ତି। ମୁଖ୍ୟ ମନ୍ଦିରର ସମ୍ମୁଖ ଭାଗରେ ଥିବା ଜଗମୋହନ ମନ୍ଦିର ନାଟ ମଣ୍ଡପରେ ଚାରି ଖୁମ୍ବ ସ୍ଥିତି ଅତ୍ୟନ୍ତ ଦୁର୍ବଳ ରହିଥିବାରୁ ଭୟ ସୃଷ୍ଟି ହେଉଛି। ସ୍ଥାନେ ସ୍ଥାନେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହି ଜଗମୋହନ ମନ୍ଦିର ଇତିହାସ ଦେଖିବାକୁ ଗଲେ ଷୋଳଦଶ ଶତାବ୍ଦୀର ଶେଷ ଭାଗରେ କୁଜଙ୍ଗ ରାଜ ପରିବାର ଓ ଛେଦରା ଜମିଦାରଙ୍କ ଉଦ୍ୟମରେ ନିର୍ମାଣ ହୋଇଥିବା ଜଣାପଡ଼େ। ଯାହା ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା। ସେବେଠୁ ଖୁମ୍ବର ମରାମତି ମଝିରେ



ମଝିରେ ହୋଇଥିବାବେଳେ ଏବେ ଚାରି ଖୁମ୍ବର ମରାମତି କରାଯିବାକୁ ଦାବି ହୋଇଛି। ଏବେଠୁ ପରିସ୍ଥିତିକୁ ଧ୍ୟାନ ନ ଦେଲେ ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି ହେବ ବୋଲି ମନ୍ଦିର ପ୍ରଶାସନ ଆଶଙ୍କା କରୁଛି। ମନ୍ଦିର ପ୍ରଶାସନ ଜିଲ୍ଲା ଜନପ୍ରତିନିଧି ଓ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି।

# ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

**ଡେରାବିଶ, ୧୮।୮ (ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ାସ୍ଥ ପ୍ରଭୁ ଶ୍ରୀଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରୁ ମନ୍ଦିର ପରିସରରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ଶ୍ରଦ୍ଧାଳୁ ଭଜନ ସଂକୀର୍ତ୍ତନ କରିଥିଲେ। ପରେ ଆଖପାଖ ପଞ୍ଚାୟତର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ନିକଟରୁ ମନ୍ଦିରର ରତ୍ନମୁଦ ନିମନ୍ତେ ସଂଗ୍ରହ କରାଯାଇଥିବା ଶସ୍ୟ, ଅଷ୍ଟଧାତୁ ଓ ଦୁର୍ଲ୍ଲଭ ଦ୍ରବ୍ୟମାନ ମନ୍ଦିରର ଦଧିନଉତି ମଧ୍ୟରେ ସମର୍ପିତ କରାଯାଇ ଏହାକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସମେତ ରତାଦିଆ ସରପଞ୍ଚ, ସମିତିସଭ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଭୂକୃପା ଲାଭ କରିଥିଲେ। ପ୍ରଶାନ୍ତ ତ୍ରିପାଠୀ, ଯୁଧିଷ୍ଠିର ତ୍ରିପାଠୀ, ନିରଞ୍ଜନ ଦ୍ୱିବେଦୀ, ମାନସ ତ୍ରିପାଠୀ, ପ୍ରଣବ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ହୁଣ୍ଡି ଚୋର ଗିରଫ

**ରାଜନଗର, ୧୮।୮ (ସମିସ):** ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତର କାଠୁଆଗଣ୍ଡ ଗ୍ରାମରେ ଥିବା ହନୁମାନ ମନ୍ଦିର ହୁଣ୍ଡିରୁ ୧୦ ହଜାର ଟଙ୍କା ଚୋରି କରିଥିବା ସେହି ଗ୍ରାମର ସଂଗ୍ରାମ ସାହୁଙ୍କୁ ଆଜି ରାଜନଗର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ସମ୍ପୃକ୍ତ ଗ୍ରାମର ମୁରବୀ କଳାକାର ସ୍ୱାଇଁଙ୍କ ଲିଖିତ ଅଭିଯୋଗ ପରେ ଆଇଆଇସି ନରେଶ ସାହୁ ହୁଣ୍ଡି ଚୋର ସଂଗ୍ରାମକୁ ଧରିଥିଲା। ରାଜନଗର ଥାନାରେ ମାମଲା ରୁଜୁ କରାଯାଇଛି।

# ପଟ୍ଟାମୁଣ୍ଡାଇ କଲେଜରେ ଆଣ୍ଟିରାଗିଂ ସପ୍ତାହ ପାଳିତ

**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ପଟ୍ଟାମୁଣ୍ଡାଇ କଲେଜରେ ଶାନ୍ତଶୃଙ୍ଖଳିତ ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ଆଣ୍ଟିରାଗିଂ ସପ୍ତାହ ପାଳନ କରାଯାଇଛି। ଅଧ୍ୟକ୍ଷ ପ୍ରଫେସର ମନୋଜ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ସୁଭାଶିଷ ମିଶ୍ର, ପ୍ରାକ୍ତନ ସଂଯୋଜକ ପ୍ରାଧ୍ୟାପକ ଡଃ ସୁନୀଲ ପ୍ରଧାନ ପିପିଟି ମୋଡ଼ରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ଆଣ୍ଟିରାଗିଂ ସେଲ ମୁଖ୍ୟ ପ୍ରାଧ୍ୟାପକ ଅମୀୟ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସରୋଜିନୀ ମିଶ୍ର ଓ ଶୁଭଶ୍ରୀ ପୋଥାଳ, ଅଧ୍ୟାପକ ଚିନ୍ମୟ ସାମଲ ଓ ଅମିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ୭୩ ମଇଁଷି ମୃତ୍ୟୁ ଘଟଣା

# ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ତଦନ୍ତ

**ଆଳି/ରାଜନଗର, ୧୮।୮ (ସମିସ)**



ଆଳି ବ୍ଲକର ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ଏକା ସାଙ୍ଗରେ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟଣାର ରହସ୍ୟ ଏଯାଏଁ ଖୋଲୁନି। କୌଣସି ମୃତ ମଇଁଷିଙ୍କ ଦେହରେ ଖଣ୍ଡିଆ ଚିହ୍ନ ନ ଥିବାରୁ କୁମ୍ଭୀର ଆକ୍ରମଣ ପାଇଁ ମୃତ୍ୟୁ ହୋଇ ନ ଥିବା ସ୍ପଷ୍ଟ ହୋଇଛି। ତେବେ ମଇଁଷି କାହିଁକି ମଲେ ତାହାକୁ ନେଇ ତଦନ୍ତ ପକ୍ରିୟାକୁ ଜୋରଦାର କରାଯାଇଛି। ଆଜି ପ୍ରାଣୀ ଚିକିତ୍ସା ବିଭାଗ ଓ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଛି। କଟକ ପ୍ରାଣୀ ପାଳନ ଓ ପ୍ରାଣୀ ନିର୍ଦ୍ଦେଶାଳୟର ଆଡିସନାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଭୋଇଙ୍କ ସହ ଫୁଲନଖରା ଆନିମଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଡାକ୍ତରୀ ଦଳ ମୃତ ମଇଁଷିଙ୍କ ବ୍ୟବଚ୍ଛେଦ କରୁଛନ୍ତି। କେନ୍ଦ୍ରପଡ଼ା ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ପଟ୍ଟନାୟକ, ଆଳି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ବଦ୍ରିନାରାୟଣ ଚାନ୍ଦ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନା, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ ପାତ୍ର, ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏତେ ସଂଖ୍ୟକ ମଇଁଷି ମୃତ୍ୟୁ ପାଇଁ କ'ଣ କାରଣ ରହିଛି, ତାହାର ନେଇ ତର୍ଜମା ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ନମୁନା ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

ଆଜି ଦୁଇଟି ମୃତ ମଇଁଷିଙ୍କ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ପରେ ଲିଭର, ଖାଦ୍ୟ ନଳୀ, କିଡ୍‌ନୀ, ସ୍କିନ, ଲଙ୍ଗସ, ପେଟରେ ଥିବା ଖାଦ୍ୟ ସହିତ ପାଣି ସାମ୍ପୁଲ ପରୀକ୍ଷା ପାଇଁ ଆନିମଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟକୁ ନିଆଯାଇଛି। ଏ ସମ୍ପର୍କରେ ପ୍ରାଣୀ ପାଳନ ଓ ପ୍ରାଣୀ ନିର୍ଦ୍ଦେଶାଳୟର ଆଡିସନାଲ ଡାଇରେକ୍ଟର ଡାକ୍ତର ଗିରିଧାରୀ ଭୋଇଙ୍କୁ ପଚାରିବାରୁ ସାମ୍ପୁଲ ସଂଗ୍ରହ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ସେ ସ୍ଥାନରେ ଦଳ ଅଧିକ ଥିବାରୁ ସେମାନେ ବୁଡି ମରିଥିବା ଅନୁମାନ କରାଯାଉଛି ବୋଲି କହିଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଫୋନ ଯୋଗେ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ବାଲିପାଟଣା ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ପଟ୍ଟାମୁଣ୍ଡାଇ, ୧୮।୮ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ସାଧନକେନ୍ଦ୍ର ଅଧୀନରେ ଥିବା ବାଲିପାଟଣା ନୋଡାଲ ଉପ୍ରା ସ୍କୁଲ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ସିଆରସିସିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରାଙ୍କ ପୌରୋହିତ୍ୟ ଓ ସିଆରସିସି ଆଶିଷ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ହରିହର ପତି, ପୂର୍ବତନ ସିଆରସିସି ତ୍ରିଲୋଚନ ସ୍ୱାଇଁ, ସରପଞ୍ଚ ପ୍ରିୟବ୍ରତ ଓଝା, ପ୍ରମୋଦ ମିଶ୍ର, ଅଭିରାମ ସାହୁ, ମଞ୍ଜୁଲତା ଶତପଥୀ, ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋବିନ୍ଦ ନାଥ, ଆଶାଲତା ବେହେରା, ଆନନ୍ଦ ମଲିକ, ସାମ୍ବାଦିକ ଭାସ୍କର ରାଉତରାୟ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକତା ବୃତ୍ତି ନୁହେଁ, ସେବା ବୋଲି ମତ ପ୍ରକାଶ କରି ସେବା ନିବୃତ୍ତ ଶିକ୍ଷକ ଶିକ୍ଷାଦାନ ଜାରି ରଖି ଭଲ ମଣିଷ ତିଆରି କରିବାକୁ ପରାମର୍ଶ ଦେବା ସହିତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସୁରେଶ ଜେନା ସ୍ୱାଗତ ଭାଷଣ ଓ ନିଶିକାନ୍ତ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଭାତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ଦାଶ, ସଂକୁନ୍ତଳା ବେହେରା, ଜ୍ୟୋତ୍ସ୍ନାମୟୀ ରଥ ଓ ସ୍ମୃତି ରାଉତ ପରିଚାଳନା କରିଥିଲେ।

# ସେବା ପ୍ରଦାନରେ ବିଫଳ ଘରୋଇ ବ୍ୟାଙ୍କ

ଢେଙ୍କାନାଳ,୧୮ ।୮ (ସମିସ): ଢେଙ୍କାନାଳ ଜିଲ୍ଲାରେ ବ୍ୟାଙ୍କ ସେବା ପାଇବାରେ ଗ୍ରାମାଞ୍ଚଳ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମାଞ୍ଚଳରେ ଏଚ୍‌ଡିଏଫ୍‌ସି, ଆକ୍ସିସ ଓ ଆଇସିଆଇସିଆଇ ଘରୋଇ ବ୍ୟାଙ୍କସେବା ମନମାନିରେ ଚାଲୁଥିବା ଅଭିଯୋଗ ହୋଇଛି । ଘରୋଇ ବ୍ୟାଙ୍କଗୁଡ଼ିକ ଜମା ଏବଂ ସୁଧ ନେବାରେ ସଫଳ ହେଉଥିବାବେଳେ ସରକାରଙ୍କ ବିଭିନ୍ନ ସେବା ପ୍ରଦାନରେ ବିଫଳ ହେଉଛନ୍ତି । ଜିଲ୍ଲାର ୮ ବ୍ଲକରେ ୨୧୨ ପଞ୍ଚାୟତ ରହିଛି । ଜିଲ୍ଲାରେ ମୋଟ ୭୬ଟି ଜାତୀୟକରଣ ବ୍ୟାଙ୍କ ସହ ୩୧ଟି ଘରୋଇ, ୩୦ଟି ଓଜିବି, ୬ଟି କୋଅପରେଟିଭ ଏବଂ ୧୦ଟି କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ରହିଛି । ଏପରି ମୋଟ ୧୫୩ ସଂସ୍ଥା ଜନସାଧାରଣଙ୍କୁ ସେବା ଯୋଗାଇଦେଉଛି । ଗ୍ରାମାଞ୍ଚଳର ଗରିବ, କୃଷକ, କ୍ଷୁଦ୍ରଶିଳ୍ପ ସଂସ୍ଥା ସହ ଏସଏସଜିଗୁଡ଼ିକୁ ଆର୍ଥିକ ସେବା ସୁବିଧା ଯୋଗାଇଦେବା ବ୍ୟାଙ୍କଗୁଡ଼ିକର ପ୍ରାଥମିକ କାର୍ଯ୍ୟ । ସେହି ଅନୁସାରେ କୃଷି କ୍ଷେତ୍ରରେ ବଳରାମ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଉଦ୍ୟାନ କୃଷି, ମାଛଚାଷ ପାଇଁ ଋଣ ଯୋଗାଇଦେବା ହେଉଛି ବ୍ୟାଙ୍କଗୁଡ଼ିକର କାର୍ଯ୍ୟ । ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଜିଲ୍ଲାରେ ଏସଏଚଜି କ୍ରେଡିଟ ଲିଙ୍କେଜରେ ଆକ୍ସିସ ବ୍ୟାଙ୍କ ୫୦ଟି ଏସଏସଜି ଗ୍ରୁପକୁ ଋଣ ପ୍ରଦାନ କରିବାକୁ ଟାର୍ଗେଟ ରହିଥିବା ବେଳେ ମାତ୍ର ୮ ଟିକୁ ଲିଙ୍କେଜ କରି ୫.୬ ପ୍ରତିଶତ ସେବା ଯୋଗାଇଛି । ସେହିପରି ଏଚଡିଏଫସି ବ୍ୟାଙ୍କ ୩୫ଟିରୁ କାହାରିକୁ ଋଣ ପ୍ରଦାନ କରି ନ ଥିବା ବେଳେ ଶୂନ ପ୍ରତିଶତ, ଆଇସିଆଇସିଆଇ ବ୍ୟାଙ୍କ ୩୫୦ ଟାର୍ଗେଟ ନେଇଥିବା ବେଳେ ମାତ୍ର ୫.୧୯ ପ୍ରତିଶତ ସଫଳତା ପ୍ରଦାନ କରିଛି । ଆଇଡିବିଆଇ ୪.୪୩ ପ୍ରତିଶତ ଟାର୍ଗେଟ ପୂରଣ କରିଥିବା ଜଣାପଡ଼ିଛି । ସେହିପରି କୃଷିଋଣ କ୍ଷେତ୍ରରେ ଆକ୍ସିସ ବ୍ୟାଙ୍କ ୬୭.୪୦ ପ୍ରତିଶତ ପୂରଣ କରିଥିବା ବେଳେ ଜଳସମ୍ପଦ କ୍ଷେତ୍ରରେ ଶୂନ, ଉଦ୍ୟାନ ବିଭାଗରେ ଶୂନ, ବନୀକରଣ ଓ ୱେଷ୍ଟଲାଣ୍ଡ ବିକାଶରେ ମଧ୍ୟ କୌଣସି ଟାର୍ଗେଟ ପୂରଣ କରିନାହିଁ । ସମାନ ଭାବେ ଏଚଡିଏଫସି କୃଷି ଋଣରେ ମାତ୍ର ୧୪.୮ ପ୍ରତିଶତ ଟାର୍ଗେଟ ପୂରଣ କରିଥିବା ବେଳେ ଜଳସମ୍ପଦ କ୍ଷେତ୍ରରେ ଶୂନ, ଉଦ୍ୟାନ କୃଷିରେ ୩୯.୩୬ ପ୍ରତିଶତ ଏବଂ ଜଙ୍ଗଲ ଓ ୱେଷ୍ଟଲାଣ୍ଡ ବିକାଶରେ ୧୮.୮ ପ୍ରତିଶତ ପୂରଣ କରିଛି । କିନ୍ତୁ ଆଇସିଆଇସିଆଇ କୃଷି ଋଣରେ ୧୭.୯ ପ୍ରତିଶତ ପୂରଣ କରିଥିବା ବେଳେ ଉଦ୍ୟାନ କୃଷି, ଜଙ୍ଗଲ ଓ ୱେଷ୍ଟଲାଣ୍ଡ ବିକାଶରେ ଶୂନ ରହିଛି । ସେହିପରି ଆଇଡିବିଆଇ, ଆଇଡିଏଫସି, କୋଟାକ ମହିନ୍ଦ୍ରା, ବନ୍ଧନ ବ୍ୟାଙ୍କ, ଡିସିବି, ଫେଡେରାଲ ଭଳି ସଂସ୍ଥା ଜଙ୍ଗଲ ଓ ୱେଷ୍ଟଲାଣ୍ଡ ବିକାଶରେ ଟାର୍ଗେଟ ପୂରଣ କରିବା ତ ଦୂରକଥା କୌଣସି ପଦକ୍ଷେପ ନେଇନାହାନ୍ତି । ସରକାର ଗ୍ରାମାଞ୍ଚଳରେ ଜାତୀୟକରଣ ବ୍ୟାଙ୍କକୁ ପ୍ରାଧାନ୍ୟ ନ ଦେଇ ଘରୋଇ ବ୍ୟାଙ୍କକୁ ଗୁରୁତ୍ୱ ଦେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା



ଅନୁଗୋଳ,୧୮ ।୮ (ସମିସ): ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ ଓ ପୂଜାର୍ଚ୍ଚନା କରାଯାଇଛି । ଅନୁଗୋଳ ପୌରପାଳିକା ବିଜେଡି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରଜନୀକାନ୍ତ ସିଂ, ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ବିଜେଡି କାଉନସିଲର ବୃନ୍ଦ, ନଗର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ଏବଂ ବିଭିନ୍ନ ୱାର୍ଡସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କଣିହାଁ,୧୮ ।୮ (ସମିସ): କଣିହାଁ ଥାନା ତେଲସିଂହା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ଗ୍ରାମର ରାଜେନ୍ଦ୍ର ଭୂତିଆ (୨୩) । ନିଜ ମା'ଙ୍କ ଶାଢ଼ି ବେକରେ ବାନ୍ଧି ସେ ଝୁଲୁଥିବା ଦେଖି ତାଙ୍କ ବାପା ହରିହର ଭୂତିଆ କଣିହାଁ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ବାପା ହରିହରଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଅଭିଯୋଗ ଅନୁଯାୟୀ, ରବିବାର ରାତିରେ ରାଜେନ୍ଦ୍ର ଖାଇପିଇ ଘରେ ଶୋଇଥିଲେ । ରାତି ପ୍ରାୟ ୨ଟାରେ ହରିହର ରାଜେନ୍ଦ୍ରଙ୍କ ଶୋଇବା ଘରୁ ଏକ ଶବ୍ଦ ଶୁଣି ପାଖକୁ ଯାଇ ଡାକିଥିଲେ । ମାତ୍ର ରାଜେନ୍ଦ୍ର ନ ଶୁଣିବାରୁ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ । ସେତେବେଳକୁ ରାଜେନ୍ଦ୍ର ସିଲିଂ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ତାଙ୍କୁ ଖୋଲି କଣିହାଁ ମେଡିକାଲ ନେଇଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ ।

# ରାସ୍ତାରେ ଗୋମାତା, କୁମ୍ଭକର୍ଣ୍ଣ ନିଦ୍ରାରେ ସରକାର

ଅନୁଗୋଳ,୧୮ ।୮ (ସମିସ)



ଆଜିର ପ୍ରଗତିଶୀଳ ଦେଶ, ବିଶେଷତଃ ଆମ ରାଜ୍ୟରେ, ଯେକୌଣସି ରାସ୍ତା, ସେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ସହର ରାସ୍ତା ହେଉ ଅବା ଗ୍ରାମ୍ୟ ରାସ୍ତା, ଯୁଆଡ଼େ ଯିବେ ରାସ୍ତା ଉପରେ, ବିଶେଷକରି ରାତି ସମୟରେ ଗାଇଗୋରୁଙ୍କୁ ନିଶ୍ଚୟ ପାଇବେ । କଥା କହିପାରୁ ନ ଥିବା ଏହି ଗୃହପାଳିତ ପଶୁ କୌଣସି ନା କୌଣସି ରାସ୍ତା ଉପରେ ଶୋଇଥିବେ ଅଥବା ଠିଆହୋଇ ରହିଥିବେ । ହଠାତ୍ ଏତେ ସଂଖ୍ୟାରେ ଏ ଗାଇଗୋରୁ ରାସ୍ତା ଉପରକୁ ଆସିଲେ କୁଆଡ଼ୁ, ମନରେ ନିଶ୍ଚୟ ପ୍ରଶ୍ନ ଆସିବ । ଆଧୁନିକ ଯୁଗରେ ଏମାନେ ଆଉ ଗୃହପାଳିତ ପଶୁ ହୋଇ ନାହାନ୍ତି । ଏଠାରେ ଗୋଟିଏ ବହୁ ପ୍ରସିଦ୍ଧ ରାଜନୈତିକ ବାକ୍ୟ ମନେ ପଡ଼େ, "ମେରା ଦେଶ ବଦଲ ରହା ହୈ' ଅର୍ଥାତ୍ ମୋ ଦେଶ ବଦଳୁଛି । ହଁ ଆମ ଦେଶ ସତରେ ବଦଳୁଛି । ଆମେ ହିନ୍ଦୁ, ହିନ୍ଦୁତ୍ୱବାଦ ଉପରେ ଚିତ୍କାର କରୁଥିବା ପ୍ରତିଟି ମଣିଷ ଏହି ଗାଇଗୋରୁଙ୍କୁ ଦିଆଯାଇଥିବା ଗୋମାତା ଆଖ୍ୟାକୁ ଭୁଲିଗଲେଣି । ତେଣୁ ଗୋମାତା ଆଜି ଗୁହାଳ ଛାଡ଼ି ରାସ୍ତାରେ । ଖରା, ବର୍ଷା, ଶୀତ କାକର ସବୁ ସହିବାକୁ ପଡୁଛି ଗୋମାତାଙ୍କୁ । ବେଳେବେଳେ ଲାଗେ ଏମାନେ ବି ଆମ ମଣିଷ ଭଳି ବିଭିନ୍ନ ସମସ୍ୟା ନେଇ ରାସ୍ତାରୋକ କରୁଛନ୍ତି । ହେଲେ ଏମାନଙ୍କ ଗୁହାରି କିଏ ଶୁଣିବ, ମଣିଷ କହୁଥିବା ଭାଷା ଶିଖିନାହାନ୍ତି ଏମାନେ । ସେ ଯାହା ହେଉ, ଆଜି ଏହା ଏକ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି । ରାସ୍ତାରେ ଅନେକ ଦୁର୍ଘଟଣା ଘଟୁଛି ଏହି ଗାଇଗୋରୁଙ୍କ ରାସ୍ତା ଅବରୋଧ ପାଇଁ ।

କେତେବେଳେ ମଣିଷ ତ କେତେବେଳେ ଗାଇଗୋରୁମାନେ ମୃତାହତ ହେଉଛନ୍ତି ଦୁର୍ଘଟଣାରେ । ଆଜିର ଅତ୍ୟାଧୁନିକ, ଶିଳ୍ପାୟନ ଯୁଗରେ କର୍ମତତ୍ପର ମଣିଷମାନଙ୍କ ଘରେ, ସହର ହେଉ ଅବା ଗାଁ, ଆଉ ଗୁହାଳ ଗୋଟେ ନାହିଁ କାହାରି ପାଖରେ । ସରକାର ବି ଆଖିକାନ ବନ୍ଦ କରିଦେଲା ପରି ମନେ ହୁଏ ଏମାନଙ୍କ ପାଇଁ । ନହେଲେ ଏତେବଡ଼ ସମସ୍ୟାକୁ ଅଣଦେଖା କରୁଛନ୍ତି କିପରି? ସମାଧାନର ସୂତ୍ର ତ ବାହାର କରୁନାହାନ୍ତି କେହି । ଅଳ୍ପ କିଛି ସ୍ୱେଚ୍ଛାସେବୀ ଓ ସଂଗଠନ କିଛି ମାତ୍ରାରେ ସେବା ଯୋଗାଇ ଦିଅନ୍ତି ଏହି ନିରୀହ ପଶୁମାନଙ୍କୁ । କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । କିନ୍ତୁ ଯଦି ସୁସ୍ଥ ମନରେ ଚିନ୍ତା କରିବା, ତେବେ ହୁଏତ ଜାଣିପାରିବା ଯେ ଆମ ଜୀବନଚର୍ଯ୍ୟା ପାଇଁ କେତେ ଦରକାର ଏହି ଗାଇଗୋରୁମାନେ । ଆଦିମ, ପୁରାଣ ଯୁଗରୁ ଗାଇକୁ ଗୋମାତା ଆଖ୍ୟା ଦିଆଯାଇଛି । ଏହା ପଛରେ କେତେ ଯେ ମହତ୍ ଉଦ୍ଦେଶ୍ୟ ରହିଛି, ତାହା ବାକ୍ୟରେ ପ୍ରକାଶ କରିବା କାଠିକର ପାଠ । ଋଷି, ମୁନି, ବିଦ୍ୱାନ ପୁରୁଷମାନେ ଗୋମାତା ବୋଲି ସମ୍ବୋଧନ କରିଛନ୍ତି କିନ୍ତୁ ଆଧୁନିକତାର ଦ୍ୱାହି ଦେଇ ଆମେ ସେସବୁକୁ ନଷ୍ଟ କରିସାରିଲେଣି । ମାନବ ସମାଜ, ମାନବ କଲ୍ୟାଣ ପାଇଁ ଗୋମାତାର ଭୂମିକାକୁ ସମସ୍ତେ ଜାଣିଛେ, କିନ୍ତୁ ନ ଜାଣିଲା ଭଳି ଅଭିନୟ କରୁଛେ । ଆମ ସମସ୍ତଙ୍କୁ ଶୁଦ୍ଧ ଗାଇ ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟ ଦରକାର, କିନ୍ତୁ ଗାଇ ନୁହେଁ । ସବୁ ଜୀବଜନ୍ତୁଙ୍କୁ ଭଲପାଇବା, ଆଦର କରିବା ଦରକାର, ଯାହାର ବାକ୍ୟ ହେଉଛି "ଜୀବେ ଦୟା' । ସେପଟେ ଆଜିର ଆଧୁନିକ ଜୀବନଶୈଳୀରେ ଗାଇ ପାଇଁ ଗୁହାଳ ନାହିଁ, କିନ୍ତୁ କୁକୁର ପାଇଁ ଶୟନ ଶଯ୍ୟା ପ୍ରସ୍ତୁତ । ଏଠି ଆମେ କୁକୁରକୁ କି କୁକୁରକୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ଦୋଷ ଦେଉନାହୁଁ, କିନ୍ତୁ ଗୋମାତା ପ୍ରତି ଅବହେଳାକୁ ବର୍ଣ୍ଣନା କରୁଛୁ । ସେ ଯାହା ବି ହେଉ, ସମୟ ଆସିଛି ଗୋସମ୍ପଦ ନଷ୍ଟ ହେବା ପୂର୍ବରୁ ଆମେ, ଆମ ସରକାର ଏଥିପ୍ରତି ଯଥାଶୀଘ୍ର କିଛି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରନ୍ତୁ । ଯଦି ପ୍ରତି ପଞ୍ଚାୟତ ସ୍ତରରେ ଗୋଶାଳା ସୃଷ୍ଟି କରାଯାଇ ପାରନ୍ତା, ସରକାର ସେଥିପାଇଁ ଯଥେଷ୍ଟ ସାହାଯ୍ୟ ଓ ଅନୁଦାନ ଦିଅନ୍ତେ, ତେବେ ଆମ ଗୋସମ୍ପଦର ରକ୍ଷା ସହ ମାନବ ସମାଜର କଲ୍ୟାଣ ବିଭିନ୍ନ ଉପାୟରେ ହୋଇପାରନ୍ତା ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଅନୁଗୋଳ,୧୮ ।୮ (ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ରନ୍ତଲେଇ ପଞ୍ଚାୟତ କାର୍ଯ୍ୟାଳୟରେ 'କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ତାଲିକାଭୁକ୍ତ କରିବା' ସମ୍ପର୍କିତ ସଚେତନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ଜିଲ୍ଲା ଶ୍ରମ ଅଧିକାରିଣୀ ଲିରିକା ରାୟ, ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ତ୍ରିଦିବ୍ୟେଶ ଦଳବେହେରା, ଅତିରିକ୍ତ ଶ୍ରମ ଅଧିକାରୀ ଅମିୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ସରକାରଙ୍କ ବିଭିନ୍ନ ଯୋଜନା ଯଥା ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା, ଓଡ଼ିଶା ଅଣ-ସଂଗଠିତ ଶ୍ରମିକଙ୍କ ସାମାଜିକ କଲ୍ୟାଣ ବୋର୍ଡ, ମଧୁବାବୁ ପେନସନ ଯୋଜନା, ଇନ୍ଦିରାଗାନ୍ଧୀ ପେନସନ ଯୋଜନା, ପୀଡ଼ିତାଙ୍କୁ କ୍ଷତିପୂରଣ ଇତ୍ୟାଦି ବିଷୟରେ ସଚତନତ କରିଥିଲେ । କାର୍ଯ୍ୟକ୍ରମରେ ୨ ହିତାଧିକାରୀଙ୍କୁ ଆଶାବାଡ଼ି, ୩ ଜଣଙ୍କୁ ଇନ୍ଦିରାଗାନ୍ଧୀ ପେନସନ କାର୍ଡ, ଶ୍ରମକାର୍ଡ ଜରିଆରେ ୫ ମୃତଙ୍କ ପରିବାରକୁ ସହାୟତା, ୫ ଜଣଙ୍କୁ ବିବାହ ସହାୟତା, ୫ ଜଣଙ୍କୁ ଶିକ୍ଷା ସହାୟତା ଇତ୍ୟାଦି ପ୍ରଦାନ କରାଯାଇଥିଲା । ପ୍ରାଥମିକ ତଥା ଉଚ୍ଚ ବିଦ୍ୟାଳୟ ସ୍ତରରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପୁଣି ଥରେ ସ୍କୁଲକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶିକ୍ଷାବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଏଥିରେ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ରନ୍ତଲେଇ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ । ରନ୍ତଲେଇ ସରପଞ୍ଚ ମିନାକ୍ଷୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଡ୍ ଡିଭାଇଡରରେ ଚଢ଼ିଗଲା କାର୍



ନାଲକୋ ନଗର,୧୮ ।୮ (ସମିସ): ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ଫାଟକ ସମ୍ମୁଖ ନଂ ୫୫ ଜାତୀୟ ରାଜପଥର ଡିଭାଇଡରରେ ଚଢ଼ିଯାଇ ସୋମବାର ସନ୍ଧ୍ୟା ୭ଟା ୧୫ରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣା ପରେ କାର ରାସ୍ତା ଉପରେ ଓଲଟି ପଡ଼ିଥିଲା । ନାଲକୋରୁ ବଅଁରପାଳ ଅଭିମୁଖେ ଯାଉଥିବା ଏହି କାରରେ ସ୍ଥାନୀୟ ଏକ ଘରୋଇ ବ୍ୟାଙ୍କର କର୍ମଚାରୀ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟଏକ ଗାଡ଼ିର ଲାଇଟ୍ ଉକ୍ତ କାର ଚାଳକଙ୍କ ଆଖିରେ ପଡ଼ିବାରୁ ସେ ଭାରସାମ୍ୟ ହରାଇ ଜାତୀୟ ରାଜପଥରେ ଭଙ୍ଗା ଦଦରା ଡିଭାଇଡର ଉପରେ ଚଢ଼ିଯାଇଥିଲା । ଗାଡ଼ିଚାଳକ ଓ ବ୍ୟାଙ୍କ କର୍ମଚାରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ଖବର ପାଇ ନାଲକୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ତେବେ କାର ରାଜପଥ ଉପରେ ଓଲଟି ପଡ଼ିବାରୁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଥିଲା । ଅଧଘଣ୍ଟା କାଳ ଜାତୀୟ ରାଜପଥରେ ଟ୍ରାଫିକ ଜାମ୍ ହୋଇଥିଲା । ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟିବା, ବିଭିନ୍ନ ସମୟରେ ଉକ୍ତ ଡିଭାଇଡର ଉପରେ ଚଢ଼ି ଜାତୀୟ ରାଜପଥ ଅବରୋଧ ହେବା ଯୋଗୁଁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ପ୍ରତାପରୁଦ୍ର ମହାନନ୍ଦିଆଙ୍କ ସ୍ମୃତିସଭା



କିଶୋରନଗର,୧୮ ।୮ (ସମିସ): ଆଠମଲ୍ଲିକ ସହରର ବିଶିଷ୍ଟ ଶିକ୍ଷାବିତ, ସୁସାହିତ୍ୟିକ, ଅବସରପ୍ରାପ୍ତ ଶିକ୍ଷା ଜିଲ୍ଲା ପରିଦର୍ଶକ ତଥା ପଞ୍ଚଧାର ସାହିତ୍ୟ ସଂସଦର ପ୍ରାକ୍ତନ ସଭାପତି ପ୍ରତାପରୁଦ୍ର ମହାନନ୍ଦିଆଙ୍କ ଶ୍ରଦ୍ଧାଞ୍ଜଳି ସଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । ପ୍ରତାପରୁଦ୍ର ଚମ୍ପତିମୁଣ୍ଡାଠାରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ଆଶ୍ରମରେ ଶିକ୍ଷକତା ଆରମ୍ଭ କରି ରାଜ୍ୟର ବିଭିନ୍ନ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷକତା କରିବା ସହ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ରହି ସାହିତ୍ୟ ସାଧନାରେ ବ୍ରତୀ ରହିଥିଲେ । ଜଣେ ଆଦର୍ଶ ଶିକ୍ଷକ, ସରଳ ଓ ନିଷ୍କପଟ ବ୍ୟକ୍ତିତ୍ୱ ଏବଂ ବାଗ୍ମୀ ଭାବେ ତାଙ୍କୁ ଲୋକେ ମନେରଖିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନନ୍ଦିଆଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଙ୍ଗ ଆଭାସ କୁମାର କ୍ଷେତୀଙ୍କ ସଂଯୋଜନାରେ ସଭାପତି ବିବେକାନନ୍ଦ ବେହେରା, ନାଟ୍ୟକାର ଚିତ୍ତରଞ୍ଜନ ତ୍ରିପାଠୀ, ଓକିଲ ସଂଘ ଉପସଭାପତି ବିଦ୍ୟୁତ୍ ପାଣିଗ୍ରାହୀ, ଆଠମଲ୍ଲିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ, ସନ୍ଥ ନିରାକାରୀ ମଣ୍ଡଳର ମେଘନାଦ ସାହୁ, ପଇଁଅଁକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମହାନ୍ତି, ସର୍ବେଶ୍ୱର ଘିବାଲା, ଆଇନଜୀବୀ ଦୀନେଶ କୁମାର ସିଂହ, ଉଦୀପ୍ତ କୁମାର ପୁରୋହିତ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ବ୍ରହ୍ମା କୁମ୍ଭାର, ମନ୍ମଥ ଭୁରଭୁରି, କଳିଙ୍ଗ ବେହେରାମାଳୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ସ୍ୱର୍ଗତ ମହାନନ୍ଦିଆଙ୍କ ରଚିତ କବିତା 'ଯାଅନା ଗୋ କାବ୍ୟରାଣୀ'କୁ ଆଭାସ କୁମାର କ୍ଷେତୀ ଆବୃତ୍ତି କରିଥିଲେ । ଶିଳ୍ପୀ ମାନସ କର୍ଣ୍ଣ, ଅଭିଳାଷ ସ୍ୱାଇଁ, ରଣଜିତ୍ ରଣା, ଶିକ୍ଷକ ବାବୁଲି ଦେହୁରିଆ ପ୍ରମୁଖ ସହଯୋଗ କରିଥିଲେ । ସ୍ୱର୍ଗତ ମହାନନ୍ଦିଆଙ୍କ ପୁଅ ଆଇନଜୀବୀ ଆର୍ଯ୍ୟଭଟ୍ଟ ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓପି ଜିନ୍ଦଲ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ବରଗଡ଼କୁ ହରାଇ କଟକ ସ୍ପୋର୍ଟ୍ସ ହଷ୍ଟେଲ୍ ଚାମ୍ପିଅନ

ଅନୁଗୋଳ,୧୮ ।୮ (ସମିସ)




ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଓପି ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବରଗଡ଼ ୟୁନାଇଟେଡକୁ ୬-୫ ଗୋଲରେ ପରାସ୍ତ କରି କଟକ ସ୍ପୋର୍ଟ୍ସ ହଷ୍ଟେଲ୍ ଦଳ ଚାମ୍ପିଅନ ହୋଇଛି । ଅନୁଗୋଳ କଦମ ପଡ଼ିଆରେ ଓଡ଼ିଶାର ୧୨ଟି ରାଜ୍ୟସ୍ତରୀୟ ଦଳ ମଧ୍ୟରେ ୧୨ ଦିନ ଧରି ଚାଲିଥିବା ଏହି ରୋମାଞ୍ଚକର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚର ଫଳାଫଳ ପେନାଲ୍ଟି ଶୁଟଆଉଟ ଜରିଆରେ ନିଷ୍ପତ୍ତି ହୋଇଥିଲା । ଉଦଯାପନୀ ଉତ୍ସବରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା. ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ଦିଲୀପ କୁମାର ସିହ୍ନା, ସିଏଚ୍‌ଆରଓ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମୁଖ୍ୟଅତିଥି ସ୍ୱାଇଁ ଜିଲ୍ଲା ଏବଂ ଜିଲ୍ଲା ବାହାରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ଅନେକ ସାମାଜିକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିନ୍ଦଲ ଷ୍ଟିଲ୍ ଏବଂ ଜିନ୍ଦଲ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ । ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକରେ କ୍ରୀଡ଼ାବିତ୍‌ଙ୍କ ପାଇଁ ଉପଯୁକ୍ତ ଭିତ୍ତିଭୂମି ଯୋଗାଇବା ପାଇଁ ପ୍ରତିବଦ୍ଧ । ଏଥିପାଇଁ ସରକାର ସମସ୍ତ ବ୍ଲକରେ ଆଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ଯଥେଷ୍ଟ ପାଣ୍ଠି ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ । ବିଧାୟକ ପ୍ରତାପ ପ୍ରଧାନ ଏବଂ ଅଗସ୍ତି ବେହେରା ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ ସମ୍ପ୍ରଦାୟ ବିକାଶ ପ୍ରତି ସେମାନଙ୍କ ଅବଦାନ ଏବଂ ଅଞ୍ଚଳରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କ ନିରନ୍ତର ପ୍ରୟାସ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ।

ବରଗଡ଼ ୟୁନାଇଟେଡର ରାଜୁ ବେହେରାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ସିଦ୍ଧାର୍ଥ ପ୍ରଧାନଙ୍କୁ ଶ୍ରେଷ୍ଠ ଗୋଲକିପର ଭାବେ ସମ୍ମାନିତ କରାଯାଇଥିଲା । ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କଟକ ସ୍ପୋର୍ଟସ୍ ହଷ୍ଟେଲର ଅବିନାଶ କିଶାନଙ୍କୁ ମ୍ୟାନ ଅଫ୍ ଦି ଫାଇନାଲ ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ଫାଇନାଲରେ ରେଫରି ଭାବେ ଶିବସୁନ୍ଦର ପଣ୍ଡା, ଦିଲୀପ କୁମାର ରାଉତ ଏବଂ ଆଲୋକ ଦେହୁରି ସହାୟତା କରିଥିଲେ । ପୁପୁନ ବେହେରା ଚତୁର୍ଥ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ଦାମୋଦର ମିତ୍ତଲ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଗୋଳ ଜିଲ୍ଲା କ୍ରୀଡ଼ା ପ୍ରାଧିକରଣ ସହାୟତାରେ ଜୟନ୍ତ କୁମାର ମହାନ୍ତି (ଜିଏମ୍-ସିଏସଆର) ଏବଂ ତାଙ୍କ ଟିମ ଦ୍ୱାରା ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା ।

# ପ୍ରଧାନଶିକ୍ଷକ ନିଯୁକ୍ତି ଦାବି: ବିଦ୍ୟାଳୟରେ ତାଲା



ଗଁଦିଆ,୧୮ ।୮ (ସମିସ): ଗଁଦିଆ ବ୍ଲକ ବେଗା ପଞ୍ଚାୟତ କରଡ଼ାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଓ ଅନ୍ୟାନ ସମସ୍ୟାକୁ ନେଇ ସୋମବାର ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି । ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୧୧୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କିନ୍ତୁ ଦୀର୍ଘ ଦେଢ଼ବର୍ଷ ହେଲା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକଙ୍କ ବଦଳି ହୋଇଯାଇଛି । ଆଜିପର୍ଯ୍ୟନ୍ତ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ହୋଇନାହାନ୍ତି । ଜଣେ ସହକାରୀ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଛନ୍ତି । ତାଙ୍କୁ ମିଶାଇ ମୋଟ ଏଠାରେ ୪ ଶିକ୍ଷକ ଅଛନ୍ତି । ଅଧିକାଂଶ ସମୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକମାନେ ଶିକ୍ଷାଦାନରେ ଅବହେଳା କରିବା ଯୋଗୁଁ ଗୋଟିଏ ଶ୍ରେଣୀରେ ୨ ଦୁଇଟି କ୍ଲାସ କରିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି । ଏଥିସହ ବିଦ୍ୟାଳୟରେ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନରେ ଅନେକ ସମୟରେ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅନେକ ପିଲା ଅଭିଯୋଗ କରିଛନ୍ତି । ସ୍ଥାୟୀ ପ୍ରଧାନଶିକ୍ଷକ ନ ଥିବାରୁ ଠିକ୍‌ରେ ପାଠପଢ଼ା ହେଉ ନ ଥିବା ଅଭିଯୋଗ କରିଛନ୍ତି । ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ କୁମାର ଲେଙ୍କା କହିଛନ୍ତି । ସେହିପରି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁମନ୍ତ କୁମାର ମଲିକ କୁହନ୍ତି, ଗ୍ରାମବାସୀ ଯେଉଁ ସବୁ ଅଭିଯୋଗ ଆଣୁଛନ୍ତି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ । ମଧ୍ୟାହ୍ନ ଭୋଜନ ଠିକ ଭାବେ ପିଲାମାନଙ୍କୁ ଦିଆଯାଉଛି ବୋଲି ସେ କହିଛନ୍ତି । ଅନ୍ୟପଟେ ବିଦ୍ୟାଳୟରେ ତାଲା ପଡ଼ିଥିବା ଖବର ପାଇ ଗଁଦିଆ ଏବିଇଓ ସତ୍ୟେନ୍ଦ୍ର କୁମାର ସାହୁ ଓ ସୁବାସ ଚନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ପଦକ୍ଷେପ ନିଆଯିବ ବୋଲି ଏବିଇଓ ସାହୁ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଧାରଣାସ୍ଥଳକୁ ଆସି ଆଲୋଚନା କରିବା ସହ ଦାବି ପୂରଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେବାପରେ ଧାରଣରୁ ଉଠିବେ ବୋଲି ଗ୍ରାମବାସୀ କହିଛନ୍ତି ।

# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।
-ଷ୍ଟିଭ୍ ଜବ୍‌ସ

ସକାଳ
THE SAKALA

# ଆଶାର ଆଲୋକ ଆଲାସ୍କା

ସବୁ ଆଶା ଓ ନିରାଶା ମଧ୍ୟରେ ଅନୁଷ୍ଠିତ ଆଲାସ୍କା ଶିଖର ବୈଠକ ଶୁକ୍ରବାର ଶେଷ ହୋଇଛି। ଆମେରିକା ଓ ରୁଷିଆର ଦୁଇ ଶୀର୍ଷ ନେତୃତ୍ୱ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ତିନିଘଣ୍ଟାର ଆଲୋଚନାରୁ ଠୋସ୍ କିଛି ନିର୍ଯାସ କି ବାର୍ତ୍ତା ବିଶ୍ୱବାସୀଙ୍କୁ ମିଳିନଥିଲେ ମଧ୍ୟ ଏହା ଯେ ସକାରାତ୍ମକ, ତାହା ଦୁଇ ନେତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। କୂଟନୈତିକ ଗୋଟିଚାଳନାରେ ସିଦ୍ଧହସ୍ତ ପୁଟିନ ରୁଷର ସ୍ୱାର୍ଥକୁ ସୁରକ୍ଷିତ ରଖି ଟ୍ରମ୍ପଙ୍କୁ ମନେଇବାକୁ ସମର୍ଥ ହୋଇଛନ୍ତି। 'ଟ୍ରମ୍ପ ଯଦି ୨୦୨୨ରେ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାନ କରୁଥା'ନ୍ତେ ହୁଏତ ରୁଷ –ୟୁକ୍ରେନ ଯୁଦ୍ଧ ସଂଘଟିତ ହୋଇ ନ ଥା'ନ୍ତା।' ଅନନମୀୟ ଟ୍ରମ୍ପଙ୍କୁ ମନେଇବାରେ ପୁଟିନଙ୍କ ଏହି ବକ୍ତବ୍ୟ ଯଥେଷ୍ଟ ଥିଲା। କାରଣ ଏହି ଶିଖର ବୈଠକ ପୂର୍ବରୁ ୟୁରୋପୀୟ ନେତା ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ଆଲୋଚନା ବେଳେ ତୁରନ୍ତ ଯୁଦ୍ଧ ବିରାମ ପ୍ରସ୍ତାବରେ ପୁଟିନ ରାଜି ନହେଲେ ପରିସ୍ଥିତି ଭୟାନକ ହେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିନ୍ତୁ ଆଲାସ୍କାର ଶିଖର ବୈଠକରେ ଆଲୋଚନାର ଗତି ଏଭଳି ମୋଡ଼ ନେଇଥିଲା ଯେ ଟ୍ରମ୍ପ କହିଥିଲେ, ଯୁଦ୍ଧ ବିରତି କାହିଁକି ଆମେରିକା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହେଁ। ଯେଉଁ ପ୍ରସଙ୍ଗ ନେଇ ଏହି ଯୁଦ୍ଧର ସୂତ୍ରପାତ ଘଟିଥିଲା ତାହାକୁ ପରୋକ୍ଷରେ ଗ୍ରହଣ କରି ପୁଟିନଙ୍କୁ ମନେଇଛନ୍ତି ଟ୍ରମ୍ପ। ସେ ଇଙ୍ଗିତ. କରିଥିବା ମନ୍ତବ୍ୟଟି ହେଲା ୟୁକ୍ରେନ ନାଟୋର ସଦସ୍ୟ ନ ରହିଲେ ମଧ୍ୟ ତାହାର ସୁରକ୍ଷା ପ୍ରତି ଆମେରିକା ଅଙ୍ଗୀକାରବଦ୍ଧ। ପୁଟିନ ଶିଖର ବୈଠକର ଅଗ୍ରଗତିକୁ ସକାରାତ୍ମକ କହିଥିବା ବେଳେ ଟ୍ରମ୍ପ ୧୦ ରୁ ୧୦ ନମ୍ବର ଦେଇଛନ୍ତି। ସୋମବାର ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସଫଳତା ଉପରେ ନିର୍ଭର କରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା।

ଆଲାସ୍କା ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରି କହିଛି ଯେ କୂଟନୈତିକ ସ୍ତରରେ ଉଦ୍ୟମ ଓ ଆପୋସ ଆଲୋଚନା ହିଁ ସବୁ ସମସ୍ୟାର ସମାଧାନ କରିପାରିବ। ରୁଷ-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ଅବସାନକୁ ଭାରତ ସମେତ ସମଗ୍ର ବିଶ୍ୱ ଅପେକ୍ଷା କରିଛି। ଶିଖର ବୈଠକ ପରିବର୍ତ୍ତୀ ପ୍ରତିକ୍ରିୟା ମଧ୍ୟ ଭାରତ ସକାଶେ ଆଶା ସଂଚାର କରିଛି। ଚୀନ ପଛକୁ ଭାରତ ହିଁ ରୁଷରୁ ସର୍ବାଧିକ ତୈଳ ସଂଗ୍ରହ କରୁଛି। ଏଥିସକାଶେ ଭାରତ ବିରୋଧରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ, ଯାହାକି ଅଗଷ୍ଟ ୨୭ରୁ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହେବାର ଥିଲା। ତେବେ ଟ୍ରମ୍ପ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଦୁଇ ତିନି ସପ୍ତାହ ସମୟ ନେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ବିବାଦୀୟ ଅତିରିକ୍ତ ଶୁଳ୍କ ପ୍ରସଙ୍ଗ ସମାଧାନର ନିକଟବର୍ତ୍ତୀ ହେବ ବୋଲି ଭାରତ ଆଶା କରେ। ଟ୍ରମ୍ପଙ୍କ ସମୟ ନେବା ପଛରେ ଆଉ ଯେଉଁ ଦିଗଟି ଅସ୍ପଷ୍ଟ ଅଛି, ତାହା ହେଲା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନ। ତାହାର ନିଷ୍କର୍ଷ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ନିଷ୍ପତ୍ତି ଅନେକଟା ନିର୍ଭର କରେ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ଶିଖର ବୈଠକ ପାଇଁ ଆଲାସ୍କାକୁ ନିରୂପଣ କରିବାର ମଧ୍ୟ କିଛି ଐତିହାସିକ ପୃଷ୍ଠଭୂମି ଅଛି। ୧୭୨୫ରୁ ଆଲାସ୍କା ଥିଲା ସୋଭିଏତ ରୁଷ ଅଧୀନରେ। ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ବିପୁଳ ତୈଳସମ୍ପଦ ସେଠାରେ ଗଚ୍ଛିତ ଥିବା ସଂପର୍କରେ ଅବଗତ ହେବା ପୂର୍ବରୁ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିକି ଦେବାକୁ ସ୍ଥିର କରିଥିବା ରୁଷ। କ୍ରିମିଆ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ବାଧ୍ୟବାଧକତାରୁ ରୁଷ ଏହି ନିଷ୍ପତ୍ତି ନେଇଥିଲା। ଆମେରିକା ମଧ୍ୟ ଗୃହଯୁଦ୍ଧ ଅବସାନ ପରେ ଆଲାସ୍କା କ୍ରୟ ପାଇଁ ଯୋଗାଯୋଗ କରିଥିଲା। ୫ ଲକ୍ଷ ୮୦ ହଜାର ୪୧୨ ବର୍ଗ ମାଇଲ୍ ଅଞ୍ଚଳକୁ ୭.୨ ନିୟୁତ ଡଲାର ବିନିମୟରେ ୧୮ ୭ ୯ ମାର୍ଚ୍ଚ ୩୦ ତାରିଖରେ ଆମେରିକା କିଣିଥିଲା ସୋଭିଏତ୍ ରୁଷ୍‌ଠାରୁ। ଆଲାସ୍କା ସମ୍ପ୍ରତି ଆମେରିକାର ଉତ୍ତର ଭାଗରେ ଅନ୍ୟତମ ସମୃଦ୍ଧ ରାଜ୍ୟର ମାନ୍ୟତା ଲାଭ କରିଛି। ଏହି ଐତିହାସିକ ଶିଖର ବୈଠକ ପାଇଁ ନିର୍ଦ୍ଧାରିତ ସ୍ଥାନ ପଛରେ ଆମେରିକା ଅହଂକାର ଓ ରୁଷର ପାରମ୍ପରିକ ସଂପର୍କ ଯେ ନିହିତ ଅଛି ତାହାକୁ ଅସ୍ୱୀକାର କରି ହେବ ନାହିଁ।

ୟୁକ୍ରେନକୁ ନାଟୋ ସଦସ୍ୟତା. ପ୍ରଦାନକୁ ବିରୋଧ କରି ରୁଷ ପକ୍ଷରୁ ହୋଇଥିବା ଆକ୍ରମଣ ଏଥିମଧ୍ୟରେ ତିନିବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ ଆଗତ ଏକାଧିକବାର ଯୁଦ୍ଧ ବିରତି ପ୍ରସ୍ତାବ ଫଳପ୍ରଦ ହୋଇ ନ ଥିଲା। ପ୍ରଥମ ଥର ସକାଶେ ଆମେରିକା ଓ ରୁଷର ଶୀର୍ଷ ନେତୃତ୍ୱ ଆଲାସ୍କାରେ ଏକତ୍ରିତ ହେବା କୂଟନୈତିକ ଓ ଭୂରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ୟୁକ୍ରେନ ଓ ୟୁରୋପୀୟ ସହଯୋଗୀ ତୁରନ୍ତ ଯୁଦ୍ଧ ବିରାମ ଚାହୁଁଥିଲେ ମଧ୍ୟ ଟ୍ରମ୍ପ କିଭ୍ ଓ ମସ୍କୋ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ରାଜିନାମାକୁ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ୟୁକ୍ରେନ ତୁଳନାରେ ରୁଷର ଶକ୍ତି ଓ ସାମର୍ଥ୍ୟ ଯଥେଷ୍ଟ ଅଧିକ। କିଭ୍ ପକ୍ଷରୁ ପ୍ରତିରୋଧ ଜାରି ରଖିବା ଅର୍ଥହୀନ। ତେଣୁ ମସ୍କୋ ସହ ରାଜିନାମାରେ ଉପନୀତ ହେବା ଜରୁରୀ। ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ବେଳେ ଆଗତ ପ୍ରସ୍ତାବ ଓ ସର୍ତ୍ତ ସଂପର୍କରେ ସେ ଜେଲେନସ୍କିଙ୍କ ସହ ମତ ବିନିମୟ କରିଛନ୍ତି। ଏହାର ସଫଳତା ଉପରେ ପୁଟିନ ଓ ଜେଲେନସ୍କିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା ସକାଶେ ପଥ ପରିଷ୍କାର ହେବ। ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ରକ୍ଷା ପ୍ରସଙ୍ଗରେ ଉଭୟ ପକ୍ଷ କୋହଳ ମନୋଭାବ ପୋଷଣ କରିବା ଉଚିତ। ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାରରେ ଦଖଲ ଅଞ୍ଚଳ ବିନିମୟ ଓ ନିରାପତ୍ତା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧତା ନେଇ ଅଣାନୁଷ୍ଠାନିକ ଆଲୋଚନା ବେଳେ ଗୁରୁତ୍ୱ ଦିଆଯାଇଥିବାର ସୂଚନା ଦେଇଛନ୍ତି ଟ୍ରମ୍ପ। ଦୁଇପକ୍ଷ ସହମତିର ନିକଟବର୍ତ୍ତୀ ହୋଇଛନ୍ତି। ୟୁକ୍ରେନ ପାଇଁ ଏହା କେତେଦୂର ଗ୍ରହଣଯୋଗ୍ୟ ହେବ ତାହା ଜେଲେନସ୍କିଙ୍କ ଉପରେ ନିର୍ଭର କରେ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆଲାସ୍କାରେ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ବିରୋଧରେ ରୁଷ ଆକ୍ରମଣ ଜାରି ରଖିଥିଲା। ଦୁଇ ପରସ୍ପର ବିରୋଧୀ ମାନସିକତା ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ। ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାର ବାଧ୍ୟବାଧକତା ନେଇ ଟ୍ରମ୍ପ ଯେଉଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ତାହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ।

ଭାରତ ତାହାର ସାର୍ବଭୌମ ଅଧିକାରକୁ ତୈଳ ଆଦଦାନୀ ପ୍ରସଙ୍ଗରେ ସାଲିସ କରିନାହିଁ କି ଏ ସଂପର୍କରେ ଆମେରିକାର ଚାପ ସତ୍ତ୍ୱେ ନିଷ୍ପତ୍ତି ବଦଳାଇନାହିଁ। ଆଲାସ୍କା ଶିଖର ବୈଠକ ପରେ ଟ୍ରମ୍ପ ନିଜ ଆଡୁ କହିଥିଲେ ଯେ ରୁଷରୁ ତୈଳ ଆମଦାନୀ ବନ୍ଦ କରିଛି ଭାରତ, ଯାହାକି ଅସତ୍ୟ ଓ ନିରାଧାର। ଏହି ପ୍ରସଙ୍ଗରେ ସେ ଯେଉଁ ୨୫% ଅତିରିକ୍ତ ଶୁଳ୍କ ଆଦାୟ ନିର୍ଦ୍ଦେଶ ଦେଇଥିଲେ ତାହାର ପୁନଃବିଚାର କରୁଥିବା ସୂଚନା ଦେଇଛନ୍ତି। ଭାରତ ଭଳି ଚୀନ ମଧ୍ୟ ରୁଷରୁ ତୈଳ ଆମଦାନୀ କରୁଛି। ଉଭୟଙ୍କ କ୍ଷେତ୍ରରେ ସେ ସାନି ନିଷ୍ପତ୍ତି ନେବା ପାଇଁ ଦୁଇ ତିନି ସପ୍ତାହ ନେଇଛନ୍ତି। ତେଣୁ କିଛି ନୂଆ ସମ୍ଭାବନା ନେଇ ଆଶା କରିବାର ଯଥାର୍ଥତା ଅଛି।

# ଅସିମ ମୁନିର ଓ ଅବୋଲକରା ଜିଭ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ବିଶ୍ୱବିଖ୍ୟାତ ମନୋବୈଜ୍ଞାନିକ ତଥା ମନୋଚିକିତ୍ସକ 'ସିଗ୍‌ମଣ୍ଡ ଫ୍ରଏଡ୍' ଯଦି ଏବେ ଜୀବିତ ଥା'ନ୍ତେ, ସେ ପାକିସ୍ତାନର ସାମରିକ ବାହିନୀର ଫିଲ୍ଡ ମାର୍ଶାଲ୍ ପଦକୁ ସଦ୍ୟ ଉନ୍ନୀତ 'ଅସିମ ମୁନିର'ଙ୍କୁ କେତେ ଯେ ଧନ୍ୟବାଦ ଦେଇଥା'ନ୍ତେ କିଏ ଜାଣେ? କାରଣ ଅସୀମ ଅବିମୃଶ୍ୟକାରିତାର ଲଜ୍ଜାଜନକ ଉଦାହରଣମାନ ଆମକୁ ଭେଟି ଦେଇ ଚାଲିଥିବା ଏ ଅସିମ ମୁନିର ନିକଟରେ ଆମେରିକାର ଫ୍ଲୋରିଡ଼ା ସହରରେ ପାକିସ୍ତାନୀ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଅମାନିଆ ତୁଣ୍ଡରୁ ଯେଉଁଟି ଉତୁରି ପଡ଼ିଥିଲା, ସେଇଟି ନିଶ୍ଚୟ 'ଫ୍ରଏଡିଆନ୍ ସ୍ଲିପ୍' ପରି ଅକସ୍ମାତ୍ ଜିହ୍ୱାଗ୍ର-ପତିତ ବାକ୍ୟଟିଏ। 'ଫ୍ରଏଡିଆନ୍ ସ୍ଲିପ୍' ହେଉଛି ଅବଚେତନ ମନର କୌଣସି ଏକ ଅବଦମିତ ଭାବନାର ଭାଷିକ ପରିପ୍ରକାଶ। ଘୋର ଭାରତ ବିଦ୍ୱେଷୀ ତଥା ହିନ୍ଦୁ-ବିଦ୍ୱେଷୀ ବିଷଜ୍ୱାଳାରେ ମୁନିରଙ୍କ ଅବଚେତନ ମନ ନୁହେଁ, ଚେତନ ମନଟି ବି ପୂରାପୂରି ନେଳି ପଡ଼ିଯାଇସାରିଛି 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ଦୟନୀୟ ପରାଭବ ପରେ। ତେଣୁ ସେ ବିଚରା କିପରି ବା ନିଜର ବିଷଭରା ଜିଭଟିକୁ ଆୟତ୍ତରେ ରଖିପାରିଥା'ନ୍ତେ?

ଆମେରିକାରେ ଆପଣାର ଶୂନ୍ୟଗର୍ଭ ଢମପଣିଆର ଉଦାହରଣଟିଏ ଉପସ୍ଥାପନ କରିବାର ଦାୟରେ ଶତ୍ରୁଦେଶ ଭାରତକୁ କଡ଼ା ଧମକଟିଏ ଦେବା ପାଇଁ ଠିକଣା ବାକ୍ୟ-ବିନ୍ୟାସଟିଏ କରିବାକୁ ମୁନିର ତାଙ୍କ ମଗଜଟି ନିଶ୍ଚୟ ଖଟାଇଥିବେ। କିନ୍ତୁ କ'ଣ ବା କରିବେ ସେ? ତାଙ୍କର ସେ ମଗଜଟି ତ ଆଉ ଆମତୁମମାନଙ୍କ ପରି ନୁହେଁ। ସେଥିରେ ତ ଘୃଣା ଓ ଅସୂୟାର ଓ ତକ୍ଷକ-ଅହନ୍ତାର ପ୍ରାବଲ୍ୟ। ସେଥିରୁ ଯାହା ଉଦ୍‌ଗିରିତ ହେବ, ତାହା କିପରି ବା ଭଦ୍ର, ସଂଯତ ବା ପ୍ରୀତିପ୍ରଦ ହେବ? ମୁନିର-ଜାତୀୟ ମଣିଷମାନଙ୍କ ପ୍ରତିଟି ବକ୍ତବ୍ୟ, ପ୍ରତିଟି ଉଚ୍ଚାରଣରେ ବାରମ୍ବାର 'ଫ୍ରଏଡିଆନ୍ ସ୍ଲିପ୍'ମାନ ଘଟିବା ତେଣୁ ଖୁବ୍ ସ୍ୱାଭାବିକ ନିଶ୍ଚୟ। ତେବେ ସେଦିନ ଫ୍ଲୋରିଡ଼ାର ସେ ସଂଗତରେ ଅସିମ ମୁନିରଙ୍କ ତୁଣ୍ଡରୁ ବାହାରିଯାଇଥିବା ବାକ୍ୟଟି ତାଙ୍କର କଚ୍ଚର ଅନୁଗତ ମଣିଷମାନଙ୍କୁ ବି ସ୍ୱୀକାର କରିବାକୁ ବାଧ୍ୟ କରିଥିବ ଯେ ସେମାନଙ୍କ ଏ ଫିଲଡ୍ ମାର୍ଶାଲ୍ ଶୀର୍ଷସ୍ତରୀୟ ହୁଙ୍କାପିଟା ନିର୍ବୋଧ ଜଣେ। ନହେଲେ କ'ଣ କେବେ ସେ କହିଥା'ନ୍ତେ- 'ଭାରତ ଏକ 'ମର୍‌ସିଡିଜ୍' ହେଲେ ପାକିସ୍ତାନ ଏକ 'ଡଂପ୍ ଟ୍ରକ୍'। ଅର୍ଥାତ, ଶତ୍ରୁ ଦେଶ ଭାରତ ହେଉଛି ସମ୍ଭ୍ରାନ୍ତ-ଦର୍ଶନ 'ମର୍‌ସିଡିଜ୍'କାର୍‌ଟିଏ ପରି ଦ୍ରୁତ ବେଗଗାମୀ ଏବଂ ପାକିସ୍ତାନ ଏକ ଅଳିଆ ଆବର୍ଜନାଭରା, ଅସୁନ୍ଦର ଗଢ଼ଣର ମାନ୍ଦା, ଓଜନିଆ ଟ୍ରକ୍‌ଟିଏ।

ଅହଂସ୍ଫୀତ ମୁନିରଙ୍କ ଏ ରୂପକ ଦୁଇଟିର ବ୍ୟଞ୍ଜନାର୍ଥ ଖୋଦ୍ ପାକିସ୍ତାନୀମାନଙ୍କୁ ହତଭମ୍ବ କରିଦେଇଥିବ, ଲଜ୍ଜାବନତ କରି ଦେଇଥିବ। କାରଣ ବିଶ୍ୱସମ୍ମୁଖରେ ତାଙ୍କରି ଫିଲ୍ଡ ମାର୍ଶାଲ୍ ପୂରାପୂରି ଅନାବରଣ କରି ଥୋଇଦେଲେ ପାକିସ୍ତାନକୁ। କହିଦେଲେ ନିର୍ଘାତ ସତଟିଏ, ଯେଉଁଟିକୁ ଲୁଚାଇବାକୁ ଯାଇ କେତେକେତେ ଛଳବଳ କୌଶଳର ଆଶ୍ରୟ ନେଇ ଚାଲିଛି ପାକିସ୍ତାନ ତା'ର ଜନ୍ମ ଅବଧିରୁ ଏ ପର୍ଯ୍ୟନ୍ତ। କିନ୍ତୁ ଆମେ ଭାରତୀୟମାନେ ମୁନିରଙ୍କୁ ଅଶେଷ ଧନ୍ୟବାଦ ଦେବା। ତାଙ୍କର ସେ ଘୃଣାରଞ୍ଜିତ ଅବଚେତନ ମନର ପୃଷ୍ଠାରେ ଅଲିଭା କାଳିରେ ଲେଖି ହୋଇରହିଥିବା ଭାରତ ସଂପର୍କିତ ବ୍ୟାଖ୍ୟାନଗୁଡ଼ିକରୁ ଗୋଟିଏ ନିଛକ ସତ ଉତୁରି ଆସିଛି ସମ୍ଭବତଃ ତାଙ୍କ ଅଜାଣତରେ। ସେ ଯାହା ହେଉ, ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ଏଇ କେତୋଟି ଦିନ ଧରି ଭାରତୀୟଙ୍କୁ (ବିଶ୍ୱବାସୀଙ୍କୁ ବି) ଦେଇ ଚାଲିଛି ଅସରନ୍ତି ହାସ୍ୟବିନୋଦନର ମୁହୂର୍ତ୍ତ। ସେଥିପାଇଁ ଆମମାନଙ୍କ ଦୃଷ୍ଟିରେ ଏ ମଣିଷ ଜଣକର ଏ ନିରୋଳା ନିର୍ବୋଧତା ଅବଶ୍ୟ ପ୍ରଶଂସନୀୟ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱାସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେଜଣ ଖାତ ବା ଅଳ୍ପଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ। ଆକ୍ଷରିକ ଅର୍ଥରେ ଫ୍ରଏଡିଆନ୍ ସ୍ଲିପ୍ ନ ହେଲେ ମଧ୍ୟ ଅନେକଙ୍କ ତୁଣ୍ଡରୁ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ। ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍ -ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍'। ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ। ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ଦେବା -ପୂରାପୂରି ଓଲଟା। ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକପ୍ରକାର 'ମାଲାପ୍ରପିଜିମ୍'। ଉଲ୍ଲେଖ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର 'ଶ୍ରୀମତୀ ମାଲାପ୍ରପ୍'ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି। ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପ୍‌ଲ ଅଫ୍ ପୋଲାଇଟ୍‌ନେସ୍'। ମାଲାପ୍ରପ୍ 'ପାଇନ୍‌ଆପ୍‌ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ। ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜିମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଂଗ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କୁମ୍ଭୀର) ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ। ମହାନ୍ ନାଟ୍ୟକାର ସେକ୍‌ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଙ୍ଗ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ। ନାମ ଥିଲା ତାଙ୍କର 'ଡଗ୍‌ବେରି'। ବେଳଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରିଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟ ସବୁକୁ କେତେକ ବି କହିଥା'ନ୍ତି 'ଡଗ୍‌ବେରିଜିମ୍'।

ଆଉ କେତୋଟିର ଉଦାହରଣ ଦେବା। ଖାସ୍ ମୁନିରଙ୍କୁ କିଛିଟା ଅଧିକ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ। ୧୯୮୮ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷଆଡ଼କୁ କହିଦେଲେ -'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ)। ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ। କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜ୍ଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ। ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ। ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି - 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି। କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ଗୁରୁଦାୟିତ୍ୱ। କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ। କିନ୍ତୁ କିଏ ବା ନ ଜାଣେ ଏ ଫିଲ୍ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେ ହେଲେ ଠିକ୍ ରଖିପାରୁ ନ ଥିବା ଅସଂଯତ ମଣିଷ ଜଣେ ବୋଲି? ମସ୍ତବଡ଼ ଅହଂସ୍ଫୀତ ଅଥଚ ନିରୋଳ ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହୁସ୍ଫୋଟ ମାରି କହିଥା'ନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମାମାଡ଼ରେ'?

ଏ ଧରଣର ମାଲାପ୍ରପିଜିମ୍ ଓ ଡଗ୍‌ବେରିଜିମ୍ ପରି ଅନ୍ୟ ଏକ କୌତୁହଳପ୍ରଦ ଭାଷିକ ତ୍ରୁଟିଟି ହେଉଛି 'ସ୍ପୁନରିଜିମ୍'। ଉନବିଂଶ ଶତାବ୍ଦୀର ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର 'ଉଇଲିୟମ୍ ଆର୍ଚ୍ଚିବାଲ୍ଡ ସ୍ପୁନର' ଅଭ୍ୟାସଗତ ଭାବରେ ଗୋଟିଏ ବାକ୍ୟର ଶବ୍ଦସବୁର ଅକ୍ଷରଗୁଡ଼ିକୁ ଠିକଣା ଶବ୍ଦମାନଙ୍କରୁ କାଢ଼ିନେଇ ଅନ୍ୟ ଶବ୍ଦ ସହିତ ଯୋଡ଼ି ଦେଉଥିଲେ। ଏ ପ୍ରକାର ଉଚ୍ଚାରଣଗତ ତ୍ରୁଟିଟି ଅବଶ୍ୟ କୌଣସି ଦୃଷ୍ଟିରୁ ଫ୍ରଏଡିଆନ୍ ସ୍ଲିପ୍ ପରି ଅର୍ଥବହ ନୁହେଁ। ଏହା କେବଳ ନିର୍ମଳ ହାସ୍ୟକଲ୍ଲୋଳ ସୃଷ୍ଟି କରିଥାଏ। ସ୍ୱୟଂ ସ୍ପୁନର ଥରେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ହାତମୁଠା କରି ଜଣେ ବ୍ୟକ୍ତି ଆଡ଼କୁ ଆଗେଇଯାଇ କହି ପକାଇଲେ, 'ବ୍ଲଡି ଫୁଲ୍ ! ଆଇ ଉଇଲ୍ ଗିଭ୍ ୟୁ ଏ ବ୍ଲସିଂ କ୍ରୋ'। ଅର୍ଥାତ୍ 'କ୍ରସିଂ ବ୍ଲୋ' (ଶକ୍ତ ମୁଥ) ନ କହି କହିଦେଲେ 'ବ୍ଲସିଂ କ୍ରୋ' (ଲାଜୁଆ କୁଆ)। ଆମେ ଓଡ଼ିଆମାନେ ବି ଏଇ ଧରଣର ସ୍ପୁନରିଜିମ୍ ଘଟାଇଥାଉ ଆମ ଉଚ୍ଚାରିତ ବାକ୍ୟମାନଙ୍କରେ। ଏଇ ଯେମିତି: 'ଶୀତ ବୋଲିଲେ ଗୀତ ଛାଡ଼ିଯିବ', 'ଖଜୁରୀ ଗୁଣର କି ଗଛ ଗାଇବି' କି 'ଗୁଣ ଧୋଉଥାଅ, ଅଖା ଗାଉଥାଅ'। ଆମ ପାଟିରେ 'କମଳ' ହୋଇଯାଏ 'କଳମ' କିମ୍ବା 'ତୁମେ ମୋ ପ୍ରିୟ ବନ୍ଧୁଙ୍କ ପତ୍ନୀ' ହେଇଯାଇଥାଏ 'ତୁମେ ମୋ ପତ୍ନୀଙ୍କ ପ୍ରିୟ ବନ୍ଧୁ'।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସେମାନେ ମଧ୍ୟ ମଣିଷ

ଅକ୍ଷୟ କୁମାର ମିଶ୍ର

ସଭ୍ୟତା ଆଗକୁ ବଢ଼ୁଛି। ମଣିଷ ଶିକ୍ଷିତ ହେଉଛି। ମାତ୍ର ଏବେ ବି ଛୁଆଁ ଅଛୁଆଁର ଭେଦ ଭାବ ଭିତରେ କିଛି ଲୋକ ପେଶି ହୋଇଯାଉଛନ୍ତି। କିଛି ସୁବିଧାଜନକ ସ୍ଥିତିରେ ଥିବା ଲୋକମାନେ ସେମାନଙ୍କର କାମ ସହିତ ଭାଗ୍ୟକୁ ଯୋଡ଼ି ଦେଇ କୁହୁଛନ୍ତି, 'ତା'ର ଜାତି ଯାହା ତା'ର କାମ ସେଇଆ। ଏହା ସେମାନଙ୍କର କୌଳିକ ବୃତ୍ତି। ସେମାନେ ନକଲେ କରିବ କିଏ?' ସେମାନଙ୍କ ମଧ୍ୟରୁ କିଛି ପରମ୍ପରାକୁ ସମ୍ମାନ ଜଣାଇ ବାପା ଦାଦାଙ୍କୁ ଅନୁସରଣ କରି ସେହି କାମ କରନ୍ତି। କିଛି ଲୋକ ବାଧ୍ୟବାଧକତାରେ ସେହି କାମ କରନ୍ତି। ଅଳ୍ପ କିଛି ଲୋକ ଆଗ୍ରହର ସହିତ ସେହି କାମରେ ନିଜକୁ ସମର୍ପି ଦିଅନ୍ତି। ଅନ୍ୟର ଟାହି ଟାପରା ସହନ୍ତି। ଗାଳିଗୁଲଜକୁ ହଜମ କରନ୍ତି। ଆକ୍ଷେପ ପ୍ରତ୍ୟାକ୍ଷେପ ଶୁଣି ଚୁପ୍ ରୁହନ୍ତି।

ସେହିସବୁ ଲୋକମାନଙ୍କ ପାଇଁ ଆମ ରାସ୍ତା, ଘାଟ, ଘର, ଦପ୍ତର ପରିଷ୍କାର ପରିଚ୍ଛନ୍ନ ରହେ। ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବାରେ ଏମାନେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। କିନ୍ତୁ ସେମାନେ କେଉଁଠି କେମିତି ବାସ କରନ୍ତି, ସେମାନଙ୍କର ଜୀବନ ଶୈଳୀ କେମିତି, ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପର୍କରେ ଆମ ସମାଜ କେବେ ଚିନ୍ତା କରେ ନାହିଁ। ନିଜ ଜୀବନକୁ ବାଜି ଲଗାଇ କୀଟ ଦୁର୍ଗନ୍ଧମୟ ପରିବେଶ ଭିତରେ ନିଜ କର୍ମକୁ କର୍ତ୍ତବ୍ୟ ଭାବି ସମ୍ପାଦନ କରିଚାଲନ୍ତି ଏବଂ ଆମ ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦିଅନ୍ତି। ବାସୋପଯୋଗୀ ଘରଟିଏ ଏମାନଙ୍କର ପ୍ରାୟ ନଥାଏ। ସବୁଠାରୁ ତଳ ପାହାଚର ମଣିଷ ବୋଲି ଏମାନଙ୍କୁ ବିଚାର କରାଯାଏ।

ଆମେ ଯେଉଁ ଅଳିଆ, ଆବର୍ଜନା, ଅଇଁଠା ପତର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥକୁ ରାସ୍ତା କଡ଼ରେ ଢାଳି ଦେଉ ଏମାନେ ତାକୁ ଗୋଟାଇ ବୋହି ନିଅନ୍ତି। ନାଳ ନର୍ଦ୍ଦମା ସଫା କରନ୍ତି। ରାସ୍ତା ଘାଟରେ ପଡ଼ୁଥିବା ମଳ, ବିଲେଇ କୁକୁରର ପଚା ଶବ ଉଠାଇବା ଦାୟିତ୍ୱ ଏମାନଙ୍କ ଉପରେ। ପାଇଖାନା ଟାଙ୍କି ସଫା କରିବାଠାରୁ ଆରମ୍ଭ କରି ସମସ୍ତ ମଇଳା ସଫା କରିବା ଦାୟିତ୍ୱ ଏମାନଙ୍କ ଉପରେ। କେହି କେବେ ଭାବିଛନ୍ତି ଏମାନେ ଯଦି ଏହି କାମ କରି ନ ଥା'ନ୍ତେ ତେବେ କୁଢ଼ କୁଢ଼ ମଇଳା ଆବର୍ଜନା ଭିତରେ ଆମେ କେତେ କାଳ ବଞ୍ଚିଥା'ନ୍ତେ? ଅଥଚ ଏମାନଙ୍କୁ ଛୁଇଁଦେଲେ ଆମ ପବିତ୍ର ଶରୀରଟା କୁଆଡ଼େ ଅପବିତ୍ର ହୋଇଯାଏ। ଏଇ କଥାକୁ ନେଇ ଆଜିବି ବହୁ ଅମାନବୀୟ ଘଟଣା ଘଟୁଛି।

କେତେବେଳେ ହାତରେ ଗ୍ଲୋବ୍‌ସ ଥାଏ, କେତେବେଳେ ଖାଲି ହାତରେ, କେତେବେଳେ ବିନା ମାସ୍କରେ ଏମାନେ ଏହି ସବୁ ସଫେଇ କାମ କରି ଚାଲନ୍ତି। ଶରୀର ଭିତରକୁ ନାନାଦି ଜୀବାଣୁ ଅବାଧରେ ପ୍ରବେଶ କରେ। ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରନ୍ତି। ପାଇଖାନା ଟାଙ୍କି ସଫା କରିବାକୁ ଯାଇ ବେଳେ ବେଳେ ସେହି ଟାଙ୍କି ଭିତରେ ଏମାନଙ୍କର ଜୀବନ ମଧ୍ୟ ଚାଲିଯାଏ। ସମସ୍ତ ସମ୍ଭାବ୍ୟ ବିପଦକୁ ଖାତିରି ନକରି ଏମାନେ ସିନା ଏହିସବୁ କାର୍ଯ୍ୟରେ ନିଜକୁ ହଜେଇ ଦିଅନ୍ତି, କିନ୍ତୁ ଏମାନଙ୍କ ଦୁଃଖ, ଦୁର୍ଦ୍ଦଶା ପ୍ରତି ସମବେଦନା ଦେଖାଇବାକୁ ନା ଅଛି ସମାଜ ନା ସରକାର। ନା ପାଆନ୍ତି ସାମାଜିକ ମର୍ଯ୍ୟାଦା ନା ଅଛି ଯଥାଯଥ ଆର୍ଥିକ ପ୍ରୋତ୍ସାହନ। ଅଧିକାଂଶ ସଫେଇ କର୍ମଚାରୀ ଶୋଷଣର ଶିକାର ହୁଅନ୍ତି। ଖୁବ୍ କମ୍ ପାରିଶ୍ରମିକ ନେଇ କାମ କରିବାକୁ ବାଧ୍ୟ ହୁଅନ୍ତି। କାମର ସ୍ଥାୟିତ୍ୱ ନଥାଏ କି ଜୀବନର ନିରାପତ୍ତା ନଥାଏ। ନିର୍ଯାତନା ଓ ଶୋଷଣର ଅନ୍ତ ନ ଥାଏ।

ଏଭଳି ସ୍ଥିତିରେ ଏମାନଙ୍କର ଜୀବନ ଧାରଣର ମାନ କେତେ ଉନ୍ନତ ହୋଇଥିବ ତାହା ସହଜରେ ଅନୁମେୟ। ଏପରିକି ଅନ୍ୟର ପାଇଖାନା ସଫା କରୁଥିବା ଲୋକଟିର ନିଜର ଗୋଟିଏ ପାଇଖାନା ନଥାଏ। ରାସ୍ତା କଡ଼ରୁ କିମ୍ବା ଡଷ୍ଟବିନ୍‌ରୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ଗୋଟାଇ ନେଇ ଏମାନେ ଫିଙ୍ଗନ୍ତି ସେସବୁ ଏମାନଙ୍କ ପାଇଁ ସପନ। ରୋଗ ଶଯ୍ୟାରେ ପଡ଼ିଲେ ଉଚିତ ଚିକିତ୍ସା ପାଇବା ଏମାନଙ୍କ ଭାଗରେ ଜୁଟେ ନାହିଁ। ମାତ୍ର ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏମାନେ ବିନା ଦ୍ୱିଧାରେ ରୋଗୀର ମଳ, ପରିସ୍ରା ସଫା କରନ୍ତି। ଅଭାବ ଅନଟନ ଭିତରେ ନିଜ ପିଲାଙ୍କୁ ମୁଠାଏ ଭଲ ଖାଦ୍ୟ, ଉତ୍ତମ ଶିକ୍ଷା ଦେବାକୁ ଏମାନେ ବ୍ୟର୍ଥ ହୁଅନ୍ତି। ଫଳରେ କୌଳିକ ବୃତ୍ତି ଭାବରେ ଏମାନଙ୍କର ପିଲାମାନେ ଆପଣେଇ ନେବାକୁ ବାଧ୍ୟ ହୁଅନ୍ତି ବାପା ଦାଦା କରୁଥିବା କାମଟି।

ଏହିସବୁ ପରିବାର ପାଇଁ ଆଉ ଏକ ସମସ୍ୟା ନିଶା। ନିଶାସକ୍ତ ହେବା ଏମାନଙ୍କ ପାଇଁ ସ୍ୱାଭାବିକ ଘଟଣା। ସେମାନେ କୁହନ୍ତି, 'ଏମିତି କିଛି କାମ ଅଛି ନିଶା ସେବନ ନକଲେ ତାହା କରିବା ଅସମ୍ଭବ।' ବିଶେଷ କରି ପାଇଖାନା ଟାଙ୍କି ଭିତରକୁ ଯେଉଁମାନେ ପ୍ରବେଶ କରନ୍ତି ଅସହ୍ୟ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ସେମାନେ ମଦ୍ୟପାନ କରନ୍ତି। ଯେତିକି ମଜୁରୀ ପାଆନ୍ତି ତା'ର ଏକ ବଡ଼ ଅଂଶ ନିଶା ସେବନରେ ଖର୍ଚ୍ଚ ହୋଇଯାଏ। ଅଭାବ ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ସାମାଜିକ ଉତ୍ପୀଡ଼ନର ପ୍ରଭାବ ପରିବାରର ପିଲାମାନଙ୍କ ଉପରେ ପଡ଼େ। ଫଳରେ ମାନସିକ ଭାରସାମ୍ୟ ହରାଇ ପିଲାଟି ଦିନରୁ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇଯା'ନ୍ତି।

ପ୍ରଥମେ ସମାଜ ସେମାନଙ୍କୁ ସମ୍ମାନ ଦେବା ଦରକାର। ଜାତି ଯାହା କାମ ତାହା - ଏହି ମାନସିକତା ବଦଳିବା ଦରକାର। ଅସ୍ପୃଶ୍ୟତାକୁ କଠୋର ହାତରେ ଦମନ କରିବା ଆବଶ୍ୟକ। ସେମାନଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଦରମା ସହିତ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ହେବା ଲୋଡ଼ା। ସେମାନଙ୍କର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ। ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ। ରୋଗରେ ପଡ଼ି ହେଉ କିମ୍ବା କାମ କରୁଥିବା ସମୟରେ ମୃତ୍ୟୁବରଣ କଲେ ଅନ୍ୟୁନ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମିଳିବାର ନିୟମ ହେବା ଆବଶ୍ୟକ। ମନେରଖିବା ଉଚିତ ସୁସ୍ଥ ସୁରକ୍ଷିତ ପରିମଳ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ସୁସ୍ଥ ଓ ସମ୍ମାନର ସହିତ ବଞ୍ଚିବା ଆବଶ୍ୟକ। ଘୃଣା, ହତାଦାର, ଟାହିଟାପରା ବଦଳରେ ଟିକିଏ ସ୍ନେହ, ଆଦର, ଭଲପାଇବା ସେମାନଙ୍କର ଜୀବନଧାରାକୁ ବଦଳାଇ ଦେବ। ସେମାନେ ବି ମଣିଷ।

କଟକ, ମୋ: ୯୯୩୮୭୬୩୨୩୭

# ମଙ୍ଗଳ ଗ୍ରହରେ ବସତି ସ୍ଥାପନ

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆଗାମୀ ଦିନରେ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛନ୍ତି ବୈଜ୍ଞାନିକମାନେ। ଅନେକଙ୍କ ମତରେ ଚନ୍ଦ୍ର ଅପେକ୍ଷା ଏ ଗ୍ରହ ମାନବ ବସତି ପାଇଁ ଅଧିକ ଉପଯୋଗୀ। କାରଣ ଏହାର ଗଠନ ଓ ପରିବେଶ କିଛିମାତ୍ରାରେ ପୃଥିବୀ ସଦୃଶ। ତେଣୁ ଏବେ ଏହାର ଅନ୍ୟାନ୍ୟ ଭୌତିକ ରୂପରେଖ ସହିତ ରାସାୟନିକ ସଂରଚନାର ଅଧ୍ୟୟନ ଚାଲିଛି। ତହିଁରୁ ଜଣାପଡ଼ିଛି ଯେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଥିବା ମୁଖ୍ୟ ଉପାଦନଗୁଡ଼ିକ ହେଲା ଅଙ୍ଗାରକାମ୍ଳ (୯୫.୩%), ଯବକ୍ଷାରଜାନ (୨.୭%) ଆର୍ଗନ(୧.୬%), ଅମ୍ଳଜାନ (୦.୧୩%) ଏବଂ ସ୍ୱଳ୍ପ ପରିମାଣରେ ଅନ୍ୟାନ୍ୟ ବାଷ୍ପ। ପୃଥିବୀ ବାୟୁମଣ୍ଡଳରେ ଏଗୁଡ଼ିକର ମାତ୍ରା ଯଥାକ୍ରମେ ୦.୦୩%, ୭୮.୦୮%, ୦.୯୩%, ୨୦.୯%। ପୁନଶ୍ଚ ମଙ୍ଗଳର ବାୟୁମଣ୍ଡଳ ପୃଥିବୀଠାରୁ ୧୮୦ ଗୁଣ ପତଳା ଏବଂ ଏହାର ମାଧ୍ୟକର୍ଷଣ ଶକ୍ତି ମଧ୍ୟ ପୃଥିବୀର ୩୮%।

ଅନ୍ୟପକ୍ଷରେ, ମଙ୍ଗଳର ପୃଷ୍ଠଦେଶ ଗଠିତ ହୋଇଛି ସିଲିକନ୍(୨୧.୨%), ଅମ୍ଳଜାନ(୪୨.୪%), ଲୌହ (୧୫.୨%), ମାଗ୍ନେସିୟମ (୪.୧%), ଆଲୁମିନିୟମ୍ (୫.୨%), କାଲସିୟମ (୪.୭%) ଏବଂ ପୋଟାସିୟମ୍ (୦.୬୧%) ରେ। ପୃଥିବୀ ପୃଷ୍ଠର ମୁଖ୍ୟଉପାଦାନଗୁଡ଼ିକ ହେଲା ଅମ୍ଳଜାନ (୪୬.୬%), ସିଲିକନ୍(୨୭.୭୨%), ଆଲୁମିନିୟମ୍ (୮.୧୩%), ଲୌହ (୫.୦%), କାଲ୍‌ସିୟମ୍ (୩.୬୩%), ସୋଡିୟମ୍ (୨.୮୩%), ପୋଟାସିୟମ (୨.୫୯%) ଏବଂ ମାଗ୍ନେସିୟମ (୨.୦୯%)। ମଙ୍ଗଳରେ ଥିବା ଲୌହଗୁଣ୍ଡର ଜାରଣ ଫଳରେ ତହିଁରୁ ସୃଷ୍ଟି ଅକ୍ସାଇଡ୍‌ର ରଙ୍ଗ ଏହାକୁ ଲୋହିତ ଗ୍ରହର ପରିଚୟ ପ୍ରଦାନ କରିଛି।

ସାଧାରଣ ଭାବେ ଏ ଗ୍ରହର ପୃଷ୍ଠଭୂମିର ସଂରଚନା ମଧ୍ୟରେ ରହିଛି ଅନ୍ଧକାରମୟ ଗଡ଼ାଣିଆ ସ୍ଥାନ, କିଛି ଚଟକା ସ୍ଥାନ, ଧୂଳି କଣା ଭରା ରାସ୍ତା, ବାଲୁକା ସ୍ତୂପ, ହିମବାହ, ସମ୍ଭବତଃ ପୁରାକାଳର ନଦନଦୀ, ବିଭିନ୍ନ ପ୍ରକାର ଗହ୍ୱର ଇତ୍ୟାଦି। ସିଲିକନ ଓ ଲୌହଗୁଣ୍ଡରେ ସମୃଦ୍ଧ ଏ ପ୍ରକାର ପୃଷ୍ଠଭୂମି ପୃଥିବୀର ଗଛଲତାଙ୍କ ପାଇଁ ଉପଯୋଗୀ ନୁହେଁ। ତେବେ ବୈଜ୍ଞାନିକମାନେ ଏହାର ମୃତ୍ତିକାରେ 'ପାଇଓନିୟର' ନାମକ ଏକ କଠୋର ପରିବେଶ ସହକାରୀ ଚାରା ବଢ଼ାଇବାକୁ ସମର୍ଥ ହୋଇଛନ୍ତି। ପୁନଶ୍ଚ ଏବେ ନାସା ସେଠାକାର ପରିବେଶରେ ବଢ଼ିପାରିଲା ଭଳି ଗଛଲତା ଜୈବ ପ୍ରଯୁକ୍ତ ବିଦ୍ୟା ମାଧ୍ୟମରେ ତିଆରି କରିବା ଲାଗି ପ୍ରକଳ୍ପମାନ ଆରମ୍ଭ କରିଛି। ସେଠାରେ ଅଧିକ ସମୟ ଧରି ରହିବାକୁ ହେଲେ ବ୍ୟୋମଚାରୀମାନଙ୍କୁ ଏହା ଅମ୍ଳଜାନ, ଖାଦ୍ୟ ଓ ଔଷଧ ଯୋଗାଇବାକୁ ସମର୍ଥ ହୋଇପାରିବ। ଅନ୍ୟପକ୍ଷରେ ମଙ୍ଗଳପୃଷ୍ଠରେ ବିଶାଳକାୟ 'ଗ୍ରୀନ୍‌ହାଉସ'ମାନ ସ୍ଥାପନ କରି ତନ୍ମଧ୍ୟରେ ଗଛଲତା ବଢ଼ିବା ପାଇଁ ଉପଯୋଗୀ କୃତ୍ରିମ ବାୟୁମଣ୍ଡଳ ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଛି।

ସୁଦୂର ଅତୀତରେ ମଙ୍ଗଳ ଗ୍ରହରେ ଜଳଥିବାର ମନେକରାଯାଏ। ଏହା ସେଠାରେ ନଦନଦୀ ରୂପେ ପ୍ରବାହିତ ହେଉଥିଲା। ଏବେ ବି ସେଠାରେ କିଛି ତାହା ଥିବାର ଜଣାପଡୁଛି। ତେବେ ତାହା ମଣିଷର ବ୍ୟବହାର ପାଇଁ ଉପଯୋଗୀ ହେବ ବୋଲି ମନେ ହେଉନାହିଁ। କାରଣ ଏଥିରେ ଭରି ରହିଛି ପରକ୍ଲୋରେଟ୍ସ ଭଳି ନାନାଦି ଲବଣ, ଯାହା ବିଷାକ୍ତ। ଏଥିରେ ଗଛଲତା ବଢ଼ିବା ସମ୍ଭବ ହୋଇ ନପାରେ। ଏଣୁ ଏହାକୁ କିପରି ବିଶୋଧନ କରି ବ୍ୟବହାର ଉପଯୋଗୀ କରାଯାଇ ପାରିବ ସେ ବିଷୟରେ ଚିନ୍ତା କରାଯାଉଛି। ପୁନଶ୍ଚ ସେଠାରେ ବିଶୁଦ୍ଧ ମଧୁର ଜଳ ଉତ୍ପନ୍ନ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ମଙ୍ଗଳର ବାୟୁରେ ଥିବା ଅଙ୍ଗାରକାମ୍ଳକୁ ଭାଙ୍ଗି ତହିଁରୁ ଅମ୍ଳଜାନ ପ୍ରସ୍ତୁତ କରିବା ଏବଂ ରକେଟ୍ ଇନ୍ଧନରେ ଥିବା ହାଇଡ୍ରାଜିନ୍‌ରୁ ଉଦ୍‌ଜାନ ପ୍ରସ୍ତୁତ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ସେ ଦୁଇଟିର ମିଳନ ଘଟାଇବା ଏହାର ଲକ୍ଷ୍ୟ।

ଶେଷରେ ମଙ୍ଗଳ ଗ୍ରହରେ ବସବାସ କିମ୍ବା ଦୀର୍ଘଦିନ ରହିବାକୁ ହେଲେ ସେଠାରେ ବଡ଼ ବଡ଼ କୃତ୍ରିମ ବାସସ୍ଥଳୀମାନ ନିର୍ମାଣ କରି ସେଥିମଧ୍ୟରେ ପୃଥିବୀ ଅନୁରୂପ ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ସୃଷ୍ଟି କରିବା ଦରକାର। ଏସବୁ କାର୍ଯ୍ୟ ପାଇଁ ଲାଗିଯିବ ଅନେକ ବର୍ଷ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସନୱର ଅଲ୍ଲୀ ହତ୍ୟା ମାମଲା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର,୧୮।୮(ସମିସ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରିଆ ଛକରେ ୨୦୧୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଶେଖ୍ ଆଶିଷକୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନା ମୁତାବକ, ୨୦୧୧ ଅକ୍ଟୋବର ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକରେ ଇଟାଟିକିରି ଗ୍ରାମର ସନୱର ଅଲ୍ଲୀ ଓରଫ୍ ମୁନା ଠିଆ ହୋଇଥିବା ବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବାଇକ୍ ପଛରେ ବସିଥିବା ମୀରମହଲା ଗ୍ରାମର ସେଖ୍ ଆଶିସ ଗାଡ଼ିରୁ ଓହ୍ଲାଇ ସନୱରଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ସନୱର ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କ୍ରିଷ୍ଣାନନ୍ଦପୁର ଫାଣ୍ଡି ଏଏସ୍‌ଆଇ ସହିଦ ଖାଁ ଘଟଣାସ୍ଥଳରୁ ସନୱରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଏଏସ୍‌ଆଇ ସହିଦ ଖାଁ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ତିର୍ତ୍ତୋଲ ପୁଲିସ। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେଖ ଆଶିଷକୁ ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଏହି ଆଦେଶ ଦେଇଛନ୍ତି ଜିଲ୍ଲା ଦୌରାଜଜ୍। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ପିପି ତପନ ପାଲ ଓ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ।

## ଠକେଇ ଅଭିଯୋଗରେ ନକଲି ପୁଲିସ ଗିରଫ

ଅନୁଗୋଳ,୧୮।୮(ସମିସ): ପୁଲିସ ପରିଚୟ ଦେଇ ଟଙ୍କା ଠକିନେବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି ଅନୁଗୋଳ ସଦର ଥାନା ପୁଲିସ। ଗିରଫ ଯୁବକ ହେଲେ, ଖମାର ଥାନା କୁଞ୍ଜାମ ଗାଁର ବିରଞ୍ଚି ନାରାୟଣ ନାଏକ। ସୂଚନାନୁସାରେ, କଙ୍କରେଇ ଗାଁର ମଣ୍ଟୁ ସାହୁ ପଞ୍ଚମହଲାର ଜଣେ ଠିକାଦାରଙ୍କ ପାଖରେ କାମ କରୁଥିଲେ। ସେଠାରେ କାମ କରୁଥିବା ସମୟରେ ବିରଞ୍ଚି ସହ ତାଙ୍କ ସହ ପରିଚୟ ହୋଇଥିଲା। ବିରଞ୍ଚି ନିଜକୁ ପୁଲିସ ଏସଆଇ କହିବା ସହ ପୁଲିସ ପୋଷାକରେ ଥିବା ତାଙ୍କର ଏକ ଫଟୋ ମଣ୍ଟୁଙ୍କୁ ଦେଖାଇଥିଲେ। ଟଙ୍କା ଦେଲେ ମଣ୍ଟୁଙ୍କୁ ସେ ତାଲଚେର ଅଞ୍ଚଳର ଏକ ଖଣିରେ ଚାକିରି କରାଇ ଦେବାକୁ ପ୍ରଲୋଭନ ଦେଖାଇଥିଲେ। ମଣ୍ଟୁ ତାଙ୍କ କଥାରେ ରାଜି ହୋଇ ତିନିଟି କିସ୍ତିରେ ବିରଞ୍ଚିଙ୍କୁ ୨୪ ହଜାର ଟଙ୍କା ଦେଇଥିଲେ। ହେଲେ ପରେ ବିରଞ୍ଚି ଆଉ ଧରାଛୁଆଁ ଦେଇନଥିଲେ। ମଣ୍ଟୁ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ବିରଞ୍ଚିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ୫୦ହଜାର ଟଙ୍କା, ଏକ ବାଇକ୍, ନକଲି ପୁଲିସ ପୋଷାକ, ଷ୍ଟାମ୍ପ, ନକଲି ଆଇକାର୍ଡ ଆଦି ଜବତ କରାଯାଇଛି।



# ଏମ୍‌କେସିଜି ଆର୍‌ଡିସିରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୧୮।୮(ସମିସ): ଏମ୍‌କେସିଜି ମେଡିକାଲ ପରିସରସ୍ଥିତ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି)ରେ ରବିବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। କୋଠାର ତଳ ମହଲାରେ ଥିବା ବାୟୋକେମେଷ୍ଟ୍ରି ବିଭାଗରେ ଏସି ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଖବର ପାଇ ଏମ୍‌କେସିଜି ମେଡ଼ିକାଲ କ୍ୟାମ୍ପସରେ ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଭାଗରେ ଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣ ସହ ରସାୟନ ପଦାର୍ଥ ଜଳି ନଷ୍ଟ ହୋଇଯାଇଛି।



■ ୧୩ ଘଣ୍ଟା ବିଦ୍ୟୁତ ସରବରାହ ବ୍ୟାହତ, ନିଦାନ ବାଧାପ୍ରାପ୍ତ

■ ୧୫ଦିନ ମଧ୍ୟରେ 'ଷ୍ଟାଟସ୍ ରିପୋର୍ଟ' ଦେବାକୁ ନିର୍ଦ୍ଦେଶ

ସୋମବାର ସକାଳୁ ଆରଡିସିରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ରକ୍ତ ନମୁନା ସଂଗ୍ରହରେ କିଭଳି ବାଧା ସୃଷ୍ଟି ନହେବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ୟ କିଛି ପରୀକ୍ଷା ହୋଇପାରିନଥିଲା। ଆରଡିସିରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୧୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ଏସିର ସଠିକ ସଦୁପଯୋଗ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ସେହିପରି ମେଡ଼ିକାଲ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ସାଧାରଣ ବିଦ୍ୟୁତ(ଜିଇଡି) ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ସହ ମେଡ଼ିକାଲରେ ଲାଗିଥିବା ବିଭିନ୍ନ ଇଲେକ୍ଟ୍ରିାଲ ଉପକରଣର ନିୟମିତ ସ୍ଥିତି ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ୧୫ଦିନ ମଧ୍ୟରେ ବିଭିନ୍ନ ବିଭାଗରେ ଲାଗିଥିବା ଇଲେକ୍ଟ୍ରିକାଲ ଉପକରଣ ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶଗୁଡ଼ିକର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଇଡ଼ି, ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଟିମ ଗଠନ କରିବା ସହ ଉକ୍ତ ଟିମ ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ଯାଞ୍ଚ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଶିଶୁ ବାଟିକା ଖୋଲିଲା; ପିଲାଙ୍କ ୟୁନିଫର୍ମ ପାଇଁ ଅନୁଦାନ ନାହିଁ

ଭୁବନେଶ୍ୱର, ୧୮।୮(ସମିସ): ପ୍ରଥମଥର ପାଇଁ ବିଦ୍ୟାଳୟରେ ଖୋଲିଥିବା ଶିଶୁ ବାଟିକା ପିଲାଙ୍କୁ ପୋଷାକ, ଜୋତା ଓ ମୋଜା ଯୋଗାଇବାକୁ ଅନୁଦାନ ନାହିଁ। ୨୦୨୫-୨୬ ଆର୍ଥିକ ବର୍ଷରେ ଏନେଇ ଅନୁଦାନ ବଣ୍ଟନ କରାଯାଇ ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ ପାଇଁ ରାଜ୍ୟ ବଜେଟ୍‌ରୁ ଅନୁଦାନ ଯୋଗାଇଦେବାକୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଅନୁରୋଧ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କ ନିକଟକୁ ଲେଖିଥିବା ଚିଠିରେ ଦର୍ଶାଯାଇଛି ଯେ ଗୋଟିଏ ପିଲାକୁ ପୋଷାକ ସହିତ ଜୋତା, ସକ୍ସ, ଟି-ସାର୍ଟ, ଟ୍ରାକ୍ ପ୍ୟାଣ୍ଟ, ଟୋପି ଓ ଆଇଡେଣ୍ଟି କାର୍ଡ ପ୍ରଦାନ କରିବାକୁ ହଜାରେ ଟଙ୍କା ଆବଶ୍ୟକ। ରାଜ୍ୟରେ ମୋଟ୍ ୩ଲକ୍ଷ ୧୦ହଜାର ୮୩୯ ଜଣ ପିଲା ଶିଶୁବାଟିକାରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ୟୁନିଫର୍ମ ବାବଦକୁ ୩୧କୋଟି ୮ଲକ୍ଷ ୩୯ ହଜାର ଟଙ୍କା ଆବଶ୍ୟକ। ରାଜ୍ୟ ବଜେଟରୁ ଏହି ଅର୍ଥ ପ୍ରଦାନ କରିବା ପାଇଁ ସୋମବାର ଓସେପା ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେଳ ଧାରଣାରୁ...

କରାଯାଇଛି। ଏହି ପାଇଲଟ୍ ପ୍ରକଳ୍ପରେ ଟ୍ରାକ ମଧ୍ୟରେ ଥିବା ସ୍ଲିପର (ରେଳ ଟ୍ରାକକୁ ସମର୍ଥନ କରୁଥିବା ବିମ୍)ରେ ସୌର ପ୍ୟାନେଲ ସ୍ଥାପନ କରାଯାଇଛି। ଏଥିରେ ବିଶେଷ କଥା ହେଉଛି ଏଗୁଡ଼ିକୁ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ ଟ୍ରେନ୍ ଚଳାଚଳରେ କୌଣସି ବାଧା ସୃଷ୍ଟି ହେବନାହିଁ। ଯେତେବେଳେ ଟ୍ରାକ୍ ମରାମତିର ଆବଶ୍ୟକତା ପଡ଼ିବ, ସେଗୁଡ଼ିକୁ ସହଜରେ ହଟାଇହେବ। ଏହି ପ୍ରକଳ୍ପ କେବଳ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବ ନାହିଁ, ବରଂ ଏହା ରେଳବାଇର କାର୍ବନ ନିର୍ଗମନକୁ ଶୂନ୍ୟ କରିବା ଲକ୍ଷ୍ୟରେ ଏକ ବଡ଼ ପଦକ୍ଷେପ।

### ସିଇସିଙ୍କ ବିରୋଧରେ...

କରାଯାଇଛି। ସରକାରୀ ଦଳ ଇସାରାରେ କମିସନ କାମ କରୁଛନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଶିବସେନା (ଉଦ୍ଧବ), ଏନ୍‌ସିପି (ପାୱାର), ସିପିଏମ୍, ଆପ୍, ଆରଜେଡି, ଜେଏମଏମ୍ ଏବଂ ଅନ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ଅଭିଯୋଗର ଉତ୍ତର ଦେବା କିମ୍ବା ଏହାର ଯାଞ୍ଚ କରିବା ବଦଳରେ କମିସନ ଓଲଟା ଅଭିଯୋଗକର୍ତ୍ତାଙ୍କୁ ସମାଲୋଚନା କରୁଛନ୍ତି। ଟିଏମ୍‌ସି ନେତ୍ରୀ ମହୁଆ ମଇତ୍ର କହିଲେ ଯେ ପଶ୍ଚିମ ବଙ୍ଗରେ ଡୁପ୍ଲିକେଟ ଭୋଟର ପରିଚୟ ପତ୍ର ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ସମାଧାନ ହୋଇନାହିଁ। ପୂର୍ବତନ ନିର୍ବାଚନ କମିସନରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚଳିତ ଲୋକସଭାକୁ ଭଙ୍ଗ କରିବାକୁ ସେ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ କହିଲେ ଯେ ୨୦୨୨ ଭୋଟର ତାଲିକାରେ ୧୮ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଏସଂପର୍କରେ ତାଙ୍କ ଦଳ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଆରଜେଡି ନେତା ମନୋଜ ଝା କହିଲେ ଯେ ମୁଖ୍ୟ ନିର୍ବାଚନ ଅଧିକାରୀ ବିଜେପି ମୁଖପାତ୍ର ଭଳି ବ୍ୟବହାର କରୁଛନ୍ତି। ଡିଏମ୍‌କେ ଏବଂ ସିପିଏମ୍ ନେତା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିସନ କେନ୍ଦ୍ର ସରକାରଙ୍କର ବି-ଟିମ୍ ଭାବେ କାମ କରୁଛି। ଗତକାଲି ମୁଖ୍ୟ ନିର୍ବାଚନ କମିସନର ଯେଉଁ ସାମ୍ବାଦିକ ସମ୍ମିଳନୀ କରିଥିଲେ ସେଥିରେ ପ୍ରଶ୍ନର ଉତ୍ତର ଦେବା ଅପେକ୍ଷା ରାହୁଲଙ୍କୁ ଟାର୍ଗେଟ କରି ସତ୍ୟପାଠ ଦାଖଲ ପାଇଁ ଚାଲେଞ୍ଜ କରିଥିଲେ। ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ।

### ୬୫ ଲକ୍ଷ ଭୋଟରଙ୍କ...

ଏଥିରେ ଭୋଟରଙ୍କ ନାମ ସହିତ ସେମାନଙ୍କର ନାମ କାହିଁକି କଟାଯାଇଛି, ତାହା ଦର୍ଶାଯାଇଛି। କେଉଁମାନେ ମୃତ, ଅନ୍ୟ ରାଜ୍ୟକୁ ପଳାଇଛନ୍ତି କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ମଧ୍ୟ ସେମାନଙ୍କର ନାମ ରହିଛି, ତାହା ଏହି ତାଲିକାରେ ଦର୍ଶାଯାଇଛି। ଏସଂକ୍ରାନ୍ତ ନୋଟିସ ସମ୍ବାଦପତ୍ର ଓ ଟିଭିରେ ପ୍ରକାଶ ଓ ପ୍ରସାର କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ସୁପ୍ରିମ କୋର୍ଟରେ ମାମଲାର ଶୁଣାଣି ହେବ।

### ଓଡ଼ିଶାରେ ଏସ୍‌ଆଇଆର୍...

ପ୍ରତିଶତ ଭୋଟକୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଫର୍ମ ୧୭-ସି ପ୍ରଦାନ ନ କରିବାକୁ ନେଇ ବିଜେଡି ଗୁରୁତର ଅଭିଯୋଗ କରିଥିଲା। ଏ ସମ୍ପର୍କରେ ଜାତୀୟ ନିର୍ବାଚନ କମିସନ ଏଯାବତ୍ କୌଣସି ଉତ୍ତର ଦେଇ ନ ଥିବା ବିଜେଡି ଅଭିଯୋଗ କରି ଆସିଥିବା ବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି।

ଏପିକ ନମ୍ବରକୁ ନେଇ ଅଣଯାଇଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍ଗାରେ ଥିଲା। ଏହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ତେଣୁ ଏହାକୁ ବଦଳାଯାଇ ଆଉଥରେ କାର୍ଡ ବଣ୍ଟନ କରାଯାଇଛି। ବାକି ୨ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରଦାନ କରାଯିବ। ସେହିପରି ବିଭିନ୍ନ ଅଞ୍ଚଳରେ ଭୋଟର ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ହେଁ ଲୋକସଭା ପ୍ରାର୍ଥୀଙ୍କୁ ଭୋଟ ଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାର ଥିବା ତଫାତ ଏକ ସ୍ୱାଭାବିକ ପ୍ରସଙ୍ଗ ଓ ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ, ତାହା ସଠିକ ଭୋଟ ହାର। ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭-ସି ଫର୍ମ ଦିଆଯାଇଥାଏ। ତେଣୁ ରାଜନୈତିକ ଦଳମାନେ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ୧୭-ସି ଫର୍ମ ସଂଗ୍ରହ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଦାଗୀ ସଂସ୍ଥାକୁ...

ଅଭିଯୋଗ ରହି ଆସିଛି। ନିୟମ ଅନୁଯାୟୀ ସଂସ୍ଥା ୨ଶହରୁ ଅଧିକ ବାୟୋମେଡିକାଲ ଓ ୧ଶହ ସର୍ଭିସ ଇଞ୍ଜିନିୟର ନିୟୋଜିତ ନ କରି କମ୍ ଇଞ୍ଜିନିୟର କାମ ଚଳାଇ ଆସୁଛି। ଯାହା ଫଳରେ ଠିକ୍‌ରେ ଉପକରଣ ମରାମତି କାର୍ଯ୍ୟ ହୋଇପାରୁନି। ଏପଟେ ରାଜ୍ୟରେ ପ୍ରାୟ ୮୦ ହଜାର ବାୟୋମେଡିକାଲ ଉପକରଣ ଥିବାବେଳେ ସେଥିରୁ ଶତକଡା ୨୦ ପ୍ରତିଶତ କାମ କରୁନଥିବା ଅଭିଯୋଗ ହେଉଛି। ଏପରିକି ଏସ୍‌ସିବିରେ ଅନେକ ଉପକରଣ ଦିନ ଦିନ ଧରି ଅଚଳ ହେବା ସହ ଭେଣ୍ଟିଲେଟର ଓ ଆଇ ଆଇସିୟୁ ବି ଅଚଳ ହୋଇ ରହୁଛି। କିନ୍ତୁ ଏଭଳି ସ୍ଥିତିରେ କେଟିପିଏଲର କାର୍ଯ୍ୟ ଅବଧି ସରିବା ପରେ ବି ତାହାକୁ ବୃଦ୍ଧି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜରାସ୍ତାରେ ଚାଷୀଙ୍କ...

ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ବିଜେଡି ପକ୍ଷରୁ ଚେତାଇ ଦିଆଯାଇଥିଲା। ଆଜିର ଏହି ସମାବେଶ ଯୋଗୁଁ ବରଗଡ଼ ସହରରେ ଅଦିନିଆ ଧନୁଯାତ୍ରା ପରି ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେଡିର ଚାଷୀ ସମାବେଶ ଡାକରାକୁ ଚାଷୀଙ୍କ ପକ୍ଷରୁ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଏହି ସମାବେଶରେ ବେଶ୍ ପ୍ରତିଫଳିତ ହୋଇଥିଲା।

ମାତ୍ର ସମାବେଶକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଇଥିଲା। ସମାବେଶରେ ଯୋଗ ଦେବାକୁ ଆସୁଥିବା ଚାଷୀଙ୍କ ଗାଡ଼ିଗୁଡିକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଅଟକାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି।

ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପ୍ରତାପ ଜେନା, ଟୁକୁନି ସାହୁ, ବିଧାୟକ ନଳିନୀ ପ୍ରଧାନ, ନିରଞ୍ଜନ ପୂଜାରୀ, ସୁଦର୍ଶନ ହରିପାଲ, ଦିବ୍ୟଶଙ୍କର ମିଶ୍ର, ବର୍ଷା ସିଂ ବରିହା, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଯୋଗେଶ ସିଂ, ପ୍ରଦୀପ ଦିସାରୀ ଏବଂ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ୍, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନୀହାର ବେହେରା, ଆକାଶ ମିଶ୍ର, ଗିରିରାଜ ସିଂ, ନାରାୟଣ ଲୁହା, ପୌର ଅଧକ୍ଷା କଳ୍ପନା ମାଝୀ, ମାନିନୀ ଭୋଇ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡତିଆ, ନାରଦ ବରିହା, ଲମ୍ବୋଦର ନିଆଲ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ଦୁର୍ଗା ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।

### ନବୀନ ସୁସ୍ଥ...

କରୁଛନ୍ତି ବୋଲି ନବୀନ ଭିଡ଼ିଓବାର୍ତ୍ତାରେ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିହାଇଡ୍ରେସନ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ରବିବାର ସନ୍ଧ୍ୟା ୫ ଟା ୧୫ରେ ନବୀନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିଛି ସମୟର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ଓ ରାତିରେ ଭିଡ଼ିଓ ବାର୍ତ୍ତାରେ ସେ ସୁସ୍ଥ ହେଉଥିବା ସୂଚନା ଦେଇଥିଲେ। ଗୋଟିଏ ଦିନର ଚିକିତ୍ସା ପରେ ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କର ଅସୁସ୍ଥତା ଖବର ପାଇ ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସହ ସାଧାରଣ ଲୋକ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ଅପରପକ୍ଷେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏକ୍ସ ଜରିଆରେ ନବୀନଙ୍କ ଆରୋଗ୍ୟ କାମନା କରିଛନ୍ତି। ସେ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଆପଣଙ୍କୁ ଶୀଘ୍ର ଭଲ କରିଦିଅନ୍ତୁ।

### ଆରୋଗ୍ୟ କାମନା...

ନିର୍ବାଚନରେ ସର୍ବସମ୍ମତକ୍ରମେ ନିର୍ବାଚିତ ହେବେ, ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ ବିଭିନ୍ନ ରାଜନୈତିକ ଦଳ ସହ ଯୋଗାଯୋଗ କରିବାକୁ ବିଜେପି ଦାୟିତ୍ୱ ପ୍ରଦାନ କରିଛି। ଏହି କ୍ରମରେ ରାଜନାଥ ଆଜି ନବୀନଙ୍କ ସହ ଆଲୋଚନା କରି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି।


**RAISUAN HIGHER SECONDARY SCHOOL**
**AT/PO-RAISUAN, DIST-KEONJHAR**

**WALK IN INTERVIEW**

A walk-in-interview will be held in the college premises for engagement of **Guest Faculty in Sanskrit on 25.08.2025 (Monday).** The interested candidates having more than 55% in the Master Degree may attend the same with all relevant testimonials. Preference will be given to M. Phil., Ph.D. & teaching experience holders.

Sd/- Principal
Raisuan Higher Secondary School,
Raisuan

**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST- SUBARNAPUR, PIN-767019**
email: siddharthacollegebinka@gmail.com

**WALK-IN-INTERVIEW**

A walk-in interview will be held on **Dt.26.08.2025 (Tuesday)** at **11.00 AM** in the College premises for the post of **Lecturer in Physics (Management Post).** Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in interview without assigning any reason thereof.

Sd/- Principal-cum-secretary
Siddhartha Higher Secondary School,
Binka

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **NAVNEET KISHORE** (old name) to **NAVNEET KISHORE JENA** (new name), Henceforth, he shall be known as **NAVNEET KISHORE JENA** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dtd:18/08/2025 I, KM REETA VERMA, Resident of Village- Patulisahi, P.O.- Kesharpur, P.S.- Sarankul, Dist: Nayagarh, Odisha, Pin:752079, declare that I have changed my name from Reeta Verma to KM Reeta Verma. Henceforth, I shall be known as **KM Reeta Verma** for all purposes.

**KM Reeta Verma**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **DHEERANAND SAGAR (old name)** to **DHEERANAND SAGAR JENA (new name)**, Henceforth, he shall be known as **DHEERANAND SAGAR JENA** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 12/08/2025, C.F No. 28/12.08.2025 I, Samali Das, At- Bajpayee Nagar, Po- RRL, Ps- Maitri Vihar, Bhubaneswar- 751013, Odisha, declare that I have changed my name from Shamoli Das to Samali Das. Henceforth, I shall be known as Samali Das for all purposes.

**Samali Das**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/07/2025, CF No.- 69/10 July 2025. I, Bhuli Sahu W/O Sanjay Kumar Sahu, At- Tarini Nagar, Salia Sahi, Jayadev Vihar, Odisha, Pin- 751013, declare that I have changed the name of my daughter from Thubul Sahu to Tanmayee Sahu. Henceforth, she shall be known as new name Tanmayee Sahu for all purposes.

**Bhuli Sahu**

**AFFIDAVIT**

I Shaik Sammiulla H/o Rizwana Perween, Resident of Mundideuli, PO/PS-Kamakshyanagar, Dist-Dhenkanal, Odisha, PIN-759018, declare by this affidavit No.996 dtd 18.07.2025 that now onwards I shall be known as **SHEIKH SAMMI ULLA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 30/07/2025, C.F No. 93/30 July 2025. I, Sonali Sahu, W/O Laxmidhara Sahoo, At- Patapur, Patna, Po- Satapatna, Ps-Dasapalla, Nayagarh, Odisha, Pin- 752091, declare that I have changed my owned name Suneli Sahoo to Sonali Sahu. Henceforth, I shall be known as new name Sonali Sahu for all purposes.

**Sonali Sahu**

**AFFIDAVIT**

I Snehala Mallick, W/o Abhimanyu Nayak, Resident of Vill- Bankasahi, PO/ PS/DIST- Bhadrak, Odisha, PIN - 756100, declare by this affidavit No. 1567 dtd 12.08.2025 that now onwards I shall be known as **SNEHALATA MALLICK** for all future purposes.

**AFFIDAVIT**

By Virtue of an Affidavit swom Before Executive Magistrate Cuttack Date - 23.06.2025 I Bikramaditya sahoo S/O Laxman Charan Sahu. At- Niladri Vihar New Colony Po-Nayabazar Ps - Chauliaganj Dt - cuttack, Odisha - 753004. Declare that Now onwords My father's Name is Laxman Charan Sahoo For all Purposes.

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-09-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ଦିନରାତି ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ କ୍ରୁ ଲବି (ଭୁବନେଶ୍ୱର ଓ ପୁରୀ ଭଳି କୋଚିଙ୍ଗ ଲବି ବ୍ୟତୀତ) ଠାରେ କ୍ରୁ ଏବଂ ଗାର୍ଡସଙ୍କୁ ୱାକି-ଟକି ସେଟ୍, ନିରାପତ୍ତା ସାମଗ୍ରୀ ଏବଂ କୁହୁଡ଼ି ସୁରକ୍ଷା ଉପକରଣ ଜାରି କରିବା

**ବିଜ୍ଞାପିତ ମୂଲ୍ୟ :** ₹1,87,65,292.40, **EMD :** ₹2,43,800/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹5,900/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-488/Q/25-26

**AFFIDAVIT**

By virtue of an affidavit sworn before the Notary public Bhubaneswar vide No.1558 dated 18.08.2025, I Vivek Varansi S/o Varanasi Sitaram Sharma, presently residing at P 19/3, Coast Guard Officers Residential Area, Pokhariput, Bhubaneswar, Dist- Khordha, Odisha PIN-751020, declare that I have changed my name from Vivek Varansi to Vivek Sitaram Varansi. Henceforth, I shall be known as **VIVEK SITARAM VARANSI** for all future purposes.

**AFFIDAVIT**

By virtue of an affidavit (CF No. 03) sworn before The Executive Magistrate, Padampur, on dated- 18/08/2025. I, **Beauty Queen Tandi**, W/o- Kunal Nanda, permanent & current resident of At/Po- Ulba, Ps- Patnagarh, Dist- Balangir, PIN- 767041, Odisha declare that I have changed my name from **Beauty Queen Nanda** (old name) to **Beauty Queen Tandi** (new name). Henceforth, I shall be known as **Beauty Queen Tandi** (new name) for all future purposes.

**Beauty Queen Tandi**

**ବ୍ୟାଙ୍କ ଅଫ୍ ଇଣ୍ଡିଆ** Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ସରଫେଶୀ ଆକ୍ଟ ଅଧୀନରେ ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ପଇଠ ହୋଇଥିବା ରାଶି (ଯଦି କିଛି ଥାଏ) ଆଦାୟ / ସେଟେଲମେଣ୍ଟ ସମୟରେ ଦେୟ ରାଶି ନିର୍ଦ୍ଧାରଣ ପାଇଁ ଗଣନା କରାଯିବ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲୋଚନା ବିଶ୍ୱାଳ, ସ୍ୱାମୀ: ସନ୍ତୋଷ ବିଶ୍ୱାଳ, ମାର୍ଫତ: କେ. ଜ୍ୟୋତିବାଳା ପାତ୍ର, ପ୍ଲଟ୍ ନଂ. ୩୮/୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩ | ଟ.୪୨,୦୮,୨୫୬.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୪.୦୬.୨୦୨୫ / ୧୮.୦୮.୨୦୨୫ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୮୮/୨୬୮, ପ୍ଲଟ୍ ନଂ.: ୧୪୭୦/୨୯୭୧/୫୪୦୩, କ୍ଷେତ୍ର: |

ଏକର୦.୦୨୧ଡିସିମିଲି, କିସମ: ଘରବାରି, ମୌଜା: ନୟାପଲ୍ଲୀ, ଥାନା: ନିଉ କ୍ୟାପିଟାଲ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦିପାର୍ଶ୍ୱରେ- ଉତ୍ତର: ମନୋଜ କୁମାର ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୦୧, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୩୬୧୬

ତାରିଖ: ୧୮.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ,
ବ୍ୟାଙ୍କ ଅଫ୍ ଇଣ୍ଡିଆ

**AFFIDAVIT**

I, Santosh Swain, S/o- Raghunath Swain, resident of Kalamitota Sahi, Lalsing, Bhanjanagar, Dist- Ganjam, PIN- 761125, Odisha declared by this affidavit No. 661, dtd- 16/08/2025 that now onwards I shall be known as **SANTOSH KUMAR SWAIN** for all future purposes.

**ଚାଷଜମିରୁ ହୋଇପାରୁନି ପାଣି ନିଷ୍କାସନ**

# ଅସମ୍ପୂର୍ଣ୍ଣ ପାଟନାଳୀ ଖନନ ଦାବି

ପଟ୍ଟାମୁଣ୍ଡାଇ,୧୮।୮ (ସମିସ):

କେନ୍ଦ୍ରାପଡ଼ା ଜିଲ୍ଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଅଞ୍ଚଳର ଖଡ଼ିଅଣ୍ଟା, କଖାରୁଣୀ, ଶାସନ, ଚନ୍ଦନନଗର, ଦୋଷିଆ, ବଡ଼ପଡ଼ା ଓ ଅରଡ଼ପଲ୍ଲୀ ପଞ୍ଚାୟତର ହଜାର ହଜାର ଏକର ଚାଷଜମିରୁ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଥିବା ପାଟନାଳୀର ଖନନ କାମ ସମ୍ପୂର୍ଣ୍ଣ କରାଯିବାକୁ ଦାବି ହୋଇଛି।

ଦୋଷିଆ ପଞ୍ଚାୟତଠାରୁ କାଠିଆପଡ଼ା, ଓସଙ୍ଗରା ଓ ଜିଗରଣ ଗ୍ରାମ ଦେଇ ତିଗିରିଆ ଗ୍ରାମଠାରେ ଥିବା ଗୋବରୀ ନଦୀରେ ପାଣି ନିଷ୍କାସନ ପାଇଁ ଏକ ପାଟନାଳୀ ୪୦ ବର୍ଷ ପୂର୍ବେ ଖୋଳାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅପରିଣାମଦର୍ଶୀ କାର୍ଯ୍ୟ ପାଇଁ ପାଟନାଳୀର ଗୋବରୀ ନଦୀ ସଂଲଗ୍ନ ଶେଷ ମୁଣ୍ଡ ପର୍ଯ୍ୟନ୍ତ ଖୋଳାଯାଇପାରି ନ ଥିଲା। ଏହି ପାଟନାଳୀର ଶେଷମୁଣ୍ଡ ପର୍ଯ୍ୟନ୍ତ ଖନନ କରାଯିବାକୁ ଗତ ୨୦୨୪ ଫେବୃଆରୀ ମାସରେ ଉତିକଣ ଅଞ୍ଚଳର ଚାଷୀ ଲିଖିତ ଭାବେ ଡ୍ରେନଜ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜଣାଇଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ଚାଷୀଙ୍କ ପକ୍ଷରୁ ଗତ ୨୦୨୪ ଜୁଲାଇ ମାସରେ ପୁନର୍ବାର ତତ୍କାଳୀନ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଉତିକଣ ଅଞ୍ଚଳର ବରିଷ୍ଠ ସମାଜସେବୀ ଅମୂଲ୍ୟ କୁମାର ଦାସ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଆବେଦନ କରିଥିଲେ। ଗତ ୨୦୨୫ ମେ' ମାସରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଏହି ଘଟଣାର ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜଳ ସମ୍ପଦ ବିଭାଗ ସଚିବଙ୍କୁ ଜଣାଇ ଦିଆଯାଇଥିବା ବିଭାଗୀୟ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ସତ୍ୟଜିତ ନାୟକ ତାଙ୍କ କାର୍ଯାଳୟ ଚିଠି ନଂ୧୧୬୯ ଅନୁଯାୟୀ ୨୦୨୫ ଏପ୍ରିଲ ୧୯ ତାରିଖରେ କେନ୍ଦ୍ରାପଡ଼ା ଜଳ ନିକାଶ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ପାଟନାଳୀର ଖନନ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ରାପଡ଼ା ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୫ ମାର୍ଚ୍ଚ ୨ ତାରିଖରେ ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୪୭୫ ଅନୁଯାୟୀ ପାଟନାଳୀ ଖନନ ସମ୍ପର୍କରେ କଟକ ଗଣ୍ଡରପୁରସ୍ଥ ଜଳ ନିକାସ ମଣ୍ଡଳ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା। ଏହି ପାଟନାଳୀକୁ ଖନନ କରାଯିବାକୁ ଖଡ଼ିଅଣ୍ଟା ସମିତି ସଭ୍ୟା ଲିଲି ମଲିକଙ୍କ ସମେତ ବହୁ ରାଜନେତା ଓ କୃଷକ ନେତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ କିଛି ମିଳିନାହିଁ। ଗତ ଅଗଷ୍ଟ ୧୧ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ସମାଜସେବୀ ଅମୂଲ୍ୟ ଦାସ ଆଉଏକ ଅଭିଯୋଗ ପତ୍ର ଦାଖଲ କରି ପାଟନାଳୀ ଖନନ ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ତାଙ୍କ ଜନଶୁଣାଣି ଶିବିର ପତ୍ର ସଂଖ୍ୟା ୨୨୬୯ ଅନୁଯାୟୀ ଏହି ଅଭିଯୋଗ ପତ୍ରକୁ ଡ୍ରେନେଜ ବିଭାଗକୁ ପଠାଇଦେଇଥିବା ଜଣାପଡ଼ିଛି। ଏହି ପାଟନାଳୀ ଖନନ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉତିକଣ ଭେଡାର ଉଦ୍‌ବୃତ୍ତ ବର୍ଷା ପାଣି ଗୋବରୀ ନଦୀକୁ ନିଷ୍କାସିତ ହୋଇ ନ ପାରି ଜମା ହୋଇ ରହିବା ଫଳରେ ହଜାର ହଜାର ଏକର ଜମିର ଧାନ ଫସଲ ପାଣିରେ ବୁଡ଼ି ରହି ପ୍ରତିବର୍ଷ ନଷ୍ଟ ହେଉଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।



**■ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ**

## ବ୍ଲକ୍ ହେଡ଼କ୍ୱାର୍ଟର ନିକଟରେ ହୋଇଛି ଜବରଦଖଲ

ରାଜକନିକା, ୧୮।୮(ସମିସ): ଜବରଦଖଲକାରୀ ବ୍ଲକ୍ ପ୍ରଶାସନ ଓ ତହସିଲକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ବ୍ଲକ୍ ଅଫିସ ପାଚେରି ଚାରିକଡ଼ ସହ ତହସିଲ, ଉଦ୍ୟାନ ବିଭାଗ, ମେଡିକାଲ, ଥାନା ଚାରିପାଖେ ଜବରଦଖଲ କରାଯାଇ ସ୍ଥାୟୀ ଓ ଅସ୍ଥାୟୀ ଘର କରିବା ପ୍ରତିଯୋଗିତା ଆରମ୍ଭ ହୋଇଛି। ଫଳରେ ବହୁଦିନରୁ ହୋଇଥିବା ଜବରଦଖଲ ହଟିବାର ମାସ କେଇଟା ପରେ ସବୁ ସରକାରୀ ଅଫିସ ପାଚେରି ଚାରିପଟେ ଜବରଦଖଲ ହେଉଥିବା ଦେଖି ବି ତହସିଲଦାର ଚୁପ୍ ରହିଛନ୍ତି। ଅତୀତରେ ବହୁ ତହସିଲଦାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଚାଲିଯିବାର ସୁଯୋଗକୁ ହାତଛଡ଼ା କରୁ ନ ଥିବା ରାଜନୈତିକ ଦଳ, ବ୍ୟକ୍ତି ଓ ଅନୁଷ୍ଠାନ ସରକାରୀ ଅଫିସ୍ ଚାରିପଟେ ମନଇଚ୍ଛା ଜବରଦଖଲ କରିବା ସବୁଠି ଉଦବେଗଜନକ ସ୍ଥିତି ସୃଷ୍ଟି କରିଛି। ରାଜକନିକା ବ୍ଲକ୍‌ସ୍ତରୀୟ ଜନଶୁଣାଣି ହେବା ଜାଣି ମଧ୍ୟ ବ୍ଲକ ହେଡ଼କ୍ୱାର୍ଟରର ସବୁ ଅଫିସ ଚାରିପାଖରେ ଜବରଦଖଲ ହେବା ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଜବରଦଖଲକାରୀ। ସରକାରୀ ସମ୍ପତ୍ତି ପାଣି ନାଳ, ଗୋଚର, ଦଣ୍ଡା, ନୟନଜୋର ଆଦିକୁ ଜବରଦଖଲ କରିବା ପରେ ବିଭିନ୍ନ ସମୟରେ କନିକା ତହସିଲଦାର ପଦରେ ଥିବା ଅଧିକାରୀ ଏଭଳି ବେଆଇନ ଦଖଲକୁ ସ୍ୱୀକୃତି ଦେବା ପରେ ଆଜି ଏଭଳି ସ୍ଥିତି ଉପୁଜି ଥିବା ସ୍ପଷ୍ଟ ହୋଇଛି। ତେବେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଗରିବ ବୃଦ୍ଧବୃଦ୍ଧାଙ୍କୁ ଛତା ବଣ୍ଟନ

ପାରାଦୀପ, ୧୮।୮ (ସମିସ): ସ୍ୱାଧୀନତା ଦିବସ ଅବସରରେ ପାରାଦୀପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିବେକାନନ୍ଦ ୟୁଥ୍ କ୍ଲବ୍ ପକ୍ଷରୁ ଗରିବ ବୃଦ୍ଧବୃଦ୍ଧାଙ୍କୁ ଛତା ବଣ୍ଟନ କରାଯାଇଛି। ବିଜୟଚାନ୍ଦପୁର ଗ୍ରାମ ସମେତ ମୂଷଡ଼ିଆ, ଲକପଡ଼ା, ବିଜୟନଗର ଓ ଭୀମାନସିର ୨୦୦ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଛତା ଓ ଶୁଖିଲା ଖାଦ୍ୟ ଦିଆଯାଇଛି।



ମୁଖ୍ୟଅତିଥି ଭାବେ ପାରାଦୀପ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ସୁମନ ଭଉଣୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ସଂଯୁକ୍ତ ନାୟକ, ବିଶିଷ୍ଟ ବ୍ୟବସାୟୀ ପରେଶ ମଣ୍ଡଳ, ବିଜୟଚାନ୍ଦପୁର ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ଜଗନ୍ନାଥ ହାଲଦାର ପରିଚାଳନା କରିଥିବାବେଳେ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ।

## ହାରାମଣୀ ବିଶ୍ୱାଳ ମେଧାବୃତ୍ତି ପ୍ରଦାନ ଉତ୍ସବ



ରାଜନଗର,୧୮।୮(ସମିସ): ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ହାରାମଣୀ ବିଶ୍ୱାଳ ଫାଉଣ୍ଡେସନ ପକ୍ଷରୁ ମେଧାବୃତ୍ତି ପ୍ରଦାନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତରାୟ ଯୋଗଦେଇ ସ୍ୱର୍ଗତ ହାରାମଣି ବିଶ୍ୱାଳଙ୍କ ପରି ଧର୍ମପ୍ରାଣା ମହିଳା ସାଂପ୍ରତିକ ସମାଜରେ ନିଆରା ବୋଲି କହିବା ସହ ତାଙ୍କ ସନ୍ତାନଙ୍କ ଏ ପ୍ରକାର ଉଦ୍ୟମକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ମଳୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରଫେସର ବିଭୂତି ନାରାୟଣ ବିଶ୍ୱାଳଙ୍କ ସାନଭାଇ ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ସଭାପତି ବୈବ୍ରତ ନାରାୟଣ ବିଶ୍ୱାଳ ଫାଉଣ୍ଡେସନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଛାତ୍ର ଶ୍ରେୟାସ ରଞ୍ଜନ ବଳ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଉଚ୍ଚତର ଶିକ୍ଷା ନିମନ୍ତେ ୫ ହଜାର ଟଙ୍କା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ସବିତା ମିଶ୍ର, ନିରାକାର ସେଠୀ, ମନସ୍ୱିନୀ ରଥ, ସତ୍ୟନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାଶ, ପଦ୍ମଲୋଚନ ସ୍ୱାଇଁ, ଉର୍ମିଳା ପରିଡ଼ା, ପ୍ରଲ୍ୟ କୁମାର ମଲ୍ଲିକ, ରାଜେଶ ପ୍ରଧାନ, ତାରିଣୀ ପ୍ରିୟଦର୍ଶିନୀ, ଅଭିଲିପ୍ସା ଦାଶ ଓ ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କିଶୋର ବରାଳ, ବିରଞ୍ଚି ନାୟକ, ଅମୀୟ ନାୟକ, ଅରିଦୀପ୍ତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଫାଉଣ୍ଡେସନର ସଦସ୍ୟ ଶୁଭେନ୍ଦୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।

## ତିର୍ତ୍ତୋଲରେ ବେଦ ଜାଗରଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ,୧୮।୮ (ସମିସ): ଶାରଳା ରୋଡ ତେନ୍ତୁଳିପଦାରେ ଥିବା ଆଦିକବି ଶାରଳା ଦାସ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ବେଦ ଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ଯ୍ୟ ସମାଜର ଶ୍ରାବଣୀ ଉପାକ୍ରମ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମୀର ଦାସଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରିଷଦର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ସମାଜ ଜିଲ୍ଲା ପ୍ରମୁଖ ରଶ୍ମିରଞ୍ଜନ ମିଶ୍ର, ଜିଲ୍ଲା ପ୍ରତିନିଧି ଅମୂଲ୍ୟ ଦାଶ ଓ ରାୟଗଡାର ବୈଦିକ ବିଦ୍ୱାନ ସୁବୋଧ ଆର୍ଯ୍ୟ ଯୋଗଦେଇ ପ୍ରାଚୀନ ସନାତନ ଧର୍ମର ମୂଳ ଆଧାର ବେଦ ଅଟେ। ସମସ୍ତେ ବେଦ ପଠନ ସହ ବେଦ ବିଷୟରେ ଜାଣିବା ଆବଶ୍ୟକ। ବେଦର ଜାଗରଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଷଦର ସମ୍ପାଦକ ରାଧାମୋହନ ପରିଜା, ବିରଜା ପ୍ରସନ୍ନ ପରିଜା, ପ୍ରାକ୍ତନ କୃଷି ଅଧିକାରୀ ରବୀନ୍ଦ୍ର ସିଂ, ପ୍ରଭାତ ପରିଜା, ଚିତ୍ତରଞ୍ଜନ ପରିଜା, ସାହିତ୍ୟକ ଉମାକାନ୍ତ ନାୟକ, ଲେଖକ ବାଇଧର ନାୟକ, ଆଶିଷ ପରିଜା, ଶ୍ରଦ୍ଧାଞ୍ଜଳି ଦାସ, ନମିତା ସିଂ ପ୍ରମୁଖ ଯୋଗ ଦେଇଥିଲେ। ସୁଶାନ୍ତ ପରିଜା, ଦେବବ୍ରତ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯବାନଙ୍କ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ନାଉଗାଁ,୧୮।୮ (ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଘୋଡ଼ାଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ ସ୍ୱାଧୀନତା ଦିବସ ଅବସରରେ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସ୍ୱାଧୀନତା ଦିବସକୁ ବିଭିନ୍ନ ରୂପରେ ପାଳନ କରାଯାଇଥିବାବେଳେ ଶ୍ରୀ ବସ୍ତିଆ ଉକ୍ତ ପଞ୍ଚାୟତକୁ ସବୁଜ ପଞ୍ଚାୟତ କରିବା ଉଦ୍ଦେଶ୍ୟ ରଖି ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଞ୍ଚାୟତର ଯୁବକଙ୍କୁ ଧରି ବିଭିନ୍ନ ସ୍ଥାନରେ ଏକ ହଜାରରୁ ଅଧିକ ଚାରାରୋପଣ କରାଇଛନ୍ତି। ଏଥିସହିତ ଏହି ଚାରା ଆଗକୁ କିପରି ବଢ଼ି ବଡ଼ ବୃକ୍ଷରେ ପରିଣତ ହେବା ସହିତ ଏକ ସବୁଜ ବଳୟ ସୃଷ୍ଟି କରିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ଯୁବକଙ୍କ ସହ ମିଶି ସଂକଳ୍ପ ନେଇଛନ୍ତି।

## ପଲେଇ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ଡେରାବିଶ,୧୮।୮(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଲେଇ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସରପଞ୍ଚ ଅକ୍ଷୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ବିଡିଓ ନମିତା ବାରିକ, ସମାଜ ମଙ୍ଗଳ ଅଧିକାରିଣୀ ରଶ୍ମି ଦେବୀ ଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ନୂତନ ଗୃହ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ପରେ ପଞ୍ଚାୟତର ନୂତନ କାର୍ଯ୍ୟାଳୟରେ ଥିବା ସଭାଗୃହରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତିସଭ୍ୟା ତୃପ୍ତିମୟୀ ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ରାଉତ, ସମାଜସେବୀ ରମାକାନ୍ତ ପରିଡ଼ା, ରବିନାରାୟଣ ସୂତାର, ଶାରଦା ଶର୍ମା, ରଶ୍ମିରଞ୍ଜନ ନାଥଶର୍ମା, ଖଗେଶ୍ୱର ମିଶ୍ର, ଅଜୟ ନାଥ, ଦିଲ୍ଲୀପ ନାଥଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟା ପରିଚାଳନା କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଡେରାବିଶ,୧୮।୮ (ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ଥାନା ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପିର ୧୨ନଂ ଜୋନ୍ ଛତା ମଣ୍ଡଳ ସଭାପତି ଅଶ୍ୱିନୀ ପରିଡ଼ାଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ଦାସ ଓ ଥାନାର ଅନ୍ୟ କର୍ମଚାରୀ ଥାନା ପରିସର ଓ ନିକଟସ୍ଥ ପଡ଼ିଆରେ ବିଭିନ୍ନ ଫୁଲ, ଫଳ ଓ ଔଷଧୀୟ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ ବେହେରା, ଗିରିଶ ଦାସ, ବିନୋଦ ଭୂୟାଁ, ବିନୋଦ ସିଂ, ଅଜୟ ପ୍ରଧାନ, ପ୍ରଭାସ ପ୍ରଧାନ, ଶୈଳେନ୍ଦ୍ର ପଣ୍ଡା, ପ୍ରଭାକର ଲେଙ୍କା, କ୍ଷୀରୋଦ ବରାଳ, ସୁଶାନ୍ତ କର, ଜିତେନ୍ଦ୍ର ମିଶ୍ର, ହେମନ୍ତ ଦାସ, ରଞ୍ଜନ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ଲାଲବାହାଦୂର ଶାସ୍ତ୍ରୀ ହାଇସ୍କୁଲରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଡେରାବିଶ,୧୮।୮(ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁରସ୍ଥ ଲାଲବାହାଦୂର ଶାସ୍ତ୍ରୀ ହାଇସ୍କୁଲରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନମିତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଜୟନ୍ତ ଶତପଥି ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ଓ ସାମଜର ମୁଖ୍ୟସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଶ୍ରୀ ଶତପଥୀ କହିଥିଲେ। ଅଭିପ୍ସା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ପ୍ରମିଳା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଭିଭାବକ ଓ ପରିଚାଳନା କମିଟି ସଭ୍ୟସଭ୍ୟା ଉପସ୍ଥିତ ଥିବାବେଳେ ଶିକ୍ଷକ ଜୟନ୍ତ ସାମଲଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




**■ ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ**

## ପାରମ୍ପରିକ ସାଂସ୍କୃତିକ ଦଳକୁ ସାମିଲ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

 କେନ୍ଦ୍ରାପଡ଼ା,୧୮।୮(ସମିସ): ଚଳିତ ବର୍ଷ କେନ୍ଦ୍ରାପଡ଼ା ସହରରେ ଗଣେଶ ପୂଜା ଶାନ୍ତିଶୃଙ୍ଖଳାର ସହିତ ପାଳନ ପାଇଁ ଶାନ୍ତି କମିଟି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଏଡିପିଏଚଓ ସଚ୍ଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତି ରଞ୍ଜନ ଗୌଡ଼ଙ୍କ ସମେତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିସର୍ଜନ ସମୟରେ ପାରମ୍ପରିକ ସାଂସ୍କୃତିକ ଦଳକୁ ସାମିଲ କରିବାକୁ ଜିଲ୍ଲାପାଳ ସମସ୍ତ ଗଣେଶ ପୂଜା କମିଟିକୁ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ଓ ଭାଇବ୍ରେଟରକୁ ଲଗାଇବା ଉପରେ ଅଙ୍କୁଶ ଲଗାଯାଇଛି। ଶୃଙ୍ଖଳିତ ବିସର୍ଜନ ପାଇଁ ପ୍ରତ୍ୟେକ କମିଟି ସେମାନଙ୍କ ୨/୩ ଜଣଙ୍କ ନାମ ଦେବେ। ଯେଉଁମାନେ କି ବିଶୃଙ୍ଖଳା ସମୟରେ ପୁଲିସକୁ ସହାୟତା କରିବେ। ଏଥିସହ ପ୍ରତି କମିଟି ଡଷ୍ଟବିନ ବ୍ୟବହାର କରିବେ। ଚଳିତ ଥର କମିଟିମାନେ କାଗଜ ପ୍ଲେଟ ବଦଳରେ ପତ୍ର ପ୍ଲେଟ ବ୍ୟବହାର ଉପରେ ପ୍ରସ୍ତାବ ଦେଇଥିଲେ। ଯେମିତି ଚଳିତ ଥର ଗଣେଶ ପୂଜା ଶୃଙ୍ଖଳିତ ଭାବେ ହେବ, ସେଥିପାଇଁ ଜିଲ୍ଲାପାଳ କମିଟିଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ସମସ୍ତ ଗଣେଶ ପୂଜା କମିଟି ସଭାପତି, ସମ୍ପାଦକ, ସଦସ୍ୟ ଉପସ୍ଥିତ ଥିଲେ।



## ହରିଅଙ୍କରେ ଏଟିଏମ୍ ଓ ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଡେରାବିଶ, ୧୮।୮(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ ମାର୍କେଟ କମ୍ପେ୍ଲକ୍ସ ଓ ଏଟିଏମ୍‌କୁ ସରପଞ୍ଚ କନକଲତା ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ହରିଅଙ୍କ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗତ କିଛିବର୍ଷ ହେବ ଇଣ୍ଡିଆନ୍ ବ୍ୟାଙ୍କର ଏକ ଶାଖା ଖୋଲାଯାଇଛି। ଏଥିସହିତ ଏହି ଗ୍ରାମାଞ୍ଚଳରେ ପାଖାପାଖି ୫ଟି ପଞ୍ଚାୟତରେ ଏଟିଏମ୍ ସେବା ଉପଲବ୍ଧ ନ ଥିଲା। ସରପଞ୍ଚ ଓ ନିକଟସ୍ଥ ଗ୍ରାମବାସୀଙ୍କ ଦାବି ଫଳରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଇଣ୍ଡିଆନ୍ ବ୍ୟାଙ୍କ ପକ୍ଷରୁ ଏକ ଏଟିଏମ୍ ମେସିନ୍ ବସାଯାଇଥିଲା। ଏଥିସହିତ ପଞ୍ଚାୟତ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ତିନିବଖରା ବିଶିଷ୍ଟ ଏକ ମାର୍କେଟ କମ୍ପେ୍ଲକ୍ସ ନିର୍ମାଣ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀମତୀ ପ୍ରଧାନଙ୍କ ସହିତ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ନାଏବ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ପଞ୍ଚାୟତ ମହିଳା ମହାସଂଘ ସଭାପତି ନିର୍ମଳା ରାୟ, ପଞ୍ଚାୟତର ଏଡିଇଓ ସଞ୍ଜୟ ନାୟକଙ୍କ ସମେତ ସମସ୍ତ ୱାଡର୍ ମେମ୍ବର, ଏମ୍‌ବିକେ, ସିଆରପି ଓ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।



## ମା' ବ୍ରାହ୍ମଣୀଙ୍କ ପୀଠରେ ଚାରାରୋପଣ କାର୍ଯ୍ୟକ୍ରମ

ପାରାଦୀପ, ୧୮।୮(ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ବଜାର ନିକଟ ଝୁରୁସିଆ-ପାଟଳୀପଙ୍କ (ବାଘକୁଦ) ଅଞ୍ଚଳର ଅଧିଷ୍ଠିତ ଦେବୀ ମା' ବ୍ରାହ୍ମଣୀଙ୍କ ପୀଠରେ ବନ୍ଧୁମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଜଙ୍ଗ-ପାରାଦୀପ ଅଞ୍ଚଳର ଜଣାଶୁଣା ହୋମିଓପ୍ୟାଥିକ ଚିକିତ୍ସକ ଡା. ରବୀନ୍ଦ୍ର ସ୍ୱାଇଁ, ସମାଜସେବୀ ପ୍ରମୋଦ ଜେନାଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମା' ବ୍ରାହ୍ମଣୀଙ୍କ ପୀଠ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ସ୍ତମ୍ଭକାର ଅକ୍ଷୟ ରାଉତ, ଶିକ୍ଷାବିତ୍ ଡଃ କିଶୋର ଜେନା, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଠାକୁରାଣୀଙ୍କ ପୀଠରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ କାର୍ଯ୍ୟକ୍ରମ ଆୟୋଜକଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ମା'ଙ୍କ ପୂଜକ ପାପୁନି ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୁରୁଷୋତ୍ତମ ବାରିକ, ରାଧାଶ୍ୟାମ ସୂତାର, ଅଶୋକ ସେଠୀ, ପବିତ୍ର ମଲ୍ଲିକ, ରବୀନ୍ଦ୍ର ପ୍ରଧାନ, ସିଲୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**କେନ୍ଦ୍ରାପଡ଼ା-ମାର୍ଶାଘାଇ ପୂର୍ତ୍ତ ରାସ୍ତା ଶୋଚନୀୟ**

# ଅଙ୍ଗୁଲାଇ ଗାଁ ଛକରେ ଅସଂଖ୍ୟ ଗାଢ଼

କେନ୍ଦ୍ରାପଡ଼ା,୧୮।୮ (ସମିସ):

କେନ୍ଦ୍ରାପଡ଼ା-ମାର୍ଶାଘାଇ ପୂର୍ତ୍ତ ବିଭାଗ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତାର ଅଙ୍ଗୁଲାଇ ଗାଁ ମୁଣ୍ଡ ଛକରେ ଅସଂଖ୍ୟ ଗାଢ଼ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ନାନା ସମସ୍ୟା ଭୋଗ କରୁଛନ୍ତି। ଉକ୍ତ ରାସ୍ତାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

କେନ୍ଦ୍ରାପଡ଼ା-ମାର୍ଶାଘାଇ ରାସ୍ତାର ଶେଷ ଭାଗରେ ଥିବା ଅଙ୍ଗୁଲାଇ ଛକରେ ଅନେକଗୁଡ଼ିଏ ଗାଢ଼ ସୃଷ୍ଟି ହୋଇଛି। ଫଳରେ ଚାରିଚକିଆ ଗାଡ଼ି ସମେତ ବାଇକ, ଟେମ୍ପୋ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପଥଚାରୀଙ୍କ ପାଇଁ ମଧ୍ୟ ରାସ୍ତାରେ ଭଲ ସ୍ଥାନ ନାହିଁ। କେନ୍ଦ୍ରାପଡ଼ା ସଦର ମହକୁମା ଯିବାକୁ ମାର୍ଶାଘାଇ, ମହାକାଳପଡ଼ା, ବିଜୟନଗର, ବାବର, ଜମ୍ବୁ, ପଟ୍ଟାମୁଣ୍ଡାଇ ବ୍ଲକ୍‌ର କଣ୍ଟାବଣ ଆଦି ଅଞ୍ଚଳର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏଥିସହ ବଳଦେବଜୀଉ ମନ୍ଦିରକୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଏହି ରାସ୍ତାରେ ଯାତାୟାତ କରନ୍ତି। କେନ୍ଦ୍ରପଡ଼ା ଜିଲ୍ଲା ହସ୍‌ପିଟାଲକୁ ଶତାଧିକ ରୋଗୀ ଏହି ରାସ୍ତା ଦେଇ ଆସିଥା'ନ୍ତି। ଅଙ୍ଗୁଲାଇ ଗାଁ ଛକରେ ଗାଢ଼ ହୋଇଥିବାରୁ ଆମ୍ବୁଲାନ୍ସ ଓ ବେସରକାରୀ ଗାଡ଼ିରେ ଜିଲ୍ଲା ହସ୍‌ପିଟାଲକୁ ଆସୁଥିବା ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ମରାମତି କରିବାକୁ ଦାବି ହେଉଛି।



### ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା କାର୍ଯ୍ୟକାରୀ ଦାବି

# ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିକ୍ଷୋଭ

ଜଗତସିଂହପୁର,୧୮।୮ (ସମିସ)




ପୂର୍ବ ବିଜେଡି ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ୫୫୦୦ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ପରିତାପର ବିଷୟ ଏଯାବତ ଜଣେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଓ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇ ନ ଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତିମଧ୍ୟରେ ନୂତନ ସରକାରକୁ ବର୍ଷେ ପୂରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟ ସାଜିଛି। ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ, ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ ବଜେଟକୁ ୫ହଜାର କୋଟି କାରିବା ଦାବିରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଆଜିର ସମାବେଶରେ ସାମିଲ ହୋଇଥିବା କାରିଗର ଓ ବୁଣାକାରଙ୍କ ଦାବି ଥିଲା, ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାରେ ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା, ମାସିକ ସହାୟତା ରାଶି ଦୁଇ ହଜାରରୁ ୫ ହଜାର କରିବା, କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ।

ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବୁଣାକାର ଓ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ସେହିଭଳି ୨୦୧୮ ମାର୍ଚ୍ଚ ୨୨ ତାରିଖରେ ଉଦଘାଟିତ ହୋଇଥିଲା ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ। ଯାହାର କାର୍ଯ୍ୟାଳୟ ଭୁବନେଶ୍ୱରର ଖଣ୍ଡଗିରି ନିକଟରେ ରହିଛି। ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ନିଷ୍କ୍ରିୟ ହୋଇପଡିଛି। ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁନର୍ଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯିବାକୁ ଦାବି ହୋଇଛି। ଏହି ପରିଷଦର ପରିଚାଳନା ବୋର୍ଡ ସଦସ୍ୟ ଭାବେ ରାଜ୍ୟର ବିଶିଷ୍ଟ ବୁଣାକାର ଓ କାରିଗର ରହିବେ ବୋଲି ବ୍ୟବସ୍ଥା ରହିଛି। ପୂର୍ବ ପାଳିରେ ନିପୁଣ ଶିଳ୍ପୀ/ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତ୍ତା ବୃଦ୍ଧି, ଦେଢ଼ଶହରୁ ଉର୍ଦ୍ଧ୍ୱ ହସ୍ତଶିଳ୍ପ ଗ୍ରାମ ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତ୍ତି ନିଆଯାଇଥିଲା। ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚାଲିଥିବାରୁ ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ।

ଉତ୍କର୍ଷ କଳାର ରାଜ୍ୟ ଆମ ଓଡ଼ିଶା। କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ୧୦ ଲକ୍ଷରୁ ଅଧିକ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରମ୍ପରିକ କଳା କାରିଗରୀକୁ ବଞ୍ଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ଅନ୍ତର୍ନିହିତଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚିପାରୁନି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡ଼ିଶା ଶିଳ୍ପୀ ମହାସଂଘ ତୀବ୍ର ନିନ୍ଦା କରିଛି। ଆଜିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ବହୁ କାରିଗର ଓ ବୁଣାକାର ସାମିଲ ହୋଇଥିଲେ। କଲେଜ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ସଂଗଠନ ସମ୍ପାଦିକା ସରୋଜିନୀ ଦାସ, ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଜଗତସିଂହପୁର ଜିଲ୍ଲା ସଂଯୋଜିକା କାଦମ୍ବରି ମଲ୍ଲିକ, ଉତ୍କଳ କେଶରୀ ମହାନ୍ତି, ଧରଣୀଧର ଦାସ, ଛବିଳତା ସାମଲ, ବିଦ୍ୟୁଲତା ନାୟକ, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ରଘୁନାଥପୁର,୧୮।୮ (ସମିସ): ତାରପୁର ଗ୍ରାମର ନିରଞ୍ଜନ ଷେଣ୍ଢ (୬୨)ଙ୍କ ଆଜି ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଯାଦବମାନଙ୍କ ମୁଖ୍ୟ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ ସମିତିସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ ଦାଶ, ସମାଜସେବୀ ପ୍ରଭାକର ମଲ୍ଲିକ, ପ୍ରଦୀପ ନାୟକ, ଟନା ପଣ୍ଡା, ନାରାୟଣ ରାଉତ, ଧୋବୀ ସାହୁ, ଲକ୍ଷଣ ଦାଶ, ବିଜୟଦାଶ ଉପସ୍ଥିତ ଥିଲେ। ଜ୍ୟେଷ୍ଠପୁତ୍ର ଜଗବନ୍ଧୁ ଷେଣ୍ଢ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ତାରପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ସରକାରୀ ଅନୁଦାନ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ନାଉଗାଁ,୧୮।୮ (ସମିସ): ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓ ମା' କୁରାମତଣ୍ଡୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦେବା ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଜାରି ରହିଛି।



ଯେପର୍ଯ୍ୟନ୍ତ ସରକାରୀ ଅନୁଦାନ ନ ମିଳିଛି, ଏ ଆନ୍ଦୋଳନ ଜାରି ରହିବ ବୋଲି କଟକ ବିଭାଗ ସଂଯୋଜକ ପବିତ୍ର ଲେଙ୍କା ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସନ୍ତୋଷ ଜେନା, ସୁଚିତ୍ରା ମଲ୍ଲ, ଅରୁନ୍ଧତୀ ଷଡ଼ଙ୍ଗୀ, ସ୍ୱାତିଶ୍ରୀ ବେହେରା, ଗୋପୀକାନ୍ତ ଶିଶୁ, ପ୍ରଭାତ ପଟ୍ଟନାୟକ, ତାପସ ମହାନ୍ତି, ସଂଗ୍ରାମ ସ୍ୱାଇଁ, ରଞ୍ଜିତ ମହାନ୍ତି, ସୁଭଦ୍ରା ରାଉଳ, ଲିଙ୍ଗରାଜ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ସୁଶାନ୍ତ ଦାସ, ସନ୍ତୋଷ ମୁଦୁଲି ପ୍ରମୁଖ ସାମିଲ ଥିଲେ।

### ● ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୮ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର, ୧୮।୮ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ



ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୮ଟିର ତତ୍କାଳ ଫଇସଲା କରିଛନନ୍ତି। ଆଜି ଆୟୋଜିତ ଶିବିରରେ ୧୦୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୦ଟି ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ କାର୍ଡ ସମସ୍ୟା ସମ୍ପର୍କିତ ୫ଟି, ଆବାସ ଯୋଜନା ସମ୍ପର୍କିତ ୧ଟି, ଜମିଜମା ସମସ୍ୟା ସମ୍ପର୍କିତ ୯ଟି, ଭତ୍ତା ପାଇଁ ୧୦ଟି, ପୁଲିସ ସହାୟତା ପାଇବା ପାଇଁ ୧ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଓ ଅନ୍ୟାନ୍ୟ ୬୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮ଟି ଅଭିଯୋଗର ତ୍ୱରିତ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ଭାରତୀୟ ମଜଦୁର ସଂଘର ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

ତିର୍ତ୍ତୋଲ,୧୮।୮ (ସମିସ): ଭାରତୀୟ ମଜଦୁର ସଂଘର ନୂତନ ଶାଖା କାର୍ଯ୍ୟାଳୟ ତିର୍ତ୍ତୋଲଠାରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି କବି ପରମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଜିଲ୍ଲା ମଜଦୁର ସଂଘ



ସଭାପତି ଅବିନାଶ ଦାସ, ସମ୍ମାନିତ ଅତିଥି ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ, ରାଜୀବଲୋଚନ ମହାରଣା, ସଂଘର ବ୍ଲକ ସଭାପତି ସ୍ମୃତିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଭାରତୀୟ ମଜଦୁର ସଂଘର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସଂଘର ଉପଦେଷ୍ଟା ପ୍ରଦୀପ ନାୟକ ଉପସ୍ଥିତ ଥିଲେ। ଏ ଅବସରରେ ତିର୍ତ୍ତୋଲ ବ୍ଲକ ଶାଖାର କାର୍ଯ୍ୟକାରୀ ସଭାପତି ଭାବେ ରୋମ୍ୟରଞ୍ଜନ ମିଶ୍ର, ଉପସଭାପତି ଚିତ୍ତରଞ୍ଜନ ସାହୁ, ମିଳନପ୍ରଭା ନାଥଶର୍ମା, ସମ୍ପାଦକ ଅଂଶୁମାନ ଆଚାର୍ଯ୍ୟ, ସହସମ୍ପାଦକ ବିଶ୍ୱରଞ୍ଜନ ମହାପାତ୍ର, କୋଷାଧକ୍ଷ ଭାବେ ହିମାଂଶୁ ଶେଖର ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା।

## କୃଷ୍ଣଚନ୍ଦ୍ର ଶତପଥୀ ପାଇଲେ ଡକ୍ଟରେଟ

ବାଲିକୁଦା,୧୮।୮ (ସମିସ): ନବାଙ୍ଗ ଗ୍ରାମର ସମାଜସେବୀ କୃଷ୍ଣଚନ୍ଦ୍ର ଶତପଥୀଙ୍କୁ ୱାର୍ଲ୍ଡ ଚାରିଟେବୁଲ ଫେୟାର ଫାଉଣ୍ଡେସନ ପକ୍ଷରୁ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଛି।



ରାଉରକେଲାର ଉଦିତନଗରସ୍ଥ ଲାଇବ୍ରେରୀ ହଲରେ ଅନୁଷ୍ଠିତ ଉତ୍ସବରେ ଶ୍ରୀ ଶତପଥୀଙ୍କୁ ସମ୍ମାନିତ କରାଯାଇଛି। ସମୀର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶ୍ରୀ ଶତପଥୀ ୪୦ ବର୍ଷ ଧରି ବିଭିନ୍ନ ଜନହିତକର କାର୍ଯ୍ୟ କରିଆସୁଛନ୍ତି। ଏପ୍ରିଲ ମାସରେ ତାଙ୍କୁ ଜୟଦେବ ଜାତୀୟ ସମ୍ମାନ ପ୍ରଦାନ କରାଯାଇଥିଲା।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

କୁଜଙ୍ଗ,୧୮।୮ (ସମିସ): ଦିନ ଦ୍ୱିପ୍ରହରରେ ଯୁବକଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରି ଆକ୍ରମଣକାରୀ ଫେରାର ଥିବା ସୂଚନା ମିଳିଛି। ଏଭଳି ଘଟଣା କୁଜଙ୍ଗ ଥାନା ବାଲିତୁଠ ବାଲିସାହିରେ ଘଟିଛି। ବାଲିସାହିର ଦୀନବନ୍ଧୁ ଦାସ ବାଲିତୁଠ ବାଲିସାହିକୁ ସଂଯୋଗ କରୁଥିବା ଷଣ୍ଡ ଛକ ମଣ୍ଡପରେ ଶୋଇଥିଲେ। ତାଙ୍କ ପାଖରେ କେତେକ ଲୋକ ବସିକଥା ହେଉଥିଲେ। ସେଠାରୁ କିଛି ସମୟ ପାଇଁ ଦୋକାନକୁ ଚାଲିଯାଇଥିଲେ। ସେହି ସମୟ ମଧ୍ୟରେ ଦୀନବନ୍ଧୁଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ପାଟି ଶୁଣି ସ୍ଥାନୀୟ ଲୋକ ଆସି ଦେଖିବାରୁ ଦୀନବନ୍ଧୁଙ୍କ ହାତ ଓ ବେକକୁ କେହି ହାଣି ଦେଇଛି। ଦୀନବନ୍ଧୁଙ୍କୁ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପାଖପଡ଼ୋଶୀ ବୁଦ୍ଧଦେବ ଦାସ (୪୫) ସେ ଛକ ଦେଇ ଘରକୁ ଯାଉଥିଲେ। ସେ ପୂର୍ବ ଶତ୍ରୁତା ପାଇଁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ କୁଜଙ୍ଗ ପୁଲିସ ପହଞ୍ଚି ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଥିବାବେଳେ ଆସାମୀ ଫେରାର ଥିବା ସୂଚନା ମିଳିଛି।

## କୁଜଙ୍ଗକୁ ଏନ୍‌ଏସି ଦାବି, ୨୬ରେ ତହସିଲ ଘେରାଉ

 କୁଜଙ୍ଗ,୧୮।୮ (ସମିସ): ରାଜ୍ୟର ୭ ଜିଲ୍ଲାରେ ନୂଆ ୧୨ଟି ବିଜ୍ଞପିତ ଅଞ୍ଚଳ (ଏନ୍‌ଏସି) ଗଠନ କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୂର୍ବ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ଜଗତସିଂହପୁର ଜିଲ୍ଲା କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆଜାଦ ହିନ୍ଦ କ୍ଲବଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୬ ତାରିଖରେ କୁଜଙ୍ଗ ତହସିଲ ଘେରାଉ କରାଯିବ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କ ମାଧ୍ୟମରେ ନାଗରିକ ମଞ୍ଚ ପ୍ରଦାନ କରିବ ବୋଲି ମଞ୍ଚ ଆବାହକ ରଘୁ ସାହୁ ଘୋଷଣା କରିଛନ୍ତି। ଏକ ବିଶାଳ ଶୋଭାଯାତ୍ରା କୁଜଙ୍ଗ ବଜାର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। କବି ପୀତାମ୍ବର ତରାଇ




ଓ ଜିନ୍ମୟୀ ସାହାଣୀ କହିଛନ୍ତି, ଆନ୍ତର୍ଜାତିକ ପାରାଦୀପ ବନ୍ଦର କୁଜଙ୍ଗ ତହସିଲ ମାଟିରେ ଗଢି ଉଠିଛି। କୁଜଙ୍ଗ ବଜାର ଲାଗି ମାତ୍ର ୨ କିଲୋମିଟର ମଧ୍ୟରେ ହଜାର ହଜାର କୋଟି ଟାଙ୍କର ଶିଳ୍ପ ଘୋଷଣା ହୋଇଛି। କୁଜଙ୍ଗର ଆର୍ଥିକ ସ୍ଥିତି ରାଜ୍ୟର ଅନ୍ୟାନ୍ୟ ସହର ଅପେକ୍ଷା କମ୍ ନୁହେଁ। କୁଜଙ୍ଗରେ ବିଚାର ବିଭାଗୀୟ ଅତିରିକ୍ତ ଜିଲ୍ଲା ଅଦାଲତ ସହିତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। ସମସ୍ତ ଭିତ୍ତିଭୂମି ଥିବାରୁ ଏନ୍‌ଏସି ପାଇଁ ବାରମ୍ବାର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ପୂର୍ବ ନବୀନ ସରକାର କୁଜଙ୍ଗକୁ ଏନ୍‌ଏସି ଘୋଷଣା କରିଥିଲେ। ସରକାର ବଦଳିବା ପରେ ଗତ ୧୬ ତାରିଖରେ ନୂଆ ସରକାର ଅଚାନକ ୧୨ ଏନ୍‌ଏସି ଘୋଷଣା କରିଛନ୍ତି। କୁଜଙ୍ଗ ବାଦ ପଡିଥିବାରୁ ଅଞ୍ଚଳରେ ଅସନ୍ତୋଷ ନିଆଁ ଲାଗିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୀନ୍ଦ୍ର ଗୁରୁ, ମନୋଜ ପାତ୍ର, ପ୍ରିୟମ୍ବଦା ପାଣି, କୈଳାସ ଷଡ଼ଙ୍ଗୀ, ସୁବାସ ମହାପାତ୍ର, ଦୁଷ୍ମନ୍ତ ମାଝୀ, ହୃଷିକେଶ ନାଥ, ରବୀନ୍ଦ୍ର ନାଥ, ବିଜୟ ଖଟେଇ, ଓକିଲ ସଂଘ ନେତା ରଂଜିତ ବିଶ୍ୱାଳ, ବିବେକାନନ୍ଦ ଦାସ ପ୍ରମୁଖ ସାମିଲ ଥିଲେ।

## ଖେଳ ପଡ଼ିଆ ଉପରେ ବିଦ୍ୟୁତ୍ ତାର ସଂଯୋଗକୁ ବିରୋଧ

ଜଗତସିଂହପୁର,୧୮।୮ (ସମିସ): ଜଗତସିଂହପୁର ସହରରେ ଥିବା ସୁପ୍ରତିଷ୍ଠିତ ଶିକ୍ଷ୍ୟାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀ ଖେଳ ପଡ଼ିଆ ଉପରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂଯୋଗକୁ ବିରୋଧ କରିଛନ୍ତି ଛାତ୍ର ଓ ପୁରାତନ ଛାତ୍ର। ଶତାଧିକ ଛାତ୍ର ଓ ପୁରାତନ ଛାତ୍ର ବିଦ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ସାନବଜାରସ୍ଥ ବିଦ୍ୟୁତ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଆମ ମୁଣ୍ଡ ଉପରେ ଝୁଲିବ ବିପଦ, ବିଦ୍ୟୁତ ତାର ଛିଡିଲେ ଆମ ଜୀବନ ଯିବ। ତେଣୁ ବିଦ୍ୟୁତ୍ ତାର ଟଣାର ଦିଗ ବଦଳାଯାଉ, ନଚେତ ମାଟି ତଳେ ନିଆଯାଉ ବୋଲି ଦାବି କରିଥିଲେ। ଜଗତସିଂହପୁର ସଦରସ୍ଥ ଶ୍ରୀକୃଷ୍ଣ ଏକାଡେମୀ ବାଳକ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ଉପର ଦେଇ




୩୩ କେଭି ବିଦ୍ୟୁତ୍ ତାର ସଂଯୋଗ କରୁଛି ଟିପିସିଓଡିଏଲ। ଯାହା କୋମଳମତି ପିଲାଙ୍କ ପାଇଁ ଭବିଷ୍ୟତରେ ବିପଦ ସୃଷ୍ଟି କରିପାରେ। ଖେଳୁଥିବା ସମୟରେ କୌଣସି ଅଘଟଣ ଘଟିବା ଆଶଙ୍କା ମଧ୍ୟ ରହିଛି। ଯେପର୍ଯ୍ୟନ୍ତ ଏହି ବିଦ୍ୟୁତ ତାର ସଂଯୋଗ ପଥ ପରିବର୍ତ୍ତନ ନ ହୋଇଛି, ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ବର୍ତ୍ତମାନ ଓ ପୁରାତନ ଛାତ୍ର। ଏ ସମ୍ପର୍କରେ ଜଗତସିଂହପୁର ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅଶୋକ ଜେନା କହିଛନ୍ତି, ଛାତ୍ର, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚିତ ପଦକ୍ଷେପ ନିଆଯିବ।

### ● ଯୁବକଙ୍କ ଗୋଡ଼ ଉପରେ ମାଡ଼ିଗଲା ଟ୍ରକ୍

## କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ

କୁଜଙ୍ଗ,୧୮।୮ (ସମିସ): କୋଠିଆସାହିଠାରେ ଦୁର୍ଘଟଣାରେ ବାପଝିଅଙ୍କ ମୃତ୍ୟୁ ହେବା ଗୋଟିଏ ସପ୍ତାହ ଯାଇଛି କି ନାହିଁ ଆଜି ଆଉଏକ ଦୁର୍ଘଟଣା ଘଟିଛି। ଏଥିରେ ବଳରାମପୁର ଗ୍ରାମର ଯୁବକ ଗୁଗୁଲା ଦାସଙ୍କ ଗୋଡ଼ ଉପରେ ଟ୍ରକ୍ ଚଢ଼ିଯାଇଛି। ତାଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯରାଇଛି। ତାଙ୍କର ଗୋଡ଼ କଟାଯିବା ଆଶଙ୍କା କରାଯାଉଛି। ଯୁବକଙ୍କୁ କ୍ଷତିପୂରଣ ଦେବାକୁ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ଗୁଗୁଲା ଦାସ (୨୪) ବାଇକ୍ ଯୋଗେ କଟକ-ପାରାଦୀପ ରାସ୍ତାରେ କୁଜଙ୍ଗ ବଜାର ଆଡ଼କୁ ଯାଉଥିଲେ। ସେ ରାସ୍ତାର ବାମପାଶ୍ୱର୍ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ଡାହାଣ ପାଶ୍ୱର୍ରେ ବାଇକ୍ ଉପରକୁ ମାଡ଼ିଯାଇ ଗୁଗୁଲାଙ୍କ ଗୋଡ଼ର ଉପରେ ଚଢ଼ିଯାଇ ପୁଣି ବାମପାଶ୍ୱର୍କୁ ଯାଇ ସେଠାରେ ଅଟକି ଯାଇଥିଲା। ଦୁଇବର୍ଷ ପୂର୍ବେ ଏହି ସ୍ଥାନରେ ଗୁଗୁଲାଙ୍କ ପିତା ରବୀନ୍ଦ୍ର ଦାସଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା।



ଗୁରୁତର ଯୁବକଙ୍କ ତିନି ଭଉଣୀ ଓ ବିଧବା ମା' ଭାଙ୍ଗିପଡିଥିବାବେଳେ ସେ ଏକମାତ୍ର ରୋଜଗାରକ୍ଷମ ଯୁବକ ଥିଲେ। ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ ରାସ୍ତାରୋକ କରିଥିଲେ । ସେହିପରି କୁଜଙ୍ଗ ଶନି ମନ୍ଦିର ନିକଟରେ ଭୂତମୁଣ୍ଡାଇର ଜଣେ ଯୁବକ ଶାନ୍ତନୁ ପଣ୍ଡା ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ କୁଜଙ୍ଗ ଓ ପରେ କଟକ ବଡ଼ ମେଡିକାଲକୁ ଯାଇଥିବା ସୂଚନା ମିଳିଛି।

## ଇଣ୍ଡିଆନ୍ ବ୍ୟାଙ୍କ ଶଙ୍ଖେଶ୍ୱର ହାଟ ଶାଖା ଉଦ୍‌ଘାଟିତ

ତିର୍ତ୍ତୋଲ,୧୮।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶଙ୍ଖେଶ୍ୱର ହାଟଠାରେ ଇଣ୍ଡିଆନ ବ୍ୟାଙ୍କ ଶାଖାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ବ୍ୟାଙ୍କର ସହକାରୀ ଜୋନାଲ ମ୍ୟାନେଜର ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ



ତିର୍ତ୍ତୋଲ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ଫିତାକାଟି ଏହାର ଉଦଘାଟନ କରିଥିଲେ। ପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ଗରିବ ଜନସାଧାରଣଙ୍କ ବିକାଶରେ ବ୍ୟାଙ୍କ୍ ସହାୟକ ହେଉ ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ୟାଙ୍କର ଭୁବନେଶ୍ୱର ଏଫଜିଏମ ଏମ. ଅରୁଣା, ଭୁବନେଶ୍ୱର ଜୋନାଲ ମ୍ୟାନେଜର ସୁମନ କୁମାର ଯୋଗଦେଇ ବ୍ୟାଙ୍କର ଋଣ ଯୋଜନା, ମହିଳାଙ୍କ ପାଇଁ ଥିବା ନୂତନ ସ୍କିମ ବିଷୟରେ ଆଲୋଚନା କରିବା, ଏହାର ସୁବିଧା ଜନସାଧାରଣ ନେବାକୁ କହିଥିଲେ। ଅନ୍ୟତମ ଅତିଥି ବାୟା ଅବଧୂତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ସିଂ ସମେତ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ଯୋଜନାରେ ଋଣ ମଞ୍ଜୁର ହୋଇଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସହକାରୀ ଶାଖା ପରିଚାଳକ ଆଦିତ୍ୟ ରଞ୍ଜନ ନାୟକ, ମୁଖ୍ୟ କୋଷାଧକ୍ଷ ପ୍ରତାପ ଚନ୍ଦ୍ର କାଣ୍ଡି, କିରାଣି ଦେବାଶିଷ ପଣ୍ଡା, ପୀତାମ୍ବର ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶାଖା ପରିଚାଳକ ବିଶ୍ୱରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଫୁଲ ବିକାଳି ମହିଳାଙ୍କୁ ଜୋର୍ ଜବରଦସ୍ତ ଗଣେଶ ପୂଜା ଚାନ୍ଦା ମାଗିବା ଘଟଣା

# ୬ ଦିନ ପରେବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୁଲିସ

ପାରାଦୀପ, ୧୮।୮ (ସମିସ)

ପାରାଦୀପ ପୁଲିସ ଏବେ ଔକାତ ଦେଖି ହାତ ମାରୁଛି। କେଉଁ ମାମଲାକୁ କେତେ ଗୁରୁତ୍ୱ ଦିଆଯିବ, କାହାର କେତେ ପହଞ୍ଚ ସେସବୁ ପରଖିବା ପରେ ପାରାଦୀପ ପୁଲିସ ତଦନ୍ତରେ ଅଗ୍ରସର ହେଉଛି। ଭାବି ଚିନ୍ତି ନିଷ୍ପତ୍ତି ନେଉଛି। ଆଇନ ସମସ୍ତଙ୍କ ପାଇଁ ସମାନ, ଏ ଉକ୍ତିରେ ପୁଲିସ ବିଶ୍ୱାସ ରଖୁ ନ ଥିବା ଅଭିଯୋଗ ହୋଇଛି। କେବଳ ଚାପ, ବାହୁବଳ ଦେଖି ପୁଲିସ ତଦନ୍ତକୁ ମୋଡ଼ ଦେଉଛି। ଫଳରେ ପୁଲିସ ବିରୋଧରେ ପାରାଦୀପ ଜନସାଧାରଣଙ୍କ ମନରେ ଏପ୍ରକାର ପ୍ରଶ୍ନ ଏବେ ଉଙ୍କି ମାରିଛି। ପୁଲିସ କ'ଣ ସତରେ ତା'ର ତଦନ୍ତ ଠିକ କରୁଛି ନା ସୁହାଇଲା ଭଳି ତଦନ୍ତ କରୁଛି, ତାହା ଏବେ ବନ୍ଦର ସହରରେ ଚର୍ଚ୍ଚାର ବିଷୟ ହୋଇଛି।

ଗତ ୬ ଦିନ ତଳେ ତାରିଣୀଗଡା ଅଞ୍ଚଳରେ ଗଣେଶ ପୂଜା ଚାନ୍ଦା ଆଦାୟ ଘଟଣାକୁ ନେଇ ଆଦର୍ଶ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ପୁଲିସ ଗୋଟିଏ ପକ୍ଷ ପାଇଁ ସମ୍ପୂର୍ଣ୍ଣ ଆଖିବୁଜି ଦେଇଥିବାବେଳେ ଘଟଣା ଘଟାଇଥିବା ପକ୍ଷ ପାଇଁ ମାତ୍ରାଧିକ ଗୁରୁତ୍ୱ ଦେଇ ସବୁ ଜିଗର ଲଗାଇ ଦେଇଛି। ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିନାହିଁ। ଗଣମାଧ୍ୟମରେ ଏ ଖବର ବାରମ୍ବାର ପ୍ରସାରଣ ହେବା ପରେ ମଧ୍ୟ ପୁଲିସ ଆଖିବୁଜି ଦେଇଛି। ନିରୀହ ଗରିବ ମହିଳାଙ୍କୁ ଦାଦା ବଟି ମାଗୁଥିବା ଓ ସେମାନେ ନ ଦେବାରୁ ତାଙ୍କ ଫୁଲ ଫିଙ୍ଗି ଦେଇଥିବା କ୍ଲବ ଯୁବକଙ୍କୁ ଏଯାଏ ପୁଲିସ କାହିଁକି ଗିରଫ କରୁନାହିଁ। ଘଟଣା ଦିନ ଯେଉଁ ଯୁବକ ଗରିବ ମହିଳାଙ୍କୁ ସହଯୋଗର ହାତ ବଢ଼ାଇଥିଲା, ସେ ଯୁବକକୁ ପୁଲିସ ଧରିବାରେ ସବୁ ବଳ ଲଗାଇ ଦେଇଛି। ପ୍ରଥମ ମାମଲାକୁ ପୁଲିସ ଅଣଦେଖା କରିଥିବାବେଳେ ଦ୍ୱିତୀୟ ମାମଲାକୁ ଅଧିକ ଗୁରୁତ୍ୱ ଦେଇ ପୁଲିସ ପକ୍ଷପାତ କରୁଛି। ମାମଲାକୁ ସମାନ ଗୁରୁତ୍ୱ ଦେବା ବଦଳରେ ପୁଲିସ ବଳ ଦେଖି ହାତ ମାରୁଛି। ନିର୍ଦ୍ଦୋଷ ପୁଲିସ ଜାଲରେ ଫସି ଯାଉଛନ୍ତି। ତେଣୁ ନିରାପେକ୍ଷ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

ବୁଧବାର ଦିନ ତାରିଣୀଗଡା ଅଞ୍ଚଳର ନିର୍ଦ୍ଦିଷ୍ଟ କ୍ଲବର ଯୁବକ ଗଣେଶ ପୂଜା ଚାନ୍ଦା ଲାଗି ଗରିବ ଅସହାୟ କେତେକ ଫୁଲ ବିକାଳୀ ମହିଳାଙ୍କୁ ୫୦୦୦ ଟଙ୍କା ଦେବାକୁ କହିଲେ। ସେ ଦେବାକୁ ଅସମର୍ଥ କହିବାରୁ ସେମାନେ ତାଙ୍କ ଫୁଲକୁ ରାସ୍ତାକୁ ଫିଙ୍ଗି ଦେଇଥିଲେ। ମହିଳାମାନେ ଗୁରୁବାର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ସହିତ ନ୍ୟାୟ ମାଗିଥିଲେ। ଏଭଳି ଗରିବ ମହିଳାଙ୍କ ପ୍ରତି ଚାନ୍ଦା ଆଦାୟ କରିବାର ଜୁଲମ୍‌କୁ ଅଞ୍ଚଳବାସୀ ନାପସନ୍ଦ କରିବା ସହ ଜୋରଜବରଦସ୍ତ ଚାନ୍ଦା ଆଦାୟ କରୁଥିବା ଯୁବକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ପୁଲିସ କ୍ଲବ୍‌ର ଯୁବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କୁ ସହାୟତା ଦେଇଥିବା ଅଭିଯୋଗ ହୋଇଛି। କାହା ଚାପରେ ଏଭଳି କରାଯାଉଛି, ନାଁ କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ନେତାଙ୍କୁ ଖୁସି କରାଇବାକୁ ପୁଲିସ ଏଭଳି କରୁଛି, ତାକୁ ନେଇ ପାରାଦୀପରେ ଆଲୋଚନା ଜୋର ଧରିଛି।

# ଜୟଶଙ୍କରଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଆମେରିକାର ଶୁଳ୍କ ଧମକ ମଧ୍ୟରେ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୋମବାର ଭାରତ ଗସ୍ତରେ ଆସିଛନ୍ତି । ସେ ନୂଆଦିଲ୍ଲୀରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଛନ୍ତି । ଉଭୟେ ସୀମା ବିବାଦ, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ନେଇ ଚର୍ଚ୍ଚା କରିଥିଲେ । ଜୟଶଙ୍କର କହିଥିଲେ ଯେ ଦୁଇ ଦେଶର ସମ୍ବନ୍ଧ ପାରସ୍ପରିକ ସମ୍ମାନ, ସ୍ୱାର୍ଥ ଏବଂ ସମ୍ବେଦନଶୀଳତା ଉପରେ ଆଧାରିତ ହେବା ଉଚିତ । ରାଷ୍ଟ୍ର ମଧ୍ୟରେ ଥିବା ମତପାର୍ଥକ୍ୟକୁ ବିବାଦର ରୂପ ଦିଆଯିବା ଉଚିତ ନୁହେଁ । । ଦୁଇଦେଶର ସମ୍ପର୍କ ଖରାପ ସମୟ ଦେଇ ଗତି କରିଥିଲା । ଏବେ ଆଗକୁ ବଢ଼ିବାର ସମୟ ଆସିଯାଇଛି । ଏଥିପାଇଁ ଉଭୟ ପକ୍ଷରୁ ସ୍ପଷ୍ଟ ଏବଂ ଗଠନମୂଳକ ଆଭିମୁଖ୍ୟର ଆବଶ୍ୟକତା ରହିଛି । ଆତଙ୍କବାଦକୁ ନେଇ ମଧ୍ୟ ଜୟଶଙ୍କର ଚିନ୍ତା ପ୍ରକଟ କରିଥିଲେ । ସମସ୍ତ ପ୍ରକାର ଆତଙ୍କବାଦ ବିରୋଧରେ ଲଢେଇକୁ ପ୍ରାଧାନ୍ୟ ଦିଆଯିବା ଉଚିତ । ବୈଶ୍ୱିକ ସ୍ଥିତି ଏବଂ ପାରସ୍ପରିକ ସ୍ୱାର୍ଥ ଉପରା ଆଲୋଚନା କରି ଦ୍ୱିପାକ୍ଷିକ ସମ୍ବନ୍ଧର ସମୀକ୍ଷା ପାଇଁ ଏହି ବୈଠକ ଏକ ସୁଯୋଗ ଆଣିଛି ବୋଲି ଜୟଶଙ୍କର କହିଥିଲେ । ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଆମେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ଚାହୁଁଛୁ ବୋଲି ୱାଙ୍ଗ କହିଥିଲେ । ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ । କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି ବୋଲି ୱାଙ୍ଗ କହିଥିଲେ । ଚୀନ୍‌ରେ ଆୟୋଜନ ହେବାକୁ ଯାଉଥିବା ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)କୁ ମଧ୍ୟ ୱାଙ୍ଗ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ସୁରତରେ ୨୫ କୋଟିର ହୀରା ଚୋରି

ସୁରତ, ୧୮ ।୮ (ଏଜେନ୍ସି): ଗୁଜରାଟ ସୁରତର କାପୋଦରା ଅଞ୍ଚଳରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ପାଖାପାଖି ୨୫ କୋଟି ଟଙ୍କାର ହୀରା ଚୋରି ହୋଇଛି । ସୂଚନା ପାଇ ସ୍ଥାନୀୟ ପୁଲିସ ଓ କ୍ରାଇମ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । କଟରରେ ଲକର୍ କାଟି ଲୁଟେରାମାନେ ହୀରା ଓ ନଗଦ ଟଙ୍କା ଲୁଟି ଏବଂ ପ୍ରମାଣ ନଷ୍ଟ କରି ପଳାଇ ଥିଲେ । ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ନେଇ ଯାଇଥିଲେ । ପୁଲିସ ଅନ୍ୟ ସିସିଟିଭି ଫୁଟେଜକୁ ନେଇ ଯାଞ୍ଚ କରୁଛି । ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ବଜାର ବନ୍ଦ ଥିବାର ସୁଯୋଗ ନେଇ ଲୁଟେରା ଏହି କାଣ୍ଡ ଘଟାଇ ଥିଲେ । ଲକ୍‌ରରେ ପ୍ରାୟ ୩୦ କୋଟି ଟଙ୍କାର ଜିନିଷ ଥିଲା ବୋଲି ମାଲିକ ଦେବେନ୍ଦ୍ର ଚୌଧୁରୀ କହିଛନ୍ତି ।

## ଦିଲ୍ଲୀରେ ୩ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଦିଲ୍ଲୀର ୩ଟି ସ୍କୁଲକୁ ସୋମବାର ବୋମା ଧମକ ମିଳିଛି । ସତର୍କତା ଦୃଷ୍ଟିରୁ ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାରକା, ମର୍ଡନ କନଭେଣ୍ଟ ଓ ଶ୍ରୀରାମ ସ୍କୁଲ୍‌କୁ ଖାଲି କରାଯାଇ ଯାଞ୍ଚ କରାଯାଇଛି । ସକାଳେ ୭ଟାରେ ସ୍କୁଲରେ ବିସ୍ଫୋରକ ଥିବାର ସୂଚନା ମିଳିଥିଲା ବୋଲି ଦମକଳ ବିଭାଗ ଅଧିକାରୀମାନେ କହିଛନ୍ତି । ଏହାପରେ ଦିଲ୍ଲୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ ପହଞ୍ଚି ଖୋଜାଖୋଜି କରିଥିଲେ ବି କୌଣସି ବିସ୍ଫୋରକ ସାମଗ୍ରୀ ପାଇ ନ ଥିଲେ ।

## ମାସକରେ ଆସାମରେ ସପ୍ତମ ଭୂକମ୍ପ

ଗୌହାଟୀ, ୧୮ ।୮ (ଏଜେନ୍ସି): ଆସାମର ନାଗାଓଁରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି । ଏହାକୁ ମିସାଇ ଆସାମରେ ମାସକେ ସପ୍ତମ ଓ ନାଗାଓଁ ଜିଲ୍ଲାରେ ତୃତୀୟ ଭୂକମ୍ପ ଅନୁଭୂତ ହୋଇଛି । ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ରିଚର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୩ ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି ପକ୍ଷରୁ କୁହାଯାଇଛି । ଅପରାହ୍ଣ ୧୨.୦୯ ରେ ୩୫ କିମି ଗଭୀରରେ ଏହା ରେକର୍ଡ ହୋଇଥିଲା । ଏହି ଜିଲ୍ଲାରେ ପୂର୍ବରୁ ଗତ ୭ରେ ୩.୮ ଓ ୮ ତାରିଖରେ ୨.୮ ତୀବ୍ରତାର ଭୂକମ୍ପ ହୋଇଥିଲା । ଚଳିତ ମାସ ଆସାମରେ ଅନୁଭୂତ ହୋଇଥିବା ୭ଟି ଯାକ ଭୂକମ୍ପର ତୀବ୍ରତା ୨.୮ ରୁ ୪.୩ ଥିଲା ।

## ଟୋଲ୍ ପ୍ଲାଜାରେ ସେନା ଯବାନଙ୍କୁ ମାଡ଼

ମିରଟ, ୧୮ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟ୍‌ରେ କର୍ଣ୍ଣାଲ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ସେନା ଯବା କପିଲ କଭଦଙ୍କୁ ମାଡ ମରାଯାଇଛି । ଏହାକୁ ନେଇ ସ୍ଥାନୀୟ ଗାଁ ଲୋକେ ସେଠାରେ ଭଙ୍ଗାରୁଜା କରିଛନ୍ତି । ଯବାନ ଜମ୍ମୁ- କଶ୍ମୀରରେ ନିୟୋଜିତ ଅଛନ୍ତି । ସେ ନିଜ ସମ୍ପର୍କୀୟ ଭାଇଙ୍କ ସହ ଦିଲ୍ଲୀ ବିମାନ ବନ୍ଦର ଯାଉଥିବାବେଳେ ଟୋଲ ଫି ଓ ସେଠାରେ ହେଉଥିବା ଜାମ୍ ନେଇ ଟୋଲ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା । ଫଳରେ ଟୋଲ କର୍ମଚାରୀମାନେ ତାଙ୍କୁ ଗୋଇଠା, ବିଧା, ଚାପୁଡା ମାରିବା ସହ ଗାଳିଗୁଲଜ କରିଥିଲେ । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହି ମାମଲାରେ ୬ ଜଣଙ୍କୁ ପୁଲିସ ଗିରଫ କରିଛି ।

## ତେଜପ୍ରତାପଙ୍କ ନୂଆ 'ଜନଶକ୍ତି ଜନତା ଦଳ'

ପାଟନା, ୧୮ ।୮ (ଏଜେନ୍ସି): ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ନୂଆ ପାର୍ଟି 'ଜନଶକ୍ତି ଜନତା ଦଳ' ଗଢ଼ିଛନ୍ତି । ତେଜପ୍ରତାପଙ୍କ ଅନୁଗତ ବାଲେନ୍ଦ୍ର ଦାସ ୨୦୨୪ରେ ଏହି ଦଳରୁ ଲୋକସଭା ନିର୍ବାଚନ ଲଢିଥିଲେ । ସେତେବେଳେ ଦଳର ନିର୍ବାଚନ୍ଦ୍ର ଚିହ୍ନ ବଂଶୀ ଥିଲା । ଏବେ ଏହି ପାର୍ଟିକୁ ତେଜପ୍ରତାପ ନିଜ ନାମରେ କରାଇଛନ୍ତି ବୋଲି ନିର୍ବାଚନ କମିସନର ଜଣେ ଅଧିକାରୀ କହିଛନ୍ତି ।

# ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ୧୨ ଘଣ୍ଟା ରାସ୍ତା ଜାମ୍ ହେଲେ ଟୋଲ୍ କାହିଁକି



ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ଆଜି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ)କୁ ତୀବ୍ର ସମାଲୋଚନା କରିଛନ୍ତି । ଜାତୀୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଥିବା ଜାମ୍‌କୁ ନେଇ ପ୍ରଶ୍ନ କରିଛନ୍ତି । ଘଣ୍ଟାଏ ବାଟ ଯିବା ପାଇଁ ୧୨ ଘଣ୍ଟା ଲାଗିଲେ ଲୋକେ କାହିଁକି ଟୋଲ୍ ଦେବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ବିନୋଦ ଚନ୍ଦ୍ରନ ଏବଂ ଏନ ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏନ୍‌ଏଚଆଇକୁ ପ୍ରଶ୍ନ କରିଛନ୍ତି । କେରଳ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ତ୍ରିଶୁର ଜିଲ୍ଲା ପାଲିୟେକାରାରେ ଥିବା ଟୋଲ୍ ଗେଟ୍‌ରୁ ଦେୟ ଆଦାୟ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । କାରଣ ଏନ୍‌ଏଚ୍-୫୪୪ରେ ପଡୁଥିବା ଏହି ମାନୁଥି-ଏଡାପଲ୍ଲି ରାସ୍ତା ଅତି ଖରାପ ଥିଲା ଏବଂ ଗହଳି ଲାଗି ରହୁଥିଲା ।

ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଟ୍ରାଫିକ ନ ଥିବ ତେବେ ୬୫ କିମିର ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅତିବେଶିରେ ଘଣ୍ଟାଏ ଲାଗିଥାଏ । ଯଦି ଟ୍ରାଫିକରେ ଭିଡ଼ ରହେ ତେବେ ଅତିବେଶିରେ ତିନି ଘଣ୍ଟା ଲାଗିବ । କିନ୍ତୁ ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଯଦି ୧୨ ଘଣ୍ଟା ଲାଗିବ ତେବେ ଟୋଲ ବାବଦକୁ ୧୫୦ ଟଙ୍କା କାହିଁକି ଦିଆଯିବ? ଜାମ୍ ପାଇଁ ଘଣ୍ଟାଏ ବଦଳରେ ଲୋକଙ୍କୁ



୧୧ ଘଣ୍ଟା ଅଧିକ ଲାଗୁଛି ଏବଂ ଏଥିପାଇଁ ତାଙ୍କୁ ଟୋଲ୍ ମଧ୍ୟ ଦେବାକୁ ପଡୁଛି । ଏ ବିଷୟରେ ଜଷ୍ଟିସ ଚନ୍ଦ୍ରନ ପ୍ରଶ୍ନ କରିବାରୁ ଏନ୍‌ଏଚଏଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାସ୍ତାରେ ଟ୍ରକ୍ ଖସି ପଡ଼ିବା ଈଶ୍ୱର କୃତ । ଏହାଉପରେ ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଆପେ ଆପେ ଟ୍ରକ୍ ଖସିପଡ଼ି ନାହିଁ । ଖାଲରେ ପଡ଼ିଯିବାରୁ ଏହା ଦୁର୍ଘଟଣାର ଶିକାର ହୋଇଥିଲା । ଜବାବରେ ଏସ୍‌ଜି କହିଥିଲେ ଯେ ମୌସୁମୀ ବର୍ଷା ଯୋଗୁଁ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିଛି । ଟୋଲ ହଟାଇବା ପରିବର୍ତ୍ତେ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି ।

# ହ୍ୱାଇଟ୍ ହାଉସ ଉପରେ ବିଶ୍ୱର ନଜର

## ଟ୍ରମ୍ପଙ୍କୁ ଭେଟିବେ ଜେଲେଁସ୍କି, ୟୁରୋପୀୟ ନେତା

ୱାଶିଂଟନ , ୧୮ ।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡାମିର ଜେଲେଁସ୍କିଙ୍କୁ ଆଜି ଭେଟିବାର କାର୍ଯ୍ୟକ୍ରମ ରହିଛି । ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧକୁ ରୋକିବା ହିଁ ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି । ବୈଠକରେ ଜେଲେଁସ୍କିଙ୍କୁ ବାଦ୍ ଦେଲେ ୟୁରୋପୀୟ ରାଷ୍ଟ୍ର ସଂଘର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲେୟେନ, ନାଟୋ ମହାସଚିବ ମାର୍କ ରୁଟ୍, ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାରମର, ଜର୍ମାନୀ ଚାନ୍ସଲର ଫ୍ରେଡେରିକ ମର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭଳି ୟୁରୋପୀୟ ନେତା ମଧ୍ୟ ଉପସ୍ଥିତ ରହିବେ । ହ୍ୱାଇଟ ହାଉସରେ ହେବାକୁ ଥିବାଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି ।

ଗତ ୭ ମାସ ମଧ୍ୟରେ ଟ୍ରମ୍ପ ଓ ଜେଲେଁସ୍କି ତୃତୀୟଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି । ଗତ ବୈଠକରେ ଟ୍ରମ୍ପ ଓ ଜେଲେଁସ୍କିଙ୍କ ମଧ୍ୟରେ ଜୋରଦାର୍ ଯୁକ୍ତିତର୍କ ହୋଇଥିଲା । ଆମେରିକାଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ଜେଲେଁସ୍କି କୃତଜ୍ଞ ନୁହଁ ବୋଲି ଟ୍ରମ୍ପ କହିଥିଲେ । ଖାସ ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଖଣିଜ ପଦାର୍ଥକୁ ନେଇ କୌଣସି ଚୁକ୍ତି ହୋଇପାରି ନଥିଲା । ଏହାପରେ ଦୁହେଁ ଗତ ଏପ୍ରିଲ ୨୬ରେ ରୋମ୍‌ରେ ପୋପ୍‌ଙ୍କ ଅନ୍ତିମ ସଂସ୍କାରରେ ପରସ୍ପରକୁ ଭେଟିଥିଲେ । ଏଥର ବୈଠକରେ ଏଭଳି ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି । ବୈଠକରେ ଯୋଗ ଦେବାକୁ ଜେଲେଁସ୍କି ଇତିମଧ୍ୟରେ ୱାସିଂଟନରେ ପହଞ୍ଚି ସାରିଛନ୍ତି । ଉଲ୍ଲେଖଥାଉ କି, ୩ ଦିନ ତଳେ ୟୁକ୍ରେନ ଯୁଦ୍ଧକୁ ନେଇ ପୁତିନ

### ନାଟୋରେ ସାମିଲ ହେବନି ୟୁକ୍ରେନ, କ୍ରିମିଆ ବି ମିଳିବ ନାହିଁ: ଟ୍ରମ୍ପ

ଓ ଟ୍ରମ୍ପ ଆଲସ୍କାରେ ଏକ ହାଇପ୍ରୋଫାଇଲ ବୈଠକରେ ମିଳିତ ହୋଇଥିଲେ । ୩ ଘଣ୍ଟାର ଏହି ବୈଠକରେ କୌଣସି ନିଷ୍କର୍ସ ବାହାରି ପାରି ନ ଥିଲା । ଯୁଦ୍ଧ ଅବସରରେ ରୁଷିଆ ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳ ଅର୍ଥାତ ପାଖାପାଖି ୧ ଲକ୍ଷ ୪୦ ହଜାର ୫୦୦ ବର୍ଗ କିମି ଅଞ୍ଚଳ ଦଖଲକୁ ଆଣିଛି ଓ ଏହାକୁ ଛାଡିବାକୁ ମନା କରିଛି । ବିନା କୌଣସି ସର୍ତ୍ତରେ ଅସ୍ତ୍ରବିରତି ହେଉ ବୋଲି ଜେଲେଁସ୍କି କହିଛନ୍ତି । ଏବେ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି ।

ୟୁକ୍ରେନ୍‌କୁ ସାମରିକ ସଂଗଠନ ନାଟୋରେ ସାମିଲ କରାଯିବ ନାହିଁ ବୋଲି ରାଷ୍ଟ୍ରପତି ଟ୍ରମ୍ପ ବୈଠକ ପୂର୍ବରୁ ସ୍ପଷ୍ଟ କରିଛନ୍ତି । କେବଳ ସେତିକି ନୁହଁ, ୨୦୧୪ରୁ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଅଞ୍ଚଳ ମଧ୍ୟ ୟୁକ୍ରେନ୍‌କୁ ମିଳିବନି ବୋଲି କହିଛନ୍ତି । ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ



ଉପରେ ସବୁକିଛି ନିର୍ଭର କରୁଛି । ସେ ଚାହିଁଲେ ରୁଷିଆ ବିପକ୍ଷରେ ଯୁଦ୍ଧକୁ ରୋକି ପାରିବେ । ସେ ଯୁଦ୍ଧ ଜାରି ରଖିବେ ନା ଶାନ୍ତି ପାଇଁ ରାସ୍ତା ଖୋଜିବେ ସବୁକିଛି ଜେଲେଁସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି । ୧୨ ବର୍ଷ ପୂର୍ବେ ସେତେବେଳର ଆମେରିକା ରାଷ୍ଟ୍ରପତି ବାରାକା ଓବାମାଙ୍କ ଗସ୍ତ ବେଳେ ବିନା ଗୁଳି ଚାଳନାରେ ରୁଷିଆକୁ କ୍ରିମିଆ ଦିଆଯାଇଥିଲା ଓ ୟୁକ୍ରେନ ବି ନାଟୋରେ ସାମିଲ ହୋଇ ନ ଥିଲା । ତେଣୁ କିଛି ଜିନିଷ କେବେବି ବଦଳିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି ।

ଅନ୍ୟପଟେ ରୁଷିଆ ରାଷ୍ଟ୍ରପତି ପୁତିନ ୟୁକ୍ରେନକୁ ସୁରକ୍ଷା ପ୍ରତିଶ୍ରୁତି ଦେବେ ବୋଲି ଟ୍ରମ୍ପଙ୍କର ଜଣେ ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ କହିଛନ୍ତି । ରୁଷିଆ ୟୁକ୍ରେନକୁ ନାଟୋ ଭଳି ସୁରକ୍ଷା ଦେବାକୁ ରାଜି । ଏନେଇ ଟ୍ରମ୍ପ ଓ ପୁତିନ ଆଲାସ୍କା ବୈଠକରେ ସହମତି ପ୍ରକାଶ କରିଥିଲେ । ତେବେ ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ଦେବା ନେଇ ରୁଷିଆ କେବେ ରାଜି ହେବ ନାହିଁ ବୋଲି ପୁତିନ ସ୍ପଷ୍ଟ କରିଥିଲେ । ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନ୍‌କୁ ନାଟୋର ଧାରା-୫ ଭଳି ସୁରକ୍ଷା ବ୍ୟବସ୍ଥା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ ପ୍ରସ୍ତାବିତ ଚୁକ୍ତିରେ ଏହା ଉଲ୍ଲେଖ କରାଯାଇଛି । ଉଲ୍ଲେଖଥାଉ କି, ନାଟୋର ଧାରା- ୫ ଅନୁସାରେ କୌଣସି ଗୋଟିଏ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ତାହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଧରି ନିଆଯିବ । ସେହିପରି ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇଥିବାରୁ ଜେଲେଁସ୍କି କୃତଜ୍ଞତା ଜଣାଇଛନ୍ତି । ଏହା ଏକ ଐତିହାସିକ ନିଷ୍ପତ୍ତି ସେ କହିଛନ୍ତି । ତେବେ ଏହା କେବଳ କାଗଜ କଲମରେ ନୁହେଁ ବାସ୍ତବରେ ହେବା ଉଚିତ ଓ ଏଥିରେ ୟୁରୋପୀୟ ରାଷ୍ଟ୍ରଗୁଡିକର ସକ୍ରିୟ ଭୂମିକା ରହିବା ନିହାତି ଜରୁରୀ ବୋଲି ଜେଲେଁସ୍କି ସ୍ପଷ୍ଟ କରିଛନ୍ତି ।



## ମୋଦୀଙ୍କୁ ଫୋନ୍ କଲେ ପୁତିନ, ଆଲାସ୍କା କଥା କହିଲେ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି । ଗତ ସପ୍ତାହରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଚର୍ଚ୍ଚା ବିଷୟରେ ମୋଦୀଙ୍କୁ ସୂଚନା ଦେଇଛନ୍ତି । ଆଲୋଚନା ମାଧ୍ୟମରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀ କହିଛନ୍ତି । ଭାରତ ଏ ସମ୍ବନ୍ଧରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି । ଆଲାସ୍କାରେ ଟ୍ରମ୍ପଙ୍କ ସହ ବୈଠକ ବିଷୟରେ ସୂଚନା ଦେଇଥିବାରୁ ପୁତିନଙ୍କୁ ମୋଦୀ ଧନ୍ୟବାଦ ଦେଇଛନ୍ତି । ଉଭୟ ନେତା ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ମଧ୍ୟ ଚର୍ଚ୍ଚା କରିଛନ୍ତି । ସୂଚନାଯୋଗ୍ୟ ଯେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଟ୍ରମ୍ପ ଗତ ୧୫ ତାରିଖରେ ଆଲାସ୍କାରେ ସାକ୍ଷାତ ଆଲୋଚନା କରିଥିଲେ । ଉଭୟେ ତିନି ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚାକରିଥିଲେ । ତେବେ ଏହା ଫଳାଫଳଶୂନ୍‌ ରହିଥିଲା । ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କ ଉପରେ ଶାନ୍ତି ପ୍ରକ୍ରିୟା ନିର୍ଭର କରୁଛି ବୋଲି ଟ୍ରମ୍ପ କହିଥିଲେ । ସେ ଏହି ବୈଠକ ସଫଳ ରହିଥିବା ଉଲ୍ଲେଖ କରିଥିଲେ । ସେହିପରି ଦେଶର ସୁରକ୍ଷା ସବୁଠୁ ଜରୁରୀ ବୋଲି ପୁତିନ କହିଥିଲେ । ସେ ପରବର୍ତ୍ତୀ ବୈଠକ ମସ୍କୋରେ କରାଇବାକୁ ପ୍ରସ୍ତାବ ଦେଇଥିଲେ ।

ସୂଚନାଯୋଗ୍ୟ ଯେ ରୁଷ୍‌ଠାରୁ ତୈଳ କ୍ରୟକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛି । ଭାରତ ଏହାକୁ ବେଆଇନ ବୋଲି କହିଛି ।

# ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ-କଲେଜ ଛୁଟି

ମୁମ୍ବଇ, ୧୮ ।୮ (ଏଜେନ୍ସି): ମୁମ୍ବଇ ଓ ଆଖପାଖ ଅଞ୍ଚଳରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । କେତେକ ଅଞ୍ଚଳରେ ପାଣି ଭରି ରହିଛି । ଏଥିପାଇଁ ସଡକରେ ଟ୍ରାଫିକ ଜାମ୍ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୫୪ ମିଲିମିଟର ବର୍ଷା ହୋଇଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ବୃହନ ମୁମ୍ବଇ ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ମୁମ୍ବଇର ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି । ଅତିଆବଶ୍ୟକ ନ ହେଲେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ମନା କରାଯାଇଛି । ଆଗାମୀ କିଛି ଘଣ୍ଟାରେ ମୁମ୍ବାଇରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କତା ଜାରି କରାଯାଇଛି । ମୁମ୍ବଇ ଭଳି ଥାନେ, ପାଲଘର ଓ ରାଇଘରରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବର୍ଷା କାରଣରୁ ମୁମ୍ବଇ ବିମାନ ବନ୍ଦରରେ କେତୋଟି ବିମାନ ଉଡାଣ

### ଲୋକାଲ ଟ୍ରେନ୍ ଓ ବିମାନ ବିଳମ୍ବିତ

ବିଳମ୍ବିତ ହୋଇଛି । ତେବେ କେତେ ସଂଖ୍ୟାରେ ବିମାନ ଉଡାଣ ବିଳମ୍ବିତ ହୋଇଛି ସେ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି । ବିମାନର ଉଡାଣ ହାରାହାରି ୫୪ ମିନିଟ୍ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି । ସେହିପରି ଲୋକାଲ ଟ୍ରେନ୍‌ଗୁଡିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଚାଲୁଛି । ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ



ଜମ୍ମୁ-କଶ୍ମୀରରେ ଗତ କେତେଦିନ ହେବ ପ୍ରବଳ ବର୍ଷା ଜାରି ରହିଛି । ଗତ ୩ ଦିନ ହେବ ହିମାଚଳରେ ବର୍ଷା ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଚଣ୍ଡିଗଡ଼-ମନାଲୀ ଚାରି ଲେନ ସମେତ ୩ଟି ଜାତୀୟ ରାଜପଥ ଓ ହିମାଚଳରେ ୪୦୦ ସଡ଼କ ବନ୍ଦ ରହିଛି । ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ରାଜପଥ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି ।

କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ଯବାନଙ୍କ ଯତ୍ନ ନିଅ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ସେନା ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ହୋଇଥିବା ଯବାନଙ୍କ ଯତ୍ନ ନେବାକୁ କହିଛନ୍ତି । ଗୁରୁତର ଆହତ କିମ୍ବା ଦିବ୍ୟାଙ୍ଗ ହୋଇଯିବା କାରଣରୁ ମେଡିକାଲ ଆଧାରରେ ବାହାର କରିଦିଆଯାଇଥିବା କ୍ୟାଡେଟ (ଯବାନ)ଙ୍କ ତଥ୍ୟ ଦେବାକୁ ମଧ୍ୟ କେନ୍ଦ୍ର ସରକାର ଏବଂ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯୁବ କ୍ୟାଡେଟଙ୍କ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ । ଏଭଳି ଯବାନଙ୍କୁ ବୀମା କରାଇବାକୁ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସାହସୀ ଯୁବକ ସେନାରେ ରୁହନ୍ତୁ ବୋଲି ଆମେ ଚାହୁଁଛୁ । ଆହତ କିମ୍ବା ଦିବ୍ୟାଙ୍ଗତା ବାହାର କରିବାର କୌଣସି କାରଣ ହୋଇ ନ ପାରେ । ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେମାନେ ସେନାରେ ସାମିଲ ହୋଇଥିଲେ । ବୀମା ହେବା ଦ୍ୱାରା ସେମାନଙ୍କୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ପ୍ରତ୍ୟେକ ପ୍ରଶିକ୍ଷଣ ନେଉଥିବା ଯବାନଙ୍କ ବୀମା ରହିବା ଉଚିତ । ଟ୍ରେନିଂ ସମୟରେ ଆହତ ଯବାନଙ୍କୁ ମିଳୁଥିବା ୪୦ ହଜାର ଟଙ୍କାର ରାଶିକୁ ବୃଦ୍ଧି କରିବାକୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ଏସ୍‌ଆଇଆର୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି । ବିରୋଧୀ ଦଳଗୁଡିକ ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର)କୁ ବିରୋଧ କରି ଆଜି ମଧ୍ୟ ହଙ୍ଗାମା ଜାରି ରଖିଛନ୍ତି । ନିର୍ବାଚନ କମିସନଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି । ଏସଆଇଆର ପ୍ରକ୍ରିୟା ରଦ୍ଦ ଏବଂ ଏହା ଉପରେ ଚର୍ଚ୍ଚା ଦାବି କରୁଛନ୍ତି । କିନ୍ତୁ ସରକାର ବିରୋଧୀଙ୍କ ଦାବି ଶୁଣୁ ନାହାନ୍ତି । ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା । ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ଲୋକସଭାରେ ବିରୋଧୀ ଶାନ୍ତ ପଡ଼ି ନ ଥିଲେ । ଗୃହର ମଧ୍ୟଭାଗରେ ଏକାଠି ହୋଇ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ । ସରକାର ଏବଂ ନିର୍ବାଚନ କମିସନ ଭୋଟ ଚୋରି କରୁଥିବା ଅଭିଯୋଗ ଲଗାଇଥିଲେ । ଏହାକୁ ନେଇ ବାଚସ୍ପତି କହିଥିଲେ ଯେ ସରକାରୀ ସମ୍ପତ୍ତି ନଷ୍ଟ ପାଇଁ ସାଂସଦଙ୍କୁ ଲୋକେ ନିର୍ବାଚିତ କରିନାହାନ୍ତି । ଯଦି ନିୟମ ପାଳନ ନ କରିବେ

### କାର୍ଯ୍ୟାନୁଷ୍ଠାନ ପାଇଁ ଲୋକସଭାରେ ବାଚସ୍ପତିଙ୍କ ଚେତାବନୀ

ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଠୋର ନିଷ୍ପତ୍ତି ନେବାକୁ ପଡ଼ିବ । ଦେଶବାସୀ ମଧ୍ୟ ଆପଣଙ୍କୁ ଦେଖୁଛନ୍ତି । ତେଣୁ ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ପୁଣିଥରେ ଚେତାବନୀ ସହିତ ଅନୁରୋଧ କରି ସଂସଦକୁ କିଛି ସମୟ ପାଇଁ ସେ ମୁଲତବୀ କରିଦେଇଥିଲେ ।

ଲୋକସଭା କାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଅପରାହ୍ଣ ୨ଟାରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କ ସଫଳ ମହାକାଶ ଯାତ୍ରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏହିସମୟରେ ବିରୋଧୀ କକ୍ଷତ୍ୟାଗ କରିଥିଲେ । ଏହାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦୁର୍ଭାଗ୍ୟ ଏବଂ ନିରାଶଜନକ କହିଥିଲେ । ମହାକାଶ ଭଳି କ୍ଷେତ୍ରକୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରଖିବା ଉଚିତ ବୋଲି କହିଥିଲେ । ଏହି ଚର୍ଚ୍ଚାରେ ସାମିଲ ହୋଇ ବିରୋଧୀ ଗଠନମୂଳକ ପ୍ରସ୍ତାବ ଦେବାର ଥିଲା ।

ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ସଭ୍ୟ ହଙ୍ଗାମା ଜାରି ରଖିଥିଲେ । ଏଥିଯୋଗୁଁ ପ୍ରଥମେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା । କାର୍ଯ୍ୟାରମ୍ଭ ହେବା ପରେ ଏସ୍‌ଆଇଆର ଉପରେ ଚର୍ଚ୍ଚା ଦାବି କରି ବିରୋଧୀ କକ୍ଷତ୍ୟାଗ କରିଥିଲେ । ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଚର୍ଚ୍ଚା କରି ଭାରତୀୟ ବନ୍ଦର ବିଲ୍ ପାରିତ କରାଯାଇଥିଲା । ଏହା ପରେ ଗୃହକୁ ମୁଲତବୀ କରାଯାଇଥିଲା । ତେବେ ବଙ୍ଗଳା ଭାଷା ବିବାଦକୁ ନେଇ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ର ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।



# ସୁବର୍ଣ୍ଣା



# ଡାଲିଜାତୀୟ ଫସଲରେ ରୋଗ ନିୟନ୍ତ୍ରଣ

**ଆମେ ଖାଉଥିବା ଖାଦ୍ୟର ଏକ ମୁଖ୍ୟ ଅଂଶ ହେଉଛି ଡାଲି । ଡାଲିରେ ବହୁତ ପରିମାଣର ପୁଷ୍ଟିସାର ରହିଛି । ଓଡ଼ିଶାରେ ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଓ ବିରି ଆଦି ଚାଷ କରାଯାଏ । ତେବେ ବର୍ଷାଯୋଗୁଁ ଜମିରେ ପାଣି ଜମି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ଚେରପଚା ଓ କାଣ୍ଡପଚା, ପତ୍ରଚିତ୍ରା ଓ ପତ୍ରପୋଡ଼ା ରୋଗ, ବୀଜାଣୁ ଜନିତ ପତ୍ରପୋଡ଼ା, ଝାଉଁଳା ଆଦି ପ୍ରମୁଖ ରୋଗ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରାଥମିକ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରିବା ଆବଶ୍ୟକ ।**

ଅଧିକ ପାଣି ଜମି ହରଡ଼ରେ ପତ୍ର ଝାଉଁଳା ସମସ୍ୟା ଦେଖାଯାଏ । ଫଳରେ ଅମଳ ବାଧାପ୍ରାପ୍ତ ହୋଇଥାଏ । ଏଥିପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଫସଲରେ କୀଟନାଶକ ସିଞ୍ଚିବା ଜରୁରି ।

**ପତ୍ରଚିତା ଓ ପତ୍ରପୋଡ଼ା ରୋଗ:** ମୁଗ ଓ ବିରିରେ ଏହି ରୋଗ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାଶ୍ୱର୍ରେ ଦେଖାଯାଇଥାଏ । ଏହା କ୍ରମଶଃ ହଳଦିଆ ପଡ଼ି ଶୁଖି ଶେଷକୁ ଖସିପଡ଼େ । ତେଣୁ ଏହାର ପରିଚାଳନା ପାଇଁ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% ଡିଏସ ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ । ମାନକୋଜେବ ୭୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

**ଚେରପଚା ଓ କାଣ୍ଡ ପଚା ରୋଗ:** ମାଟି ଯଥେଷ୍ଟ ଓଦାଥିଲେ ଗଛର ଚେର ଅଗ୍ରଭାଗରୁ ପଚିଯାଇ ଏହି ରୋଗ ହୋଇଥାଏ । ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ । ଶେଷରେ ଗଛଟି ମରିଯାଏ । ଏଥିପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ । ଏହାର ପରିଚାଳନା ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଫିମ୍ପିନାଶକ ଔଷଧ ଏକର ପିଛା ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ସେହିପରି ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ମେଟାଲାକ୍ସିଲ (୮%)+ ମାନକୋଜେବ (୬୪%) ଡବ୍ଲୁପି କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ (୮%) + ମାନକୋଜେବ (୬୩%) ଏକ ଲିଟର ପାଣିରେ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରିବା ଆବଶ୍ୟକ । ହେକ୍ଟର ପିଛା ୨୫୦ କିଗ୍ରା ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ । ଏକ ହେକ୍ଟରକୁ ୫୦ କିଗ୍ରା ଖତସାର ସହିତ ୫ କିଗ୍ରା ଟ୍ରାଇକୋଡର୍ମା ଭିରିଡ଼ି କିମ୍ବା ଟ୍ରାଇକୋଡର୍ମା ହାର୍ଜିଆନମ୍ ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ ।

**ବୀଜାଣୁ ଜନିତ ପତ୍ରପୋଡା ରୋଗ:** ଏହି ରୋଗରେ ପତ୍ରରେ ହଳଦିଆ ବଳୟ ମଝିରେ ମାଟିର ଦାଗ ସହିତ ଫଳ ଓ କାଣ୍ଡରେ ନାଳି ଯାଦୁଆ ରଙ୍ଗ ଦେଖାଯାଏ । ଏହାର ପରିଚାଳନା ପାଇଁ ନିରୋଗ ବିହନ ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ ।

**ସାହେବୀ ରୋଗ:** ମୁଖ୍ୟତଃ ଏହି ରୋଗ ହେଲେ, ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଇଥାଏ । ଏହା ଏକ ଭୂତାଣୁ ଜନିତ ରୋଗ । ଧଳାମାଛି ହେଉଛି ଏହି ରୋଗର ବାହକ । ଏହି ରୋଗ ହେଲେ, ଫଳଗୁଡିକ ଛୋଟ ଓ ନଷ୍ଟ ହୋଇଥାଏ । ତେଣୁ ଆକ୍ରାନ୍ତ ଗଛକୁ ଜମିରୁ ଉପାଡ଼ି ଜମିଠୁ ଦୂରକୁ ଫିଙ୍ଗି ଦେବା ଭଲ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ବେଣ୍ଡାଜିମ୍ ତଥା ଜୈବିକ ଉପାୟରେ ବିହନ ବିଶୋଧନ କରିବା ସହିତ ଫସଲ ଚକ୍ର ଉପରେ ଧ୍ୟାନ ଦେବା ଦ୍ୱାରା ରୋଗ ନିୟନ୍ତ୍ରଣ ହୋଇଥାଏ ।



# ବାଲ୍‌କୋନି ବଗିଚା ପାଇଁ ସ୍ମାର୍ଟ ଟିପ୍‌ସ

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ଥାଏ । ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଗଛ ଲଗାଇବା ପାଇଁ ସ୍ଥାନାଭାବ ଦେଖାଯାଏ । ଏହାର ସମାଧାନ ସ୍ୱରୂପ ଲୋକେ ଏବେ ବାଲ୍‌କୋନି ବଗିଚା ଟ୍ରେଣ୍ଡକୁ ଆପଣାଇଛନ୍ତି । ଏଥିପାଇଁ କିଛି ସ୍ମାର୍ଟ ଟିପ୍ସ ଆପଣାଇ ପାରିବେ ।**

ବାଲ୍‌କୋନିରେ ଗୋଲାପ, ଗେଣ୍ଡୁ, ରଙ୍ଗଣୀ, ଜରବେରା, ମନ୍ଦାର, ମଲ୍ଲୀ ଆଦି ଫୁଲ ଗଛ, ପତ୍ରଯୁକ୍ତ ଗଛ, ପନିପରିବା ଲଗାଇପାରିବେ । ସପ୍ତାହକୁ ଥରେ ଗଛ ମୂଳରେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ହୋଇ ଫୁଲ ଶୀଘ୍ର ଆସିଥାଏ । ସେହିପରି ସମସ୍ତ କୁଣ୍ଡକୁ କିପରି ସୂର୍ଯ୍ୟକିରଣ ପଡ଼ିପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ । କୁଣ୍ଡରେ କେବେ ବି ଅଧିକ ପାଣି ଦିଅନ୍ତୁନି, ଏହା ଦ୍ୱାରା ମୂଳ ପଚିଯାଇପାରେ । ବାଲ୍‌କୋନିର ରଙ୍ଗବେରଙ୍ଗ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

**ତୁଳସୀ ମନିପ୍ଲାଣ୍ଟ :** କାଛ ପାଖେ ଛାଇ ତଥା କମ୍ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବା ଗଛ ଲଗାନ୍ତୁ । ଫର୍ଣ୍ଣ, ସ୍ପାଇଡର ପ୍ଲାଣ୍ଟ, ସ୍ନେକ ପ୍ଲାଣ୍ଟ, ହାର୍ଡି ଜେରେନିୟମ ପରି ଗଛ ଲଗାଇବା ଉପଯୁକ୍ତ । ଏହାର ଦେଖାଶୁଣା କରିବା ସହଜ ହୋଇଥାଏ । ବାଲକୋନିରେ ତୁଳସୀ, ମନିପ୍ଲାଣ୍ଟ, ଜେଡ ଜେନ୍, ଟେବୁଲ ଗୋଲାପ, ଏରେକା ପାମ ଗଛ ଲଗାଇପାରିବେ । ଲେମ୍ବୁଗଛ ଲଗାଇବା ଦ୍ୱାରା ସୁଗନ୍ଧ ପରିବେଶରେ ସକାରାତ୍ମକ ଶକ୍ତି ପ୍ରଦାନ କରେ ।

**ଓହଳା ବାସ୍କେଟ:** ବାଲ୍‌କୋନିରେ କମ୍ ସ୍ଥାନ ଥିଲେ, କାନ୍ଥରେ ଭର୍ଟିକାଲ ପ୍ଲାଣ୍ଟରରେ ଗଛ ଲଗାଇପାରିବେ । ରେଲିଂରେ ଓହଳା ବାସ୍କେଟ୍ ଟାଙ୍ଗି ସେଥିରେ ଚେରି ଟମାଟୋ, ପୁଦିନା, ଧଣିଆ ଆଦି ଗଛ ଲଗାଇବା ଭଲ । ଭାରି କୁଣ୍ଡ ବଦଳରେ ହାଲୁକା ପ୍ଲାଷ୍ଟିକ କୁଣ୍ଡ ବ୍ୟବହାର ଜରୁରି । ଟେରାକୋଟା କୁଣ୍ଡ ବା କଣ୍ଟେନର ବ୍ୟବହାର କରିପାରିବେ । ଖତ ମିଶା ମାଟିରେ ଅଳ୍ପ କୋକୋପିଟ୍ ଓ ବାଲି



ମିଶାଇ ଗଛ ଲଗାଇବା ଦ୍ୱାରା ଗଛର ବିକାଶ ଭଲ ହୁଏ ।

**ଟେବୁଲରେ ସଜାନ୍ତୁ:** ବାଲ୍‌କୋନିର ଆକାର ଛୋଟ ଥିଲେ ର୍ୟାକ୍ ବନାଇ ସେଥିରେ ଗଛ ଲଗାଇ ପାରିବେ । ନତୁବା ବାଲକୋନି ମଝିରେ ଗୋଟିଏ ଛୋଟ କଫି ଟେବୁଲ ରଖି ସେଥିରେ ଛୋଟ କୁଣ୍ଡରେ ଅଳଙ୍କାରିକ ଗଛ ଲଗାଇପାରିବେ । ଏହା ବାଲ୍‌କୋନିର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

**ବୋତଲ ଓ ପାଇପ୍‌ର ଉପଯୋଗ:** ବଡ଼ ପାଇପ୍‌ର ଦୁଇ ପାର୍ଶ୍ୱରେ ରସି ବାନ୍ଧି କାନ୍ଥ କିମ୍ବା ବାଲକୋନିରେ ଓହଳାଇ ପାରିବେ । ପାଇପ୍ ମଝି ଅଂଶକୁ କାଟି ଶୁଖିଲା ଖତ ଓ ମାଟି ଦେଇ ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଧାଡି ଧାଡି କରି ଲଗାଇପାରିବେ ।

**ପ୍ଲାଣ୍ଟ ସ୍କ୍ରିନ୍‌ର ସାହାଯ୍ୟ ନିଅନ୍ତୁ:** ବାଲ୍‌କୋନିକୁ ଅଧିକ ଆକର୍ଷଣୀୟ କରିବାକୁ ବାଉଁଶ ନିର୍ମିତ ସ୍କ୍ରିନ୍ କିମ୍ବା ସବୁଜ ସ୍କ୍ରିନ୍‌କୁ ବାଲକୋନିର ଏକ କୋଣକୁ ଢ଼ାଙ୍କି ପାରିବେ । ବାଲକୋନି ବଗିଚା ପାଇଁ ପରିବାଚୋପା, ଛଡ଼ାଫୁଲ, ତୁଳସୀ, ବେଲପତ୍ର ଆଦିକୁ ସଢ଼ାଇ ସେଥିରେ ଗୋବର, ଗୋମୂତ୍ର ସୋରିଷପିଡିଆ ଆଦି ମିଶାଇ ଖତ କରିପାରିବେ ।

# ଚାଷୀଙ୍କ ଶ୍ରମ ଲାଘବ କରିବ କୃଷିବଟ୍

**ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବାକୁ ଚାଷୀ ବିଭିନ୍ନ ଉପାୟ ଆପଣାନ୍ତି । କୀଟନାଶକ ସିଞ୍ଚନ କରିବାକୁ ଚାଷୀ କୀଟନାଶକ ଯନ୍ତ୍ରକୁ ବୋହି ବୋହି ଅଧିକ ଯନ୍ତ୍ରଣା ସହିଥାନ୍ତି । ଏଥିପାଇଁ ସମୟ ଓ ଖର୍ଚ୍ଚ ମଧ୍ୟ ବଢ଼ିଯାଏ । ତେଣୁ ନିଜ ଦାଦାଙ୍କୁ ଅଙ୍ଗୁର ଚାଷରେ ଏପରି କାମ କରି ଥକି ପଡୁଥିବା ଦେଖି ମହାରାଷ୍ଟ୍ର, ନାସିକ ଜିଲ୍ଲା, ୱାନ୍‌ଖେଡେର ୧୭ ବର୍ଷୀୟ ଆଦିତ୍ୟ ପିଙ୍ଗଲେ କୃଷିବଟ୍ ନାମକ ଏକ ମୋବାଇଲ ନିୟନ୍ତ୍ରିତ ରୋବଟ୍ ବିକଶିତ କରିଛନ୍ତି ।**

କୀଟନାଶକ ସିଞ୍ଚନରୁ ହେଉଥିବା ଚାଷୀଙ୍କ ଶାରୀରିକ ଶ୍ରମ କମ୍ କରିବା ଏହି ରୋବଟ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବେକାର ତଥା ବର୍ଜ୍ୟ ସାମଗ୍ରୀ ଯଥା- ପୁରୁଣା ଟାୟାର, ୧୨ ଭୋଲ୍ଟ ଖେଳନା ଗାଡିରୁ ବାହାରିଥିବା ବ୍ୟାଟେରୀରୁ କୃଷିବଟ୍ ତିଆରି କରାଯାଇଛି । ଏହି ରୋବଟ୍‌ଟି ମୋବାଇଲ୍ - ନିୟନ୍ତ୍ରିତ ତଥା ୧୨ ଭୋଲ୍ଟ ରିଚାର୍ଜେବୁଲ ବ୍ୟାଟେରୀ ଚାଳିତ । ୱାଇ-ଫାଇ ସକ୍ଷମ ମାଇକ୍ରୋକଣ୍ଟ୍ରୋଲର ଥିବାରୁ ଏହା ମୋବାଇଲ୍ ଫୋନ୍ ସହିତ ଜଡିତ ହୋଇଥାଏ । ଯାହାକୁ ସହଜରେ ନିୟନ୍ତ୍ରଣ କରାଯାଇଥାଏ । ତେଣୁ ଚାଷୀଙ୍କୁ ଆଉ ଭାରି ଉପକରଣ ନେଇ କ୍ଷେତକୁ ଯିବାକୁ ପଡ଼େନାହିଁ । ଏଥିପାଇଁ ଆଦିତ୍ୟ ନବମ ଶ୍ରେଣୀରେ ପଢ଼ିବା ବେଳେ ମୋବାଇଲ ମରାମତି କାର୍ଯ୍ୟର ଏକ କୋର୍ସ ଶେଷ କରିଥିଲେ । ଏଥିପାଇଁ ତାଙ୍କୁ ସଲାମ ବମ୍ବେର ସହଯୋଗ ମିଳିଥିଲା । ବନ୍ଧୁ ପରାଶରାମ ପିଙ୍ଗଲ ଏବଂ ଅଭିଜିତ ପାୱାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏହି କୃଷିବଟକୁ ଫୋନ୍ ଜରିଆରେ ଯେକୌଣସି ଦିଗକୁ ବୁଲାଇ ହୁଏ । ସ୍ପ୍ରେୟରକୁ ନିୟନ୍ତ୍ରିତ କରାଯାଇପାରେ । ଗୋଟିଏ ସ୍ଥାନରେ ବସି ବସି କମ୍ ସମୟରେ ଜମିରେ କୀଟନାଶକ ସିଞ୍ଚନ କରିବାରେ ସାହାଯ୍ୟ କରିଥାଏ । ଏହି ରୋବଟ୍‌ରେ ୩୬୦ ଡିଗ୍ରୀର



ଏକ କ୍ୟାମେରା ମଧ୍ୟ ଲଗାଯାଇଛି । ଯାହାଦ୍ୱାରା ଚାଷୀଙ୍କୁ ଚାଷ ଜମିର ବାସ୍ତବ ଦୃଶ୍ୟ ଦେଖିବାକୁ ସୁଯୋଗ ମିଳିପାରିବ । ଏହି ଉପକରଣରେ ନଟ୍ ଭୋଲ୍ଟ ଯନ୍ତ୍ର ଲଗାଇଥିବାରୁ ଫସଲର ଉଚ୍ଚତା ଆଧାରରେ ଏହି ସିଞ୍ଚନକୁ ଉପର ତଳ କରାଯାଇପାରିବ । ଏଥିପାଇଁ ସେ ପ୍ରଥମେ ଅଙ୍ଗୁର ଏବଂ ପୁଦିନା ଜମିରେ ଏହି ଉପକରଣର ପରୀକ୍ଷଣ କରିଥିଲେ । ଏଥିରେ ସଫଳ ହୋଇଥିଲେ । ଏହି ଉପକରଣରେ ସିଞ୍ଚନ କରିବାରେ ଅଧିକ ସମୟ ଲାଗି ନ ଥାଏ । ଶାରୀରିକ ପରିଶ୍ରମ କମ୍ କରିବା ସହ ଖର୍ଚ୍ଚ ମଧ୍ୟ କମ୍ କରିଥାଏ । ଏହା ହାଲୁକା, କମ୍ପାକ୍ଟ ହୋଇଥିବାରୁ ଯେକୌଣସି ସ୍ଥାନକୁ ଅତି ସହଜରେ ନେଇ ହୁଏ । ଆଗାମୀ ଦିନରେ ଆଦିତ୍ୟ ଏପରି ଏକ ରୋବଟ ବନାଇବାକୁ ଚାହୁଁଛନ୍ତି ଯାହା ଫସଲରେ କୀଟ ନିୟନ୍ତ୍ରଣ କରିବା ସହ ଘାସ କାଟିବା ସହିତ ପୁରା ଜମିର ଦେଖାଶୁଣା କରିପାରିବ ।

# ବର୍ଷାଦିନେ କୁକୁଡ଼ାଙ୍କ ଯତ୍ନ

**ବାଡ଼ି ଅଗଣାରେ କୁକୁଡ଼ା ଚାଷ କରି ଆମ ରାଜ୍ୟର ଚାଷୀଭାଇମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ତେବେ ବର୍ଷାଦିନରେ ଅଗଣା, ବାଡ଼ି ଓଦା ଓ କାଦୁଅ ହୋଇଥାଏ । ଓଦା ପରିବେଶରେ ପୋକ, ମାଛି, ଫିମ୍ପି ବୃଦ୍ଧି ପାଉଥିବାବେଳେ ସେଠାରେ କୁକୁଡ଼ା ଚରିବା ଦ୍ୱାରା ସେମାନଙ୍କଠାରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ବସନ୍ତ, ପତଳାଝାଡ଼ା, କୃମିଜନିତ ସମସ୍ୟା, ଘୁମା ରୋଗ ଦେଖାଦେଇଥାଏ । ତେଣୁ ଏହି ଦିନେ କିପରି କୁକୁଡ଼ାଙ୍କ ଯତ୍ନ ନେବେ ଜାଣି ରଖନ୍ତୁ ।**

ଏହି ଦିନେ ସେମାନଙ୍କ ରହିବା ସ୍ଥାନକୁ ସଫା ଓ ଶୁଖିଲା ରଖିବା ଜରୁରି । ପାଣି ଜମିବାକୁ ଦିଅନ୍ତୁନି । ବର୍ଷାଦିନେ ସେମାନଙ୍କ ଶରୀରର ଶକ୍ତି ବୃଦ୍ଧି ପାଇଁ ପୌଷ୍ଟିକ ଖାଦ୍ୟ ଦେବା ଆବଶ୍ୟକ । ସଫା ପାଣି ପିଇବାକୁ ବନ୍ଦୋବସ୍ତ କରିବା ସହ ଶୁଖିଲା ଦାନା ଖାଇବାକୁ ଦେବା ଆବଶ୍ୟକ । ସାଧାରଣତଃ ବର୍ଷାଦିନେ ବସନ୍ତ ରୋଗ ହେବା ଦ୍ୱାରା କୁକୁଡ଼ାଙ୍କ ଆଖି ମୁହଁରେ ଫୋଟକା ସୃଷ୍ଟି ହୋଇଥାଏ । ଏଥିଯୋଗୁଁ କୁକୁଡା ଭଲ ଭାବେ ଦେଖିପାରନ୍ତିନି । ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଫାଉଲପକ୍ସ ନାମକ ବସନ୍ତ ଟିକା କୁକୁଡ଼ାକୁ ଦେବା ଜରୁରି । ମଛାମାଶିରୁ ସୁରକ୍ଷା ଦେବାକୁ ଫାର୍ମରେ ଜାଲି ଲଗାଇପାରିବେ । ଆଖପାଖରେ ପାଣି ଜମିବାକୁ ଦିଅନ୍ତୁନି । ନିମ୍ବ ଧୂଆଁ କିମ୍ବା ହର୍ବାଲ ସିଞ୍ଚନ କରିପାରିବେ । ଫାର୍ମରେ ଲାଇଟ୍ ଲଗାଇବା ଭଲ ବିକଳ୍ପ । ସେହିପରି ଓଦା ଦାନା, କାଠିକୁଟା, କୀଟ ଖାଇବା



ଦ୍ୱାରା କୁକୁଡ଼ାଙ୍କୁ ପତଳାଝାଡ଼ା ହୋଇପାରେ । ଏହି ଲକ୍ଷଣ ଦେଖିଲେ ଆଲବେଣ୍ଡାଜଲ ସିରାପକୁ ଗୋଟିଏ ଠିପା ଆଖିରେ ପକାଇପାରିବେ । କୁକୁଡ଼ାଙ୍କ ମୁଣ୍ଡବୁଲାଇବା ସମସ୍ୟା ତଥା ଘୁମାରୋଗ ଯୋଗୁଁ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏନେଇ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ କରନ୍ତୁ । ସେହିପରି କୁକୁଡ଼ାଙ୍କ କୃମିଜନିତ ସମସ୍ୟା ଲାଗି ବର୍ଷକୁ ୪ଥର କୃମିନାଶକ ବଟିକା ଦିଅନ୍ତୁ ।

# ଆଖୁ ପତ୍ର କଳା ପଡୁଥିଲେ

ଆଖୁ ଏକ ଅର୍ଥକାରୀ ଫସଲ । ଚିନି ଗୁଡ଼ ପ୍ରସ୍ତୁତି ପାଇଁ ଆଖୁର ବ୍ୟବହାର କରାଯାଏ । ଆଖୁ ଚାଷୀଙ୍କ ପାଇଁ ଅଗଷ୍ଟ ମାସ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସମୟଟି ଗଛ ବଢ଼ିବାର ସମୟ । ତା ସହିତ ଆଖୁରେ ଇଣ୍ଟରନୋଡ ତଥା ପବ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ । ସାଧାରଣତଃ ବର୍ଷାଦିନେ ଆଖୁ ଫସଲରେ ବିଭିନ୍ନ ପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ । ତନ୍ମଧ୍ୟରୁ ପତ୍ରଖିଆ ପୋକ, ଜଉପୋକ ଫସଲକୁ ଅଧିକ ପ୍ରଭାବିତ କରିଥାନ୍ତି । ପତ୍ରରୁ ରସ ଶୋଷି ନେଇଥାନ୍ତି । ଆଖୁ ପତ୍ରଗୁଡ଼ିକ ଧୀରେ ଧୀରେ କଳା ରଙ୍ଗ ହୋଇଯାଇଥାଏ । ଏହା ଗଛ ବୃଦ୍ଧିରେ ସମସ୍ୟା ସୃଷ୍ଟି କରିଥାଏ । ତେଣୁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ପତ୍ରରୁ ରସ ଶୋଷିନେଉଥିବା ଶୋଷକ କୀଟର ନିୟନ୍ତ୍ରଣ ପାଇଁ ୫ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି ଘୋଳ କରି ଏକ ହେକ୍ଟରରେ ସିଞ୍ଚନ କରିପାରିବେ । ବର୍ଷା ବଦଳରେ ଲଗାତାର ଖରାଟିଆ ପାଗ ରହିଲେ ଆଖୁ ଫସଲରେ ଦହିଆ ପୋକ ଲାଗିବାର ଆଶଙ୍କା ଅଧିକ ଦେଖାଯାଏ । ଏହି ପୋକ ଲାଗିଲେ ଗଛରେ ମେଞ୍ଚା ମେଞ୍ଚା ଦହି ଛିଞ୍ଚିହେବା ପରି ଲାଗିଥାଏ । ତେଣୁ ଏହାର ନିୟନ୍ତ୍ରଣ ପାଇଁ ଅନୁମୋଦିତ ହାରରେ ଇମିଡାକ୍ଲୋପ୍ରିଡ କୀଟନାଶକ ସିଞ୍ଚନ କରିବା ଆବଶ୍ୟକ । ଯଦି ଚାହିଁବେ ଫସଲରେ ଜୈବିକ ଖତ ତଥା କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରିପାରିବେ । ବର୍ଷା ସମୟରେ କୀଟନାଶକ ପ୍ରୟୋଗ କରିବା ଅନୁଚିତ । ଔଷଧ ସିଞ୍ଚନ ପରେ ଯଦି ବର୍ଷା ହୋଇଯାଏ କିମ୍ବା ପୋକ ଫସଲରେ ପୁଣି ଦୃଶ୍ୟମାନ ହୁଅନ୍ତି, ୨୦ରୁ ୨୫ ଦିନ ଅନ୍ତରରେ ଉପରୋକ୍ତ କୌଣସି ଏକ କୀଟନାଶକ ସିଞ୍ଚନ କରିପାରିବେ ।



# ଚାକିରି ଛାଡ଼ି ପାଣିରେ ଚାଷ

**ଅଧୁନା ଲୋକମାନେ ଆଧୁନିକ କୌଶଳରେ ଚାଷ କରୁଛନ୍ତି । ଏଥିରେ ହାଇଡ୍ରୋପୋନିକ ଚାଷ ଅନ୍ତର୍ଭୁକ୍ତ । ଏହି କୌଶଳରେ ଚାଷୀମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି । ତେଣୁ ଚାଷର ଚାହିଦା ଦେଖି ବିହାର, କଙ୍କଡବାଗ ଅଞ୍ଚଳର ମହମ୍ମଦ ଜାଭେଦ ସରକାରି ଚାକିରି ଛାଡି ହାଇଡ୍ରୋପୋନିକ କୌଶଳରେ ନର୍ସରୀ ଚଳାଉଛନ୍ତି । ଏହାସହିତ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।**

୧୯୯୩ ମସିହାରେ ପାଟଣା କୃଷି ବିଜ୍ଞାନ କେନ୍ଦ୍ରରେ ସେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ହାଇଡ୍ରୋପୋନିକ କୌଶଳ ସହିତ ଜଡିତ ଜ୍ଞାନ ତାଙ୍କୁ ପ୍ରଭାବିତ କରିଥିଲା । ତେଣୁ ସେ ବିନା ମାଟିରେ ପନିପରିବା ସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଇନଡୋର ଏବଂ ଆଉଟଡୋର ଗଛକୁ ପାଣିରେ ଲଗାଇଲେ । ୨୦୨୦ ମସିହାରେ ସେ ଘରେ ହାଇଡ୍ରୋପୋନିକ କୌଶଳରେ ଇନଡୋର ଏବଂ ଆଉଟଡୋର ଗଛର ଏକ ଦୋକାନ ମଧ୍ୟ ଖୋଲିଥିଲେ । ଏଠାରେ ୧୦୦ଟଙ୍କାରୁ ନେଇ ୧୦୦୦ଟଙ୍କାର ଗଛ ଉପଲବ୍ଧ ଥିଲା । ଅବଶ୍ୟ ଏହି କାମ ପାଇଁ ସେ ଚାରିଜଣଙ୍କୁ ରୋଜଗାର ଦେଇଥିଲେ । ହାଇଡ୍ରୋପୋନିକ କୌଶଳରେ ବ୍ୟବସାୟ ସହିତ ଘର, ଛାତ, ବାଲ୍‌କୋନି ସବୁଠି ଫଳ ପନିପରିବା ଫଳାଇଛନ୍ତି । ସମନ୍ୱିତ କୃଷି ପ୍ରଣାଳୀରେ ସେ ଘର ଛାତରେ କୁକୁଡ଼ା, ସ୍ୱତନ୍ତ୍ର ପକ୍ଷୀ, ମାଛ ପାଳନ କରୁଛନ୍ତି । ବର୍ତ୍ତମାନ ତାଙ୍କ ପାଖେ ୩୦୦ରୁ ଅଧିକ ଗଛ ରହିଛି । ତନ୍ମଧ୍ୟରୁ ବାଇଗଣ, ଜହ୍ନି, ଟମାଟୋ, ଲଙ୍କା, ଲାଉ ସହିତ ଅନେକ ପନିପରିବା, ଫଳ, ଅଳଙ୍କାରିକ ଗଛ ଆଦି ସାମିଲ ରହିଛି । ସବୁଠୁ ବଡ଼ କଥା ହେଉଛି, ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀରେ ସେ ଭୂଜଳସ୍ତର ସମନ୍ୱୟ ରଖିବାରେ ଯୋଗଦାନ ଦେଉଛନ୍ତି ।

ବିଦ୍ୟାର୍ଥୀଙ୍କୁ ସେ ଏ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ




ଦେଉଛନ୍ତି । ତାଙ୍କ କହିବାନୁସାରେ, ହାଇଡ୍ରୋପୋନିକ କୌଶଳରେ ଗଛର ମୂଳର ସଂରଚନା ସ୍ପଷ୍ଟ ରୂପେ ଦେଖାଯାଇଥାଏ । ଯାହାକି ମାଟିରେ ସମ୍ଭବ ହୁଏ ନାହିଁ । କେବଳ ପାଣି ବ୍ୟବହାର କରି ଏହି ଚାଷ କରିବା ସମ୍ଭବ । ଏନେଇ ସେ ହାଇଡ୍ରୋପୋନିକ୍ ଚାଷ ଉପରେ ୧୧ଟି ବହି ଲେଖିଛନ୍ତି । ଏଥିରେ ବିଭିନ୍ନ ପଦ୍ଧତିରେ ଗଛର ଦେଖାରଖା, ସହରରେ ଚାଷ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି । ଭବିଷ୍ୟତରେ ହାଇଡ୍ରୋପୋନିକ ଚାଷର ଆଦର ବଢ଼ିବ । ଏଥିରେ କମ୍ ପାଣି ଏବଂ ଅଳ୍ପ ସମୟ ଲାଗିଥାଏ । ଏଥିରେ ମାଟିର ଆବଶ୍ୟକତା ନ ଥିବାରୁ ଘରେ ଜଳବାୟୁ ନିୟନ୍ତ୍ରଣ କରି ଚାଷ କରାଯାଏ । କେବଳ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ତରଳ ସାର ପ୍ରୟୋଗ କରାଯାଏ । ବର୍ତ୍ତମାନ ସେ ପାଣି ସାହାଯ୍ୟରେ ହାଇଡ୍ରୋପୋନିକ ପଦ୍ଧତିରେ ଗହମ ଉତ୍ପାଦନ କରୁଛନ୍ତି । ଏଥିରେ ଯଦି ସଫଳ ହୁଅନ୍ତି ଭବିଷ୍ୟତରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇପାରିବ ।



ସକାଳ
THE SAKALA
www.sakalaepaper.com

# ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ ଆଜି

ମୁମ୍ବାଇ, ୧୮।୮ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ହିରୋର ପ୍ରଦର୍ଶନ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୭୫୦ ରନ୍ ସଂଗ୍ରହ ଓ ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଇ ୬୫୦ରୁ ଉଦ୍ଧର୍ ରନ୍ ସଂଗ୍ରହ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଖେଳାଯିବ ଏସିଆ କପ୍। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଗତ ୩ଟି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଏସିଆ କପ୍ ଟିମ୍‌ରେ ସ୍ଥାନ ମିଳି ନ ପାରେ। ଏହା ମଧ୍ୟରେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇରେ ପହଞ୍ଚିଛନ୍ତି। ସେ ଆସନ୍ତାକାଲି ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହାର ଅର୍ଥ ସ୍ପଷ୍ଟ ଯେ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦଳର ଅଧିନାୟକ ରହିବେ। ସେ ଚାହୁଁଥିବା ଖେଳାଳିଙ୍କୁ ନିଶ୍ଚିତ ଦଳରେ ସୁଯୋଗ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଚୟନ କମିଟିର ସବୁଠାରୁ ବଡ଼ ଚିନ୍ତା ଶୁବମନ ଗିଲ୍‌ଙ୍କୁ ନେଇ। ଏବେ ଦଳରେ ସଞ୍ଜୁ



- ସେପ୍ଟେମ୍ବର ୯ରୁ ଆରମ୍ଭ ଏସିଆ କପ୍
- ୧୪ରେ ଭାରତ-ପାକିସ୍ତାନ ମୁକାବିଲା
- ସାମିଲ ହୋଇ ନ ପାରନ୍ତି କିଛି ପ୍ରମୁଖ ଖେଳାଳି

କରିଥିବା ଖେଳାଳିମାନଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ଯେଉଁ ଖେଳାଳିମାନେ ମ୍ୟାଚ୍ ଜିତାଇଛନ୍ତି, ସେମାନଙ୍କୁ ବାଦ୍ ଦେବାକୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ବିସିସିଆଇ ସିନିୟର ସିଲେକ୍ସନ କମିଟି ଆଦୌ ଚାହିଁ ନାହିଁ। ଚୟନ କମିଟି ଯଦି ତାହାର ଚିନ୍ତାଧାରାରେ ତିଷ୍ଠି ରୁହେ, ତେବେ ଫର୍ମରେ ଥିବା ଦୁଇ ଖେଳାଳି ଶୁବମନ ଗିଲ୍ ଓ ଇଂଲଣ୍ଡରେ ଧମାକାଦାର ଖେଳ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ଖେଳୁଛନ୍ତି। ଇଂଲଣ୍ଡ ବିପକ୍ଷରେ ୫୪ ବଲ୍‌ରୁ ୧୫୫ ରନ୍ ସଂଗ୍ରହ କରିବା ପରେ ଅଭିଷେକ ବିଶ୍ୱର ନଂ-୧ କିମ୍ବା ୨ ନମ୍ବର ବ୍ୟାଟର ଭାବେ ଆଇସିସି ର‌୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ବାଂଲାଦେଶ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତିଳକ ବର୍ମାଙ୍କୁ ନଂ-୩ରୁ ହଟାଇବାକୁ ଚୟନ କମିଟି ସାହସ କରିବ ନାହିଁ। ଏପରି ସ୍ଥଳେ ସାମସନ, ଶର୍ମା ଓ ବର୍ମାଙ୍କ ସ୍ଥାନ ପ୍ରଥମ ୩ଟି ପୋଜିସନରେ ସୁରକ୍ଷିତ। ଏଣୁ ଦ୍ୱିତୀୟ ଓପନର ଭାବେ ଗିଲ୍‌ଙ୍କ ପରି ବ୍ୟାଟରଙ୍କୁ ଦଳରେ ସାମିଲ କରି ନ ଖେଳାଇବା ଟିମ୍ ଉପରେ ଖରାପ ପ୍ରଭାବ ପକାଇବ। ଗିଲ୍ ଏବେ କ୍ୱାଲିଟୀ ଓ ସଫଳତା ଦୃଷ୍ଟିରୁ ବିରାଟ କୋହଲିଙ୍କ ସହ ସମକକ୍ଷ ହେଉଛନ୍ତି। ଏଣୁ ଗୌତମ ଗମ୍ଭୀରଙ୍କ ସୁପାରିସ୍ ବିନା ଗିଲ୍ ଯେ ଦଳରେ ସ୍ଥାନ ପାଇବେ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଗତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ଗିଲ୍‌ଙ୍କୁ ଦଳରେ ଷ୍ଟାଣ୍ଡବାଇ ଖେଳାଳିଭାବେ ନିଆଯାଇଥିଲା। ଏହା ପରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଅଧିନାୟକ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏଭଳି ସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଗଲେ କେଉଁ ପୋଜିସନରେ ଖେଳାଇବେ ତାହାକୁ ନେଇ ଚିନ୍ତା। ଏବେ ନଂ-୪ରେ ସୂର୍ଯ୍ୟକୁମାର ଯାଦବ, ଆବଶ୍ୟକ ହେଲେ ଶ୍ରେୟସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂ ଏମାନଙ୍କ ପଛରେ ବ୍ୟାଟିଂ କରିବାକୁ ଆସିବେ। ଗିଲ୍‌ଙ୍କ ଭଳି ଆୟର ମଧ୍ୟ ଦଳରେ ସ୍ଥାନ ପାଇବାର ଆଶା କମ୍। ଏଣୁ ଦୁଇ ସଫଳ ଖେଳାଳିଙ୍କୁ କିପରି ବାଦ୍ ଦିଆଯିବ, ଏହାର ପ୍ରଭାବ ଦଳ ଓ ଖେଳାଳିଙ୍କ ଉପରେ କିପରି ପଡ଼ିବ ତାହାକୁ ନେଇ ଏବେ ଚୟନ କମିଟି ଚିନ୍ତାରେ ରହିଛି।

ୱିକେଟକିପର ଭାବେ ସଞ୍ଜୁ ସାମସନ ରହିଥିଲାବେଳେ ଦ୍ୱିତୀୟ କିପର ଭାବେ ଜିତେଶ ଶର୍ମା ସ୍ଥାନ ପାଇବେ। ସ୍ପିନର ଭାବେ ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ଏକପ୍ରକାର ନିଶ୍ଚିତ। କିନ୍ତୁ କୁଲଦୀପ ଯାଦବଙ୍କୁ ଯଦି ଦଳରେ ନେବାକୁ ସ୍ଥିର କରାଯାଏ ତେବେ ଏମାନଙ୍କ ସ୍ଥାନରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏପରିକି ରବି ବିଷ୍ଣୋଇଙ୍କୁ ମଧ୍ୟ ସ୍ଥାନ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯଶପ୍ରୀତ୍ ବୁମ୍‌ରା ଫିଟ ଥିବାରୁ ସେ ନଂ-୧ ପେସ୍ ବୋଲର ଭାବେ ରହିବେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସର୍ବାଧିକ ୧୪ଟି ୱିକେଟ ନେବା ଓ ଉତ୍ସାହଜନକ ଖେଳି ଭାରତକୁ ସିରିଜ୍ ବରାବର କରାଇଥିବା ମହମ୍ମଦ୍ ସିରାଜଙ୍କୁ ଏହି ଟିମ୍‌ରେ ସ୍ଥାନ ହାସଲ କରିବାକୁ ସଂଘର୍ଷ କରିପାରନ୍ତି। ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଯୋଡିକୁ ଅଲଗା କରାଯିବ ନାହିଁ। ପାଣ୍ଡ୍ୟା ମଧ୍ୟ ପେସ୍ ବୋଲିଂ କରିବେ। ଶିବମ ଦୁବେଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତ ୪ଜଣ ଅଲରାଉଣ୍ଡରଙ୍କୁ ସାମିଲ କଲେ ପାଣ୍ଡ୍ୟା, ଦୁବେ, ସୁନ୍ଦର ଓ ଉପଅଧିନାୟକ ପଟେଲଙ୍କୁ ଦଳରେ ସ୍ଥାନ ମିଳିବ। ଏଠାରେ ସୂଚନାଯୋଗ୍ୟ ଏସିଆ କପ୍ ଲାଗି ୧୫ଜଣ ଖେଳାଳିଙ୍କୁ ସାମିଲ କରାଯିବ। ଏଣୁ ଚୟନ କମିଟି କିଛି କଡ଼ା ନିଷ୍ପତ୍ତି ନେବା ନିଶ୍ଚିତ। କାରଣ ଭଲ ଖେଳୁଥିଲେ ମଧ୍ୟ ସମସ୍ତଙ୍କୁ ୧୫ଜଣଙ୍କ ମଧ୍ୟରେ ସାମିଲ କରିବା କଷ୍ଟକର। ଆସନ୍ତାକାଲି ବା ମଙ୍ଗଳବାର ହେବାକୁ ଥିବା ବୈଠକରେ ଏହା ଚୂଡାନ୍ତ ହେବ।

## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ରଞ୍ଜନ, ଶୁଭ୍ରଜିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୮।୮ (ସମିସ): ପେରୁରେ ଅନୁଷ୍ଠିତ ପେରୁ ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭଲ-୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଦୀପ୍‌ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା ପଦକ ସଫଳତା ପାଇଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲସ୍ ୩- ଏସ୍‌ୟୁ ୪ କାଟାଗୋରୀରେ



ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ମନୋଜ ସରକାରଙ୍କୁ ସାଥୀ କରି କୋର୍ଟକୁ ଅବତୀର୍ଣ୍ଣ ହୋଇଥିଲେ। ସେହିଭଳି ଏହି କାଟାଗୋରୀରେ ଓଡ଼ିଶାର ଶୁଭ୍ରଜିତ ଓ ତାଙ୍କ ପାର୍ଟନର ମହମ୍ମଦ ଅରୱାଜ ଅନସାରୀ ଯୋଡ଼ି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛନ୍ତି। ଫଳରେ ଓଡ଼ିଶା ଖେଳାଳିମାନେ ମୋଟ୍ ଉପରେ ୩ଟି ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ଲାଗି ଦୀପ୍‌ରଞ୍ଜନ ଓ ଶୁଭ୍ରଜିତ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

**● ଜାତୀୟ ଜୁନିଅର ହକି ଚାମ୍ପିଅନସିପ୍**

## ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୧୮।୮ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଖେଳିଥିବା ଏହାର ୨ୟ ପୁଲ୍ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ଏକପାଖିଆ ଭାବେ ୧୦-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ, କରଣ ଲାକ୍ରା, ଦୀପକ ପ୍ରଧାନ ଓ ବିଲକାନ ଓରାମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ମାତ୍ ଦେଇଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଓଡ଼ିଶା ପୁଲ୍-ଡି'ରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

**● ରାଜ୍ୟ ଜୁନିଅର ଓ ସବଜୁନିଅର ପେଙ୍କାକ ସିଲାଟ**

## ଝାରସୁଗୁଡ଼ା ଚାମ୍ପିଅନ



ଭୁବନେଶ୍ୱର, ୧୮।୮ (ସମିସ): ଝାରସୁଗୁଡ଼ାର ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଙ୍କାକ ସିଲାଟ ଚାମ୍ପିଅନସିପର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପେଙ୍କାକ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ୨ୟ ଓ ଖୋର୍ଦ୍ଧା ୩ୟ ସ୍ଥାନ ହାସଲ କରିଛି। ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ, କ୍ୟାପଟେନ ମାନସ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, କୋଷାଧ୍ୟକ୍ଷ ଭବାନୀ ସାହୁ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଭାରତୀୟ ମହାସଂଘର ଆଇଟି ଡାଇରେକ୍ଟର ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ସାଫ୍ ଚାମ୍ପିଅନସିପ୍ ଭାରତୀୟ ଦଳରେ ରୀତୁ



କଟକ, ୧୮।୮ (ସମିସ): ଭୁଟାନରେ ଖେଳାଯିବାକୁ ଥିବା ଆଗାମୀ ସାଫ୍ ଚାମ୍ପିଅନସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ୍ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷିତ ୨୩ ଜଣିଆ ଦଳରେ ଓଡ଼ିଶାର ରୀତୁ ବଡ଼ାଇକ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୦ରେ ନେପାଳ ବିପକ୍ଷରେ ଖେଳି ଭାରତ ସାଫ୍ ଚାମ୍ପିଅନସିପରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ରୀତୁଙ୍କୁ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ସୋମବାର ଡ. ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ




ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓସ୍‌ଜାର ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ସଞ୍ଜୀବ ବିଶ୍ୱାଳ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଓସ୍‌ଜାର କର୍ମକର୍ତ୍ତାଙ୍କ ମଧ୍ୟରେ ସୌଖିନ ବନ୍ଧୁକ ଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବାହୁ କୁସ୍ତି ୨ଟି ଓଜନ ବର୍ଗରେ ହୋଇଥିଲା। ୭୫ କିଗ୍ରାରୁ କମ୍ ବର୍ଗରେ ତୁଷାର ସେନାପତି, ଶକ୍ତିପ୍ରସାଦ ନନ୍ଦ ଓ ରଞ୍ଜନ ରାୟ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ୭୫ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ସନ୍ଦୀପ ମିଶ୍ର, ଅନାଦି କର ଓ ସଞ୍ଜୀବ ବିଶ୍ୱାଳ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁଟିଂ ଇଭେଣ୍ଟ ୩ଟି ବୟସ କାଟାଗୋରୀକୁ ନେଇ ଆୟୋଜିତ ହୋଇଥିଲା। ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ ସ୍ୱର୍ଣ୍ଣ, ଚକ୍ରଧର ମାଝୀ ରୌପ୍ୟ ଓ ତୁଷାର ସେନାପତି କାଂସ୍ୟ ପଦକ ପାଇଥିଲେ। ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ ଓ ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ ଓ ରଜନୀକାନ୍ତ ଶତ୍ରୁସଲ୍ୟ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ଉଭୟ ପ୍ରତିଯୋଗିତାର ମହିଳାବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ହୋଇଥିଲେ। ଓସ୍‌ଜାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡା ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଲୋକସେବା ଭବନ ପରିସରରେ ପଣ୍ଡା ଭଉଣୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଆଶୀର୍ବାଦ ଲୋଡିଥିଲେ। ଅଗଷ୍ଟ ୨୫ରୁ ୩୧ ତାରିଖଯାଏ ପ୍ୟାରିସ୍‌ରେ ୱାର୍ଲ୍ଡ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗନେଉଥିବା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କୁ ସରକାର ସମସ୍ତପ୍ରକାର ସହାୟତା ଯୋଗାଇଦେଇ ଆସୁଛନ୍ତି।

**ବୁଚି ବାବୁ କ୍ରିକେଟ୍**

## ଓଡ଼ିଶା ବିପକ୍ଷରେ ନିତ୍ୟଙ୍କ ଶତକ

କଟକ,୧୮।୮ (ସମିସ): ବେଙ୍ଗାଲୁରୁରେ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ସିପିଟି ଟର୍ଫ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଦଳ ବରୋଦାକୁ ଭେଟିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ଦଳ ୩୮୧ ରନ ସଂଗ୍ରହ କରିଛି। ତେବେ ନିୟମ ମୁତାବକ ପ୍ରତ୍ୟେକ ଦଳ ପ୍ରଥମ ଇନିଂସ୍‌ରେ ସର୍ବାଧିକ ୯୦ ଓଭର ଓ ଦ୍ୱିତୀୟ ଇନିଂସ୍‌ରେ ସର୍ବାଧିକ ୪୫ ଓଭର ଖେଳି ପାରିବେ। ଏଣୁ ତ୍ରିଦିବସୀୟ ଏହି ମ୍ୟାଚ୍‌ରେ ମଙ୍ଗଳବାର ସକାଳୁ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଓଡ଼ିଶା ବ୍ୟାଟିଂ ଆରମ୍ଭ କରିବ।

ବରୋଦା ଅଧିନାୟକ ଅଭିମନ୍ୟୁ ସିଂହ ରାଜପୁତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୭୩ ରନ ସଂଗ୍ରହ କରିଥିଲା। ଓପନର ହର୍ଷ ଦେଶାଇଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ ବାମହାତୀ ସ୍ପିନର ସୁମିତ ଶର୍ମା। ଦ୍ୱିତୀୟ ୱିକେଟରେ ଓପନର ନିତ୍ୟ ପାଣ୍ଡ୍ୟା ଏବଂ ସୁକୀର୍ତ୍ତି ପାଣ୍ଡେଙ୍କ ୧୧୪ ରନର ଭାଗୀଦାରୀ ବରୋଦାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ନିତ୍ୟ ୧୭୫ ବଲରୁ ୧୦୨ ରନ ସଂଗ୍ରହ କରି ତରଣୀ ସ'ଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁକୀର୍ତ୍ତି ୮୫ ରନର ପାଳି ଖେଳିଥିଲେ। ମଧ୍ୟକ୍ରମରେ ପାର୍ଥ କୋହଲି ୪୮, ମୋହିତ ମୋଙ୍ଗିଆ ୨୨, ଅଧିନାୟକ ଅଭିମନ୍ୟୁ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ୱିକେଟକିପର ଅକ୍ଷୟ ମୋରେ ୨୦ ଏବଂ ପ୍ରଦୀପ ଯାଦବ ୧୪ ରନରେ ଅପରାଜିତ ଥିଲେ। ଓଡ଼ିଶା ନିମନ୍ତେ ସୁନୀଲ କୁମାର ରାଉଳ ୨ଟି ଏବଂ ତରଣୀ ସ, ସମ୍ବିତ ବରାଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଦୁଲୀପ ଟ୍ରଫି: ଇଶାନଙ୍କ ସ୍ଥାନରେ ଅଭିମନ୍ୟୁ ପୂର୍ବାଞ୍ଚଳ ଅଧିନାୟକ

କୋଲକାତା,୧୮।୮ (ଏଜେନ୍ସି): ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଇଶାନ କିସାନ ଅଗଷ୍ଟ ୨୮ ରୁ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ମଧ୍ୟରେ ଖେଳାଯିବାକୁ ଥିବା ଦୁଲୀପ ଟ୍ରଫିର ମ୍ୟାଚ୍ ଖେଳିପାରିବେ ନାହିଁ। କିସାନ ଏବେ ସୁଦ୍ଧା ପୂରା ଫିଟ୍ ହୋଇନାହାନ୍ତି। ଏଣୁ ଏନ୍‌ସିଏରୁ ଫିଟ୍‌ନେସ ସାର୍ଟିଫିକେଟ ପାଇବା ପରେ ତାଙ୍କୁ ଦଳରେ ସାମିଲ କରାଯିବ। ସେହିପରି ଆକାଶ ଦୀପ୍‌ଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଯାହା ଫଳରେ ତାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ୪ଟି ମ୍ୟାଚ୍ ଖେଳିଥିଲେ। ଆଘାତ ଯୋଗୁଁ ସେ ଚତୁର୍ଥ ଟେଷ୍ଟରେ ଖେଳି ପାରି ନ ଥିଲେ। ଏହି ଦୁଇଟି ପରିବର୍ତ୍ତନ ଫଳରେ ବେଙ୍ଗଲର ଅଭିମନ୍ୟୁ ଈଶ୍ୱରନଙ୍କୁ ପୂର୍ବାଞ୍ଚଳ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଶାନଙ୍କ ସ୍ଥାନରେ ଓଡ଼ିଶାର ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଆକାଶଦୀପଙ୍କ ସ୍ଥାନରେ ଆସାମର ପେସ୍ ବୋଲର ମୁକ୍ତାର ହୁସେନଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି।

## ଦଳ କିଣିବ ମହାପାତ୍ର ୟୁନିଭର୍ସାଲ ଲିମିଟେଡ

କଟକ,୧୮।୮ (ସମିସ): ଆଗାମୀ ଦିନରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗ୍‌କୁ ପ୍ରଥମ ଫ୍ରାଞ୍ଚାଇଜ୍ ମିଳିଛି। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ଫ୍ରାଞ୍ଚାଇଜ ଘୋଷିତ ହେବା ସହ ଏହା ଦଳ କିଣିବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ କରାଯାଇଥିଲା। ଏହି କ୍ରମରେ ସମସ୍ତ ମାନଦଣ୍ଡକୁ ପୂରଣ କରି ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ପ୍ରଥମ ଫ୍ରାଞ୍ଚାଇଜ ହୋଇପାରିଛି। ପ୍ରକାଶଯୋଗ୍ୟ, ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS